# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୯/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, March 19/2023 Page 16 ₹ 7.00

୪୯ଶ ଭାଗ ୧୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 113 ମୂଲ୍ୟ₹୭/-




ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ' ପ୍ରଦାନ କାର୍ଯ୍ୟକ୍ରମରେ ଇମ୍ଫା ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡାଙ୍କୁ ମୁଖ୍ୟ ଅତିଥି ତଥା ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ।

# ଶିଳ୍ପ ଓ ଶିଳ୍ପାୟନ ଓଡ଼ିଶାର ଭବିଷ୍ୟତ

## ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡର ତୃତୀୟ ସଂସ୍କରଣ

ଭୁବନେଶ୍ୱର, ୧୮।୩ (ବ୍ୟୁରୋ)

ଶିଳ୍ପ ଅର୍ଥ ଏକ ବଡ଼ କାରଖାନା ହୋଇଥିବ, ସେଥିରୁ ଧୂଆଁ ବାହାରୁଥିବ। ତାହା ସରକାର ନିର୍ମାଣ କରିବେ ଏବଂ ଆମକୁ ଚାକିରି ଦେବେ। ଶିଳ୍ପକୁ ନେଇ ସାଧାରଣତଃ ସମସ୍ତଙ୍କ ମନରେ ଏଭଳି ଧାରଣା ଥାଏ। ମାତ୍ର ସେହି ସ୍ତର ପର୍ଯ୍ୟନ୍ତ ପହଞ୍ଚିବାକୁ ହେଲେ ଏକ ସୁଦୃଢ଼ ଭିତ୍ତିଭୂମିର ଆବଶ୍ୟକତା ରହିଛି। ଭିତ୍ତିଭୂମି ତିଆରି କରିବାକୁ ହେଲେ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ। ଓଡ଼ିଶାରେ ପ୍ରଥମେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଶିଳ୍ପାୟନର ମୂଳଦୁଆ ପକାଇଥିଲେ। ଶିଳ୍ପ ଓ ଶିଳ୍ପାୟନ ଓଡ଼ିଶାର ଭବିଷ୍ୟତ ବୋଲି ଶିଳ୍ପ, ଶକ୍ତି ତଥା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି।

ଦୈନିକ ଖବରକାଗଜ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମିଳିତ ଆନୁକୂଲ୍ୟରେ ଶନିବାର ଭୁବନେଶ୍ୱରସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ'ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଦେବ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏକ ପ୍ରତିଷ୍ଠିତ ଗଣମାଧ୍ୟମ ହୋଇଥିବାରୁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ରଖିବାରେ ଏହା ଏକ ଉତ୍କୃଷ୍ଟ ପ୍ଲାଟଫର୍ମ। ୯୦ ଦଶକରେ ଓଡ଼ିଶା ଶିଳ୍ପରେ ଉଠିବା ଆରମ୍ଭ କରିଥିଲେ ବି ସେପରି କିଛି ଆଖିଦୃଶିଆ ସଫଳତା ମିଳି ନ ଥିଲା। ୧୯୯୬-୯୭ ବେଳକୁ ଅନ୍ତର୍ଜାତୀୟ ବଜାରରେ ମେଟାଲ୍‌ର ଚାହିଦା ବଢ଼ିଥିଲା। ଓଡ଼ିଶାରେ ସବୁ ପ୍ରକାର ଧାତୁ ଗଚ୍ଛିତ ରହିଥିବାରୁ ଖଣି କ୍ଷେତ୍ରରେ ରାଜ୍ୟର ଅଗ୍ରଗତି ଆରମ୍ଭ ହୋଇଥିଲା। ଓଡ଼ିଶାକୁ ନିର୍ମାଣର କେନ୍ଦ୍ରସ୍ଥଳ କରିବା ପାଇଁ ସାମୂହିକ ଉଦ୍ୟମ ଲୋଡ଼ା। ଏଠାରେ ଶିଳ୍ପାୟନ ପାଇଁ ବହୁତ ସୁଯୋଗ ରହିଛି। ସରକାର ସବୁ ସୁବିଧାସୁଯୋଗ ସହ ସବ୍‌ସିଡି ମଧ୍ୟ ପ୍ରଦାନ କରୁଛନ୍ତି। ବାହାର ରାଜ୍ୟର ଉଦ୍ୟୋଗୀମାନେ ଏଥିପାଇଁ ଆଗ୍ରହ ଦେଖାଉଥିବାବେଳେ ଓଡ଼ିଶାର ଲୋକମାନେ ଆଗକୁ ଆସୁନାହାନ୍ତି। ତେଣୁ ଶିଳ୍ପ କ୍ଷେତ୍ରରେ ଅଗ୍ରଗତି କରିବାକୁ ହେଲେ ପ୍ରଥମେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ସ୍ୱାଗତ ଭାଷଣ ଦେଇ କହିଲେ, ଓଡ଼ିଶା ଏକ କୃଷିଭିତ୍ତିକ ସମାଜରୁ ଶିଳ୍ପ ତଥା ବ୍ୟବସାୟିକ ବାତାବରଣକୁ ରୂପାନ୍ତରିତ ହୋଇଛି। ଏହି ରୂପାନ୍ତରଣ କ୍ଷେତ୍ରରେ ବ୍ୟବସାୟୀ ତଥା ଉଦ୍ୟୋଗୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଯାହାକି ଆସନ୍ତା କିଛିବର୍ଷ ଭିତରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିପାରିବ। ☞ପୃଷ୍ଠା-୪

### ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ରଖିବାରେ 'ଧରିତ୍ରୀ' ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ: ମନ୍ତ୍ରୀ

# ମାଟ୍ରିକ୍ ପ୍ରଶ୍ନପତ୍ରରେ ତ୍ରୁଟି

- ମୁଦ୍ରଣଜନିତ ଭୁଲ୍ ବୋଲି ସ୍ୱୀକାର କଲା ବୋର୍ଡ
- 'ବି' ସେଟ୍‌ରେ ବ୍ୟାପକ ତ୍ରୁଟି
- ୧୯ ନମ୍ବର ପ୍ରଶ୍ନ ଗାଏବ
- ପରୀକ୍ଷାର୍ଥୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯିବ: ବୋର୍ଡ

କଟକ ଅଫିସ,୧୮।୩

ମାଟ୍ରିକ ପରୀକ୍ଷାରେ ବିଭ୍ରାଟ ପିଛା ଛାଡୁନି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ପକ୍ଷରୁ ପରିଚାଳିତ ସମ୍ମେଟିଭ୍-୨ ପରୀକ୍ଷା ସୋମବାର ପରୀକ୍ଷା ଶେଷ ହେବାକୁ ଥିବାବେଳେ ଶନିବାର ସାମାଜିକ ବିଜ୍ଞାନ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଦେଖାଦେଇଛି। ବିଭିନ୍ନ ପରୀକ୍ଷା କେନ୍ଦ୍ରରେ 'ବି' ସେଟ୍ ପ୍ରଶ୍ନପତ୍ର ଭିତରୁ 'ଏ' ସେଟର ପ୍ରଶ୍ନ ବାହାରିଥିବା ବେଳେ କେତେକ ପ୍ରଶ୍ନପତ୍ରରେ ଗୋଟିଏ ପ୍ରଶ୍ନ ଏକାଧିକ ଥର ଥିବା ଦେଖିବାକୁ ମିଳିଥିଲା। ଆଉ କେତୋଟି ପ୍ରଶ୍ନପତ୍ରରେ ଗୋଟିଏ ପ୍ରଶ୍ନ ନ ଥିବାନେଇ ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ଏପରିକି ସମୁଦାୟ ୫୦ଟି ପ୍ରଶ୍ନରୁ ଗୋଟିଏ ପ୍ରଶ୍ନ ଗାଏବ ଥିଲା। ଏଭଳି ତ୍ରୁଟି ପରିଲକ୍ଷିତ ହେବା ପରେ ଛାତ୍ରୀଛାତ୍ରମାନେ ଚିନ୍ତାରେ ପଡ଼ି ଯାଇଥିଲେ। ଅପରପକ୍ଷରେ ଏଭଳି ତ୍ରୁଟିକୁ ବୋର୍ଡ ସ୍ୱୀକାର କରିବା ସହ ଏହାକୁ ମୁଦ୍ରଣ ଜନିତ ତ୍ରୁଟି ବୋଲି କହିଛି। ଏପରି କି ଏହି ତ୍ରୁଟି ପାଇଁ ଛାତ୍ରୀଛାତ୍ରଙ୍କ ଗୋଟିଏ ବି ମାର୍କ କଟିବନି ବୋଲି ବୋର୍ଡ ପକ୍ଷରୁ ପ୍ରତିଶ୍ରୁତି ମିଳିଛି।

ଶନିବାର ସାମାଜିକ ବିଜ୍ଞାନ ପରୀକ୍ଷା ଆରମ୍ଭରୁ ପ୍ରଶ୍ନପତ୍ର ବିଭ୍ରାଟ ଖବର ସାମ୍ନାକୁ ଆସିଥିଲା। ଜଗତ୍‌ସିଂହପୁର ଜିଲାର ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ଗଜପତି ଜିଲାର ପାରଳାଖେମୁଣ୍ଡି, ଢେଙ୍କାନାଳ, ନୟାଗଡ଼, ବାଲେଶ୍ୱର, କଟକ ଏବଂ ବରଗଡ଼ ଆଦି ଜିଲାର ବିଭିନ୍ନ ବିଦ୍ୟାଳୟରେ ଏଭଳି ସମସ୍ୟା ଦେଖାଦେଇଛି। ଯାଞ୍ଚ ପରେ ୪ଟି ସେଟ୍ ମଧ୍ୟରୁ ବି' ସେଟରେ ବ୍ୟାପକ ତ୍ରୁଟିଥିବା ଜଣାପଡ଼ିଥିଲା। ଏନେଇ ☞ପୃଷ୍ଠା-୪




ପ୍ରଶ୍ନପତ୍ରର ଉପର ପୃଷ୍ଠାରେ ସେଟ୍ ବି' ଲେଖା ହୋଇଥିବାବେଳେ ଭିତର ପୃଷ୍ଠାରେ ସେଟ୍ ଏ' ଲେଖାଥାଇ ପ୍ରଶ୍ନ ରହିଛି।

### ପ୍ରଶ୍ନପତ୍ର ଭାଇରାଲ ହୋଇନି: ମନ୍ତ୍ରୀ

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ବିଭ୍ରାଟ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରତିକ୍ରିୟା ରଖି କହିଛନ୍ତି, ପ୍ରଶ୍ନପତ୍ର ଲିକ୍ ହୋଇନାହିଁ। ମୁଦ୍ରଣଜନିତ ତ୍ରୁଟି ହୋଇଛି। ଇତିହାସ, ରାଜନୀତି ବିଜ୍ଞାନ 'ବି' ସେଟ୍ ପ୍ରଶ୍ନରେ କିଛି ତ୍ରୁଟି ରହିଛି। ପ୍ରଶ୍ନପତ୍ରରେ କିଛି ମୁଦ୍ରଣଜନିତ ତ୍ରୁଟି ରହିଥିବାନେଇ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ସ୍ପଷ୍ଟୀକରଣ ମଧ୍ୟ ଦିଆସରିଛି ବୋଲି ମନ୍ତ୍ରୀ କହିଛନ୍ତି। ଖାଲି ସେତିକି ନୁହେଁ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଆଶ୍ୱାସନା ଦେଇ ଏହି ତ୍ରୁଟିକୁ ନେଇ କୌଣସି ଚିନ୍ତା କରିବାର ଆବଶ୍ୟକତା ନାହିଁ। କୌଣସି ଅସୁବିଧା ହେବ ନାହିଁ। ମୂଲ୍ୟାୟନ ସମୟରେ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ଭୁଲ୍ ଆସିଥିବା ଅଭିଯୋଗ ☞ପୃଷ୍ଠା-୪

# ପୁରୀରେ ହଣାକଟା

## ମାର୍କେଟ ଛକରେ ଗୋଷ୍ଠୀ ସଂଘର୍ଷ

### ଜୁଆଖେଳକୁ ନେଇ ହୋଇଥିଲା ଆକ୍ରମଣ, ୯ ଗିରଫ

ପୁରୀ ଅଫିସ,୧୮।୩

ପୁରୀ ସହରରେ କିଛିଦିନ ହେଲା ଆପରାଧିକ କାର୍ଯ୍ୟକଳାପ ବଢିବାରେ ଲଗିଛି। ୩ଦିନ ତଳେ କେତେଜଣ ଦୁର୍ବୃତ୍ତ ସେବାୟତମାନଙ୍କୁ ଗୋଡାଇ ଗୋଡାଇ ହାଣିବା ଘଟଣା ମନରୁ ନ ଲିଭୁଣୁ ଶନିବାର ସକାଳେ ପୁଣି କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବଡ଼ଦାଣ୍ଡର ମାର୍କେଟ ଛକରେ ଜୁଆଖେଳ ଓ ପୂର୍ବ ଶତ୍ରୁତାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇ ପରସ୍ପର ମଧ୍ୟରେ ଖଣ୍ଡାରେ ହଣାକଟା ହୋଇଛନ୍ତି। ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ଅପରପକ୍ଷେ ଖବରପାଇ କୁମ୍ଭାରପଡ଼ା ଥାନା ଓ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ତତ୍‌କ୍ଷଣାତ୍ ଏକ ୩ଜଣିଆ ସ୍ପେଶାଲ ଟିମ୍ ଗଠନ କରି ଉଭୟ ଗୋଷ୍ଠୀର ୯ଜଣଙ୍କୁ ଗିରଫ କରିଛି। ☞ପୃଷ୍ଠା-୪


୨୧ରେ ଗିରଫ ହୋଇପାରନ୍ତି ଟ୍ରମ୍ପ୍ ୨

ଆଜିର ସମ୍ପାଦକୀୟ
ସମ୍ପୂର୍ଣ୍ଣ ବିଫଳ







# ବଜ୍ରପାତରେ ମହିଳା, ୧୧ ଗୋରୁ ମୃତ

## ବିଭିନ୍ନ ସ୍ଥାନରେ ଝଡ଼ବର୍ଷା

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ଦୀର୍ଘ ୪ ମାସ ପରେ ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଝଡ଼ବର୍ଷା ହୋଇଛି। ବର୍ଷା ଯୋଗୁ ସମଗ୍ର ରାଜ୍ୟ ଥଣ୍ଡା ପଡ଼ିଛି। କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ମୟୂରଭଞ୍ଜ, ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ସମ୍ବଲପୁର ଓ ଦକ୍ଷିଣ ଓଡ଼ିଶାର ରାୟଗଡ଼ା ଆଦି ଜିଲାରେ ପବନ ଓ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଛି। ଏଥିସହ କେତେକ ସ୍ଥାନରେ ବଜ୍ରପାତ ସହ କୁଆପଥର ମାଡ଼ ହୋଇଛି। ବଜ୍ରପାତରେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତ ବନ୍ଧସାହିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସ୍ୱର୍ଗତ ସୁନ୍ଦରା ମାଝିଙ୍କ ସ୍ତ୍ରୀ ଚୁନାମଣୀ (୬୪)। ସେ ପିଣ୍ଡାରେ ବସିଥିବାବେଳେ ଏହି ଘଟଣା ଘଟିଥିଲା। ବାଲେଶ୍ୱର ଜିଲା ନୀଳଗିରି ☞ପୃଷ୍ଠା-୪

# ଭିନ୍ନ ଗ୍ରହରେ ଏଲିଅନ୍ ଥାଇପାରନ୍ତି

## ଆମେରିକୀୟ ବୈଜ୍ଞାନିକଙ୍କ ଦାବି

ସାକ୍ରାମେଣ୍ଟୋ, ୧୮।୩

ଏଲିଅନ୍ ଜୀବସତ୍ତା ସମ୍ପର୍କରେ ବୈଜ୍ଞାନିକମାନେ ଦୀର୍ଘଦିନ ଧରି ଅଧ୍ୟୟନ ଜାରି ରଖିଛନ୍ତି। ଏଲିଅନ୍‌ମାନେ କେଉଁଠାରେ ରୁହନ୍ତି ଏବଂ ସେମାନଙ୍କ ଜୀବନଶୈଳୀ କେଉଁଭଳି, ତାହା ଅତି ଉତ୍ସାହଜନକ ବିଷୟବସ୍ତୁ। କିନ୍ତୁ ସେ ସମ୍ପର୍କରେ ଅଦ୍ୟାବଧି କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ବୈଜ୍ଞାନିକଙ୍କର ହସ୍ତଗତ ହୋଇନାହିଁ। ସୌରଜଗତ ବାହାରେ ଥିବା ନାତିଶୀତୋଷ୍ଣ ମଣ୍ଡଳରେ ଏଲିଅନଙ୍କ ଜୀବସତ୍ତାର ସମ୍ଭାବନା ରହିଥିବା ଆମେରିକାର ଇରଭିନ୍‌ସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବୈଜ୍ଞାନିକମାନଙ୍କ ଦାବି କରିଛନ୍ତି।

ସୌରମଣ୍ଡଳ ବାହାରେ ଥିବା ଭିନ୍ନ ଗ୍ରହର ନାତିଶୀତୋଷ୍ଣ ମଣ୍ଡଳ ସମ୍ପୂର୍ଣ୍ଣ ଭାବେ ନିବୁଜ। ଏହାର ଗୋଟିଏ ପାଖ ସୂର୍ଯ୍ୟଙ୍କ ଆଡ଼କୁ ରହିଥାଏ (ଲାଇଟ୍ ଡେ'ସାଇଡ୍), ଅନ୍ୟ ପାଖଟି ସମ୍ପୂର୍ଣ୍ଣ ଭାବେ ଅନ୍ଧାର (କୋଲ୍ଡ ନାଇଟ୍ ସାଇଟ୍)। ଅଧ୍ୟୟନ ଅନୁଯାୟୀ, ଏଠାରେ ଜଳ ଥିବାବେଳେ ଏହା ପ୍ରତିଟି ଜୀବସତ୍ତା ପାଇଁ ମୁଖ୍ୟ ଉପାଦାନ। ତେବେ ଏଲିଅନ୍‌ମାନେ ରହୁଥିବା ଟର୍ମିନେଟର ଜୋନ୍‌ର ଲାଇଟ୍ ଡେ' ସାଇଡ୍‌ର ଜଳ ବାଷ୍ପ ଆକାରରେ ଥିବାବେଳେ କୋଲ୍ଡ ନାଇଟ୍ ସାଇଡ୍‌ରେ ଜଳ ବରଫ ଆକାରରେ ରହୁଥିବା ଜ୍ୟୋତିର୍ବିଜ୍ଞାନୀମାନଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଡେ' ସାଇଡ୍‌ରେ ଅପେକ୍ଷାକୃତ ଗରମ ଅନୁଭୂତ ହେବାଯୋଗୁ ସେଠାରେ ରହିବା ସାଧାରଣ ପକ୍ଷେ ଅସମ୍ଭବ। ଅନ୍ୟପକ୍ଷେ ନାଇଟ୍ ସାଇଡ୍‌ର ଚାରିପାଖ ବରଫାବୃତ୍ତ।



ଅଷ୍ଟ୍ରୋଫିଜିକାଲ୍ ଜର୍ନାଲରେ ପ୍ରକାଶ ପାଇଥିବା ଏହି ଅଧ୍ୟୟନ ରିପୋର୍ଟ ମୁତାବକ ନାତିଶୀତୋଷ୍ଣ ମଣ୍ଡଳରେ ଜଳ ଥିବାଯୋଗୁ ସେଠାରେ ଯେକୌଣସି ଜୀବସତ୍ତା ସମ୍ଭବ। ତେବେ ମଡର୍ନ ଆର୍ଥ କ୍ଲାଇମେଟ୍ ପାଇଁ ବ୍ୟବହୃତ ସଫ୍ଟୱେର ଜରିଆରେ ଜ୍ୟୋତିର୍ବିଜ୍ଞାନୀମାନେ ଏହି ଅଧ୍ୟୟନ କରିଛନ୍ତି। ନାତିଶୀତୋଷ୍ଣ ମଣ୍ଡଳରେ ନଦୀ, ହ୍ରଦ ଏବଂ କ୍ଷୁଦ୍ର ଜଳାଶୟ ମିଳିବା ଦ୍ୱାରା ଏଲିଅନ୍‌ଙ୍କ ସମ୍ପର୍କରେ ବ୍ୟାପକ ତଥ୍ୟ ମିଳିପାରିବ ବୋଲି ଅଧ୍ୟୟନ ମୁଖ୍ୟ ଡ. ଲୋବୋ କହିଛନ୍ତି। ଖାଲି ଏଲିଅନ୍ ନୁହନ୍ତି, ଯେଉଁ ପ୍ରାଣୀ ଲୁକ୍କାୟିତ ଭାବେ ରହୁଛନ୍ତି, ସେମାନଙ୍କ ସମ୍ପର୍କରେ ମଧ୍ୟ ନୂଆ କଥା ଜାଣିବାକୁ ମିଳିବ।




**ବଳାତ୍କାର ଅଭିଯୋଗରେ ପିଏଚ୍.ଡି. ଛାତ୍ର ଗିରଫ**

ତାମିଲନାଡୁର ଥାଞ୍ଜାଭୁରରେ ଛୋଟ ପିଲାମାନଙ୍କୁ ବଳାତ୍କାର ଅଭିଯୋଗରେ ୩୫ ବର୍ଷୀୟ ପିଏଚ୍.ଡି. ଛାତ୍ରଙ୍କୁ ସିବିଆଇ (କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ) ଗିରଫ କରିଛି। ଗତ ୪ ବର୍ଷ ଧରି ଛାତ୍ରଜଣକ ଜଣେ ଝିଅଙ୍କୁ ବଳାତ୍କାର କରିଆସୁଥିବାବେଳେ ତାଙ୍କର କିଛି ଆପତ୍ତିଜନକ ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଛାତ୍ର ଜଣକ ନିଜ ଗୁଗଲ୍ ଆକାଉଣ୍ଟରୁ ଏହି ଫଟୋ ସବୁ ଅପ୍‌ଲୋଡ୍ କରୁଥିବା ବ୍ୟୁରୋ ଜାଣିବାକୁ ପାଇଥିଲା।



## ସଂକ୍ଷେପରେ

### ବିମାନ ଦୁର୍ଘଟଣା: ୨ ପାଇଲଟ ମୃତ

**ଜବଲପୁର, ୧୮।୩:** ମଧ୍ୟପ୍ରଦେଶ ବାଲାଘାଟ ଜିଲାରେ ଚାର୍ଟର ପ୍ଲେନ୍ ଦୁର୍ଘଟଣାଗ୍ରସ୍ତ ହେବାଫଳରେ ପାଇଲଟ ଓ କୋପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଜଣଙ୍କର ଅର୍ଦ୍ଧଦଗ୍ଧ ଶରୀର ମିଳିଥିବାବେଳେ ଅନ୍ୟ ଜଣଙ୍କ ମୃତଦେହ ବାଲାଘାଟ ପୋଲିସ ପକ୍ଷରୁ ଖୋଜାଚାଲିଛି। ମହାରାଷ୍ଟ୍ରର ଗୋନ୍ଦିଆ ଜିଲା ବିର୍ସି ବିମାନବନ୍ଦରରୁ ଉଡାଣ ଭରିଥିବା ଏହି ବିମାନଟି ପାଖାପାଖି ୪୦ କି.ମି. ଦୂର ବାଲାଘାଟ ଜିଲା ଭାକୁଟୋଲା ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

### ୩୦ ଯାତ୍ରୀଙ୍କୁ ଭୁଲ୍‌ବଶତଃ ଡୋମେଷ୍ଟିକ୍ ଆରାଇଭାଲ୍‌ରେ ଓହ୍ଲାଇଦିଆଗଲା

**ବେଙ୍ଗାଲୁରୁ, ୧୮।୩:** ବେଙ୍ଗାଲୁରୁ କାମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ କଲମ୍ବୋରୁ ଆସିଥିବା ୩୦ଯାତ୍ରୀଙ୍କୁ ଭୁଲ୍‌ବଶତଃ ଶୁକ୍ରବାର ଡୋମେଷ୍ଟିକ୍ ଆରାଇଭାଲ୍‌ସ ବସ୍ ଗେଟ୍‌ରେ ଓହ୍ଲାଇ ଦିଆଯାଇଥିବା ଖବର ସାମ୍ନାକୁ ଆସିଛି। ସେମାନଙ୍କୁ ଇଣ୍ଟରନାଲ୍ ଆରାଇଭାଲ୍ସ ବସ୍ ଗେଟ୍‌ରେ ଓହ୍ଲାଇବାର ଥିଲା। ଶ୍ରୀଲଙ୍କା ଏୟାରଲାଇନ୍ସ ୟୁଏଲ୍ ୧୭୩ ଫ୍ଲାଇଟରେ ଆସିଥିବା ୩୦ ଯାତ୍ରୀ ବେଙ୍ଗାଲୁରୁରେ ଓହ୍ଲାଇଥିଲେ। ସେମାନେ ଡୋମେଷ୍ଟିକ୍ ବ୍ୟାଗେଜ୍ କ୍ଲେମ୍ ଏରିଆକୁ ଯିବା ପରେ ସିଆଇଏସ୍‌ଏଫ୍ ଓ ଇମିଗ୍ରେଶନ୍ ସେମାନଙ୍କ ନିକଟରେ ପହଞ୍ଚିଥିଲେ। ପରବର୍ତ୍ତୀ ସମୟରେ ଯାତ୍ରୀମାନଙ୍କୁ ଇଣ୍ଟରନ୍ୟାଶନାଲ୍ ଆରାଇଭାଲ୍ସ ବସ୍ ଗେଟ୍‌କୁ ନିଆଯାଇଥିଲା। ତେବେ ଭୁଲ୍‌ବଶତଃ କର୍ମଚାରୀଙ୍କ ଦ୍ୱାରା ଏପରି ଭୁଲ୍ ହୋଇଥିବା ବିମାନ କର୍ତ୍ତୃପକ୍ଷ କହିଛନ୍ତି।

### 'ଗୋ କଲ୍ୟାଣ' ପାଇଁ ମଦ ଉପରେ ୧୦ ଟଙ୍କା ସେସ୍

**ଶିମଲା, ୧୮।୩:** ହିମାଚଳ ପ୍ରଦେଶରେ ଗୋ କଲ୍ୟାଣ ପାଇଁ ରାଜ୍ୟ ସରକାର ପ୍ରତି ମଦ ବୋତଲ ଉପରେ ୧୦ ଟଙ୍କା ଲେଖାଏ କାଓ ସେସ୍ ଲଗାଇଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ବିଧାନସଭାରେ ମଧ୍ୟବର୍ତ୍ତିକାଳୀନ ବଜେଟ ଉପସ୍ଥାପନ ବେଳେ ଏହା କହିଛନ୍ତି। ବର୍ଷ ୨୦୨୩-୨୪ ପାଇଁ ସୁଖବିନ୍ଦର ୫୩,୪୧୩ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ। ରାଜ୍ୟରେ ପ୍ରତି ମଦ ବୋତଲ ପିଛା ଗୋ କଲ୍ୟାଣ ପାଇଁ ୧୦ ଟଙ୍କା ଆଦାୟ କରାଯିବ। ଏଥିରୁ ଆଦାୟ ଟଙ୍କାରେ ସରକାର ୧୦୦ କୋଟି ଟଙ୍କା ମିଶାଇ ଗୋ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବେ।

### ପାକିସ୍ତାନରେ ବର୍ଷର ପ୍ରଥମ ପୋଲିଓ ଆକ୍ରାନ୍ତ ଚିହ୍ନଟ

**ଇସ୍‌ଲାମାବାଦ୍, ୧୮।୩:** ପାକିସ୍ତାନର ପାଖତୁନଖ୍ୱାର ବାନ୍ନୁ ଜିଲାରେ ୩ ବର୍ଷର ପୋଲିଓ ଆକ୍ରାନ୍ତ ବାଳକ ଚିହ୍ନଟ ହୋଇଥିବା ଦେଶର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ଶିଶୁଟି କିପରି ପୋଲିଓରେ ଆକ୍ରାନ୍ତ ହେଲେ ସେ ସମ୍ପର୍କରେ ଯାଞ୍ଚ କରାଯିବ ବୋଲି ପାକିସ୍ତାନର ନ୍ୟାଶନାଲ ଏମର୍ଜେନ୍ସି ଅପରେଶନ୍‌ସ ସେଣ୍ଟର (ଏନ୍‌ଇଓସି) ଫର ପୋଲିଓ ମୁଖ୍ୟ ଶେହଜାଦ ବେଗ କହିଛନ୍ତି। ଅନ୍ୟପକ୍ଷେ ଫ୍ରାନ୍ସ ଏଜେନ୍ସି ଫର୍ ଡେଭଲପ୍‌ମେଣ୍ଟ (ଏଫ୍ଏଡି) ଏବଂ ବିଲ୍ ଆଣ୍ଡ୍ ମିଲିଣ୍ଡ ଗେଟ୍ସ ଫାଉଣ୍ଡେଶନ୍ (ବିଏମ୍‌ଜିଏଫ୍) ଦେଶରୁ ରୋଗ ଦୂର କରିବା ପାଇଁ ମିଳିତ ସର୍ଭେ ଆରମ୍ଭ କରାଯାଇଛି।

### ବାଂଲାଦେଶୀ ଅଭିନେତ୍ରୀ ଗିରଫ


ମାହିୟା ମାହି

**ଢାକା, ୧୮।୩:** ବାଂଲାଦେଶୀ ଚଳଚ୍ଚିତ୍ର ଅଭିନେତ୍ରୀ ମାହିୟା ମାହିଙ୍କୁ ଶନିବାର ଢାକାର ହଜରତ ଶାହଜଲାଲ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ଗିରଫ କରାଯାଇଛି। ଡିଜିଟାଲ ସିକ୍ୟୁରିଟି ଆକ୍ଟରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେ ଶୁକ୍ରବାର ତାଙ୍କ ଫେସ୍‌ବୁକ୍ ପେଜ୍‌ରେ ପୋଲିସ ବିରୋଧରେ ଅଭିଯୋଗ ଆଣିଥିଲେ। ଅଭିନେତ୍ରୀ ମକ୍କା ଗସ୍ତ ସାରି ଶନିବାର ପୂର୍ବାହ୍ନରେ ସାଉଦି ଆରବରୁ ଫେରିବା ସମୟରେ ବିମାନ ବନ୍ଦରରୁ ତାଙ୍କୁ ଗିରଫ କରାଯାଇଛି। ପୋଲିସ ମର୍ଯ୍ୟାଦା ହାନି ଅଭିଯୋଗରେ ପୂର୍ବରୁ ମାହିୟା ଓ ତାଙ୍କ ସ୍ୱାମୀଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ ହୋଇଥିଲା।


ନୂଆଦିଲ୍ଲୀରେ ଶନିବାର ବର୍ଷା ସମୟରେ ଇଣ୍ଡିଆ ଗେଟ୍ ନିକଟ କର୍ତ୍ତବ୍ୟ ପଥରେ ଯୁବତୀମାନେ ଛତା ଧରି ଯାଉଛନ୍ତି।

# ଦୈନିକ ସଂକ୍ରମଣ ୮୦୦ ଟପିଲା

**୧୨୬ ଦିନରେ ସର୍ବାଧିକ**

**ଏକ୍ସବିବି ୧.୧୬ ଭାରିଆଣ୍ଟରେ ୭୬ ଆକ୍ରାନ୍ତ**

**ନୂଆଦିଲ୍ଲୀ, ୧୮।୩**

ଭାରତରେ ଦୈନିକ କୋଭିଡ୍ ସଂକ୍ରମଣ ଗତ ୧୨୬ ଦିନ ମଧ୍ୟରେ ସର୍ବାଧିକ ରେକର୍ଡ କରିଛି। ଗତ ୨୪ ଘଣ୍ଟାରେ ୮୦୦ରୁ ଊର୍ଦ୍ଧ୍ୱ କୋଭିଡ୍ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଦିନକରେ ୮୪୧ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୫,୩୮୯ରେ ପହଞ୍ଚିଛି। ଏହାକୁ ମିଶାଇ ଶନିବାର ସକାଳ ସୁଦ୍ଧା ଦେଶରେ ମୋଟ ମାମଲା ସଂଖ୍ୟା ୪,୪୬,୯୪,୩୪୯ ହୋଇଛି। କେରଳରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରରେ ଜଣେ ଲେଖାଏ ଭୂତାଣୁ ସଂକ୍ରମଣରେ ପ୍ରାଣ ହରାଇଛନ୍ତି। କେରଳ, ମହାରାଷ୍ଟ୍ର, କର୍ନାଟକ ଏବଂ ଗୁଜରାଟରେ ସର୍ବାଧିକ ସଂକ୍ରମଣ ହେଉଥିବା ତଥ୍ୟରୁ ଜଣାପଡ଼ିଛି। ଫେବୃୟାରୀରେ ଦୈନିକ ହାରାହାରି ସଂକ୍ରମଣ ୧୧୨ ଥିବାବେଳେ ମାର୍ଚ୍ଚ ୧୮ ସୁଦ୍ଧା ଏହା ୬୨୬କୁ ବୃଦ୍ଧି ପାଇଛି ଅର୍ଥାତ୍ ଦୈନିକ ସଂକ୍ରମଣ ମାସକରେ ୬ ଗୁଣ ବଢ଼ିଛି। ହଠାତ୍ ସଂକ୍ରମଣ ବଢ଼ିଥିବା ୬ ରାଜ୍ୟରେ ଏହାକୁ ନିୟନ୍ତ୍ରଣ କରିବା ଉପରେ ଧ୍ୟାନଦେବା ଲାଗି କେନ୍ଦ୍ର ସରକାର କହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ବୁଧବାର ମହାରାଷ୍ଟ୍ର, ଗୁଜରାଟ, ତେଲଙ୍ଗାନା, ତାମିଲନାଡୁ, କେରଳ ଓ କର୍ନାଟକ ସରକାରଙ୍କୁ ପତ୍ର ଲେଖି ଟେଷ୍ଟିଂ, ଟ୍ରିଏଟିଂ, ଟ୍ରାକିଂ ଏବଂ ଟିକାକରଣ ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି।



କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଏକ୍ସବିବି ୧.୧୬ରେ ଦେଶରେ ମୋଟ ୭୬ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଆଇଏନ୍‌ସିଓଜି (ଇଣ୍ଡିଆନ୍ ସାର୍ସସ-କୋଭ୍-୨ ଜିନୋମିକ୍ସ କନସୋର୍ଟିଅମ୍) ପକ୍ଷରୁ କୁହାଯାଇଛି। କର୍ନାଟକରେ(୩୦), ମହାରାଷ୍ଟ୍ର(୨୯), ପୁଡୁଚେରୀ(୭), ଗୁଜରାଟ(୧), ତେଲଙ୍ଗାନା(୨), ହିମାଚଳପ୍ରଦେଶ(୧) ଏବଂ ଓଡିଶାରୁ ଜଣେ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଜାନୁୟାରୀରେ ପ୍ରଥମ କରି ଦେଶରୁ ୨ ଜଣ ଆକ୍ରନ୍ତ ଚିହ୍ନଟ ହୋଇଥିଲେ। ସେହିପରି ଫେବୃୟାରୀରେ ୫୯ ଏବଂ ଅଦ୍ୟାବଧି ମାର୍ଚ୍ଚରେ ୧୫ ନମୁନା ଏକ୍ସବିବି ୧.୧୬ ଆକ୍ରାନ୍ତଙ୍କ ଚିହ୍ନଟ କରାଯାଇଛି। ଏଚ୍୩ଏନ୍୨ ଭୂତାଣୁ ସଂକ୍ରମଣ ଫଳରେ ଦଶରେ ଇନ୍‌ଫ୍ଲୁଏନ୍‌ଜାରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ପୂର୍ବପ୍ରକାରେ କୋଭିଡ୍ ନିୟମାବଳୀକୁ ପାଳନ କରିବା ଦ୍ୱାରା ଲୋକେ ଉଭୟ ରୋଗରୁ ନିସ୍ତାର ପାଇପାରିବେ ବୋଲି ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା.ରଣଦୀପ ଗୁଲେରିଆ କହିଛନ୍ତି। ଦେଶରେ କୋଭିଡ୍ ସକ୍ରିୟ ମାମଲା ୫,୩୮୯ ରହିଛି।

## ଠିକ୍ ତଥ୍ୟ ଦେଉ ଚାଇନା: ଡବ୍ଲ୍ୟୁଏଚ୍ଓ

**ଜେନେଭା, ୧୮।୩**


ଡ. ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍

୨୦୨୦ରେ ଚାଇନାର ଉହାନ ବଜାରରୁ ସଂଗୃହୀତ ନମୁନା ସମ୍ପର୍କିତ ତଥ୍ୟକୁ ବେଜିଂ ଅଟକାଇ ରଖିଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଏହାର ସମାଲୋଚନା କରିଛି। କୋଭିଡ୍-୧୯ ମହାମାରୀର ମୂଳ ନିରୂପଣ କରିବାରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବୋଲି ଡବ୍ଲ୍ୟୁଏଚ୍ଓ କହିଛି। ବେଜିଂ ତଥ୍ୟ ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ କରିବା ସହ ଏହା ଉପରେ କରିଥିବା ତଦନ୍ତର ଫଳାଫଳ ଶେୟାର କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆହ୍ୱାନ ଦେଇଛି। ଉହାନ ସହରର ହୁଆନାନ୍ ମାର୍କେଟ ମହାମାରୀର କେନ୍ଦ୍ରସ୍ଥଳ ଥିଲା। ୨୦୧୯ ଶେଷ ଭାଗରେ ସେଠାରୁ ସୃଷ୍ଟ ସାର୍ସ-କୋଭ୍-୨ ଭୂତାଣୁ ଦ୍ରୁତଗତିରେ ସହରର ଅନ୍ୟ ଭାଗକୁ ସଂକ୍ରମିତ ହେବା ସହ ସାରା ବିଶ୍ୱକୁ ବ୍ୟାପିଯାଇଥିଲା। କୋଭିଡ୍‌ର ଉତ୍ପତ୍ତି ସମ୍ପର୍କିତ ସମସ୍ତ ଅଧ୍ୟୟନର ତଥ୍ୟ ଅନ୍ତର୍ଜାତୀୟ ସମୁଦାୟଙ୍କୁ ତୁରନ୍ତ ଶେୟାର କରାଯିବା ଜରୁରୀ। ଏହା ୩ ବର୍ଷ ପୂର୍ବରୁ ଶେୟାର ହେବାର ଥିଲା ବୋଲି ଡବ୍ଲ୍ୟୁଏଚ୍ଓ ମହାନିର୍ଦ୍ଦେଶକ ଡ. ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ କହିଛନ୍ତି।

# ୨୧ରେ ଗିରଫ ହୋଇପାରନ୍ତି ଟ୍ରମ୍ପ

**ନ୍ୟୁୟର୍କ, ୧୮।୩**

- ପ୍ରତିବାଦ କରିବାକୁ ସମର୍ଥକଙ୍କୁ ଆହ୍ୱାନ ଦେଲେ
- ଯୌନ ସମ୍ପର୍କ ପ୍ରସଙ୍ଗ ଚପାଇଦେବା ଲାଗି ମହିଳାଙ୍କୁ ଅର୍ଥ ଦେବା ଅଭିଯୋଗ


ଡୋନାଲ୍ଡ ଟ୍ରମ୍ପ

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ମାନ୍‌ହାଟାନ ଜିଲା ଆଟର୍ନି ଅଫିସ୍ ଏକ ମାମଲା ଆଣିଛନ୍ତି। ଏହି ମାମଲାରେ ତାଙ୍କୁ ମଙ୍ଗଳବାର ଗିରଫ କରାଯିବା ସେ ଆଶା କରୁଛନ୍ତି ବୋଲି ଟ୍ରମ୍ପ୍ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ଏହାର ପ୍ରତିବାଦ ଜଣାଇବାକୁ ଟ୍ରମ୍ପ୍ ତାଙ୍କ ସମର୍ଥକମାନଙ୍କୁ ଆହ୍ୱାନ ଦେଇଥିବା ଟ୍ରୁଥ୍ ସୋସିଆଲରେ ତାଙ୍କର ଏକ ପୋଷ୍ଟରୁ ଜଣାପଡ଼ିଛି। ୨୦୧୬ରେ ଟ୍ରମ୍ପ୍ ରାଷ୍ଟ୍ରପତି ନିର୍ବାଚନ ଲାଗି ପ୍ରଚାର କରୁଥିବା ସମୟରେ ତାଙ୍କର ପୂର୍ବତନ ବ୍ୟକ୍ତିଗତ ଓକିଲ ତଥା ଫିକ୍ସର ମିଚାଏଲ୍ କୋହେନ୍ ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସଙ୍କୁ ୧,୩୦,୦୦୦ ଡଲାର ପୈଠ କରିଥିଲେ। ଏହାର ତଦନ୍ତ କରୁଥିବା ଗ୍ରାଣ୍ଡ ଜୁରିକୁ ମାନ୍‌ହାଟାନ ଡିଷ୍ଟ୍ରିକ୍ଟ ଆଟର୍ନି ଆଲିଭିନ୍ ବ୍ରାଗ୍‌ଙ୍କ କାର୍ଯ୍ୟାଳୟ ଚଳିତ ବର୍ଷ ଆରମ୍ଭରେ ତଥ୍ୟ ପ୍ରମାଣ ଦେଇଥିଲା। ଡାନିଏଲ୍ସ (ଯାହାଙ୍କ ପ୍ରକୃତ ନାମ ଷ୍ଟିଫାନି କ୍ଲିଫୋର୍ଡ)ଙ୍କର ୧୦ ବର୍ଷ ପୂର୍ବରୁ ଟ୍ରମ୍ପଙ୍କ ସହ ଯୌନ ସମ୍ପର୍କ ଥିଲା ବୋଲି ସେ ଅଭିଯୋଗ ଆଣିଥିଲେ। ବିପୁଳ ଅର୍ଥ ପୈଠ ଘଟଣାର ତଦନ୍ତ କରୁଥିବା ଗ୍ରାଣ୍ଡ ଜୁରି ନିକଟରେ ବୟାନ ଦେବା ଲାଗି ଚଳିତ ମାସ ଆରମ୍ଭରେ ବ୍ରାଗ୍‌ଙ୍କ କାର୍ଯ୍ୟାଳୟ ଟ୍ରମ୍ପ୍‌ଙ୍କୁ ଡାକିଥିଲେ। ତାଙ୍କ ବିରୋଧରେ ଅଭିଯୋଗ ପ୍ରସ୍ତୁତ ହୋଇଥିବା ଆଇନ ବିଶେଷଜ୍ଞମାନେ କହିଛନ୍ତି।

## ବିଚାରପତି ନିଯୁକ୍ତି ଲାଗି କଲେଜିୟମ ସର୍ବଶ୍ରେଷ୍ଠ ବ୍ୟବସ୍ଥା: ସିଜେଆଇ

**ନୂଆଦିଲ୍ଲୀ, ୧୮।୩**

ଦେଶର ନ୍ୟାୟିକ ବ୍ୟବସ୍ଥାର ଭାରତୀୟକରଣ ଉପରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁତ୍ୱାରୋପ କରିଛନ୍ତି। ଏକ କନ୍‌କ୍ଲେଭ୍‌ରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ନ୍ୟାୟପାଳିକାର ଭାରତୀୟକରଣର ପ୍ରଥମ ଭାଗ ହେଉଛି କୋର୍ଟର ଭାଷା। ଜିଲା କୋର୍ଟଗୁଡ଼ିକରେ ଶୁଣାଣି ସମୟର ଭାଷା ଆଉ ଇଂଲିଶ ରହିନାହିଁ। ବିଚାରପତି ନିଯୁକ୍ତି ଲାଗି ରହିଥିବା କଲେଜିୟମ ବ୍ୟବସ୍ଥା ସର୍ବୋତ୍କୃଷ୍ଟ ବୋଲି ସିଜେଆଇ କହିଛନ୍ତି। ନ୍ୟାୟପାଳିକାକୁ ନିରପେକ୍ଷ ରଖିବାକୁ ହେଲେ ଏହାକୁ ବାହ୍ୟ ପ୍ରଭାବରୁ ସୁରକ୍ଷିତ ରଖିବାକୁ ହେବ ବୋଲି ସେ ମତ ଦେଇଛନ୍ତି।

# ଇମ୍ରାନ୍‌ଙ୍କ ଘରେ ଧସେଇ ପଶିଲା ପୋଲିସ

**ଲାହୋର/ଇସ୍‌ଲାମାବାଦ, ୧୮।୩**

ଦୁର୍ନୀତି ମାମଲାର ଶୁଣାଣିରେ ହାଜର ହେବା ଲାଗି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶନିବାର ଇସ୍‌ଲାମାବାଦର ଏକ ଅଦାଲତକୁ ଯାଉଥିବାବେଳେ ତାଙ୍କ ଲାହୋରସ୍ଥିତ ଘରେ ପୋଲିସ ଜବରଦସ୍ତ ପ୍ରବେଶ କରିଛି। ଘରେ ଇମ୍ରାନ୍‌ଙ୍କ ସ୍ତ୍ରୀ ବୁଶ୍ରା ବେଗମ ଉପସ୍ଥିତ ଥିଲେ। ପୋଲିସ ଲାଠିଚାଳନା କରିବାରୁ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ଦଳର ଅନ୍ୟୁନ ୧୦ ଜଣ କର୍ମୀ ଆହତ ହୋଇଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ତୋସଖାନା ମାମଲାର


ଇମ୍ରାନ୍ ଖାନ୍‌ଙ୍କ କାର୍‌କୁ ସମର୍ଥକମାନେ ଘେରି ରହିଛନ୍ତି।

**କୋର୍ଟ ବାହାରେ ସମର୍ଥକଙ୍କ ସହ ସୁରକ୍ଷା କର୍ମୀଙ୍କ ସଂଘର୍ଷ**

ଶୁଣାଣି ପୂର୍ବରୁ ଇସ୍‌ଲାମାବାଦ କୋର୍ଟ ପରିସର ବାହାରେ ଇମ୍ରାନ୍‌ଙ୍କ ସମର୍ଥକ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଇମ୍ରାନ୍‌ଙ୍କ ସମର୍ଥକମାନେ ହିଂସା ଘଟାଇବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ ଓ ଗୋଟିଏ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଇମ୍ରାନ୍‌ଙ୍କ ସହ ଥିବା ୩ଟି ଗାଡ଼ି ବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ମଧ୍ୟ କେହି ମୃତାହତ ହୋଇ ନ ଥିଲେ।

# ଖଲିସ୍ତାନୀ ନେତା ଅମ୍ରିତ୍‌ପାଲ ସିଂ ଚମ୍ପଟ

**ନୂଆଦିଲ୍ଲୀ, ୧୮।୩**

- ଧରିପାରିଲାନି ପଞ୍ଜାବ ପୋଲିସ
- ରାଜ୍ୟରେ ଇଣ୍ଟରନେଟ୍ ସେବା ବନ୍ଦ



ଖଲିସ୍ତାନୀ ନେତା ଅମ୍ରିତ୍‌ପାଲ ସିଂଙ୍କୁ ଗିରଫ କରିବା ପାଇଁ ଶନିବାର ପଞ୍ଜାବ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସତ୍ତ୍ୱେ ସେ କୌଣସି ପ୍ରକାରେ ଖସି ପଳାଇବାକୁ ସକ୍ଷମ ହୋଇଛି। ଜଳନ୍ଧରର ମେହତପୁରଠାରେ ପୋଲିସ ଅମ୍ରିତ୍‌ପାଲଙ୍କ ଗାଡ଼ିଗୁଡ଼ିକୁ ଅଟକାଇବା ସମୟରେ ସେ ଖସି ପଳାଇଥିଲେ। ତାଙ୍କର ୬ ଜଣ ସହଯୋଗୀଙ୍କୁ ଅଟକ ରଖାଯାଇଛି। ଗୁଜବ ପ୍ରଚାର ଆଶଙ୍କାରେ ପଞ୍ଜାବରେ ଇଣ୍ଟରନେଟ୍ ସେବାକୁ ରବିବାର ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି। ରବିବାର ମଧ୍ୟାହ୍ନ ପର୍ଯ୍ୟନ୍ତ କେବଳ ଭଏସ୍ କଲ୍ ବ୍ୟତୀତ ମୋବାଇଲ ଫୋନ୍‌ରେ କୌଣସି ଇଣ୍ଟରନେଟ ସେବା ଏବଂ ଏସ୍‌ଏମ୍‌ଏସ୍ ସେବା ଉପଲବ୍ଧ ହେବ ନାହିଁ ପଞ୍ଜାବ ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଗତ ମାସରେ ୱାରିସ୍ ପଞ୍ଜାବ ଡେ' (ଡବ୍ଲ୍ୟୁପିଡି) ସଂଗଠନର ମୁଖ୍ୟ ଅମ୍ରିତପାଲ୍‌ଙ୍କର ଜଣେ ସହଯୋଗୀଙ୍କ ଗିରଫ ପ୍ରତିବାଦରେ ତାଙ୍କ ସଶସ୍ତ୍ର ସମର୍ଥକମାନେ ଥାନାରେ ପଶି ପୋଲିସ ସହ ସଂଘର୍ଷ କରିଥିଲେ। ଏହା ପରେ ଡବ୍ଲ୍ୟୁପିଡି କର୍ମୀମାନଙ୍କ ଅସ୍ତ୍ର ଲାଇସେନ୍ସ ବାତିଲ କରାଯିବା ସହ ଅମ୍ରିତ୍‌ପାଲଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ହ୍ୟାଣ୍ଡଲର ଗୁର୍ ଔଜଲାଙ୍କୁ ଅଟକ ରଖାଯାଇଥିଲା। ଅମ୍ରିତ୍‌ପାଲ ଓ ତାଙ୍କର ୩୦ ସହଯୋଗୀଙ୍କ ନାମରେ ଅପହରଣ ମାମଲା ରୁଜୁ ହୋଇଥିଲା।

# ବାଂଲାଦେଶକୁ ଡିଜେଲ ପାଇପ୍‌ଲାଇନ ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୧୮।୩**

**ଉର୍ଜା ସମ୍ପର୍କରେ ନୂଆ ଅଧ୍ୟାୟ ଆରମ୍ଭ: ଧର୍ମେନ୍ଦ୍ର**

ଭାରତରୁ ବାଂଲାଦେଶର ଉତ୍ତର ଭାଗକୁ ଡିଜେଲ ପରିବହନ ଲାଗି ୩୭୭ କୋଟି ଟଙ୍କା ବ୍ୟୟରେ ବିଛାଯାଇଥିବା ପାଇପ୍‌ଲାଇନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କର ବାଂଲାଦେଶ ପ୍ରତିପକ୍ଷ ଶେଖ୍ ହାସିନା ଶନିବାର ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ପରିବହନ ବ୍ୟୟ ହ୍ରାସ ପାଇବା ସହ କାର୍ବନ ନିର୍ଗମନ କମିବ। ଉକ୍ତ ପାଇପ୍‌ଲାଇନ ଭାରତ-ବାଂଲାଦେଶ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବ ବୋଲି ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ୧୩୧.୫ କିଲୋମିଟର ପାଇପ୍‌ଲାଇନ ଦ୍ୱାରା ବର୍ଷକୁ ୧ ନିୟୁତ ଟନ୍ ଡିଜେଲ ଆସାମର ନୁମାଲିଗଡ଼ରୁ ବାଂଲାଦେଶକୁ ପରିବହନ ହେବ। ୨୦୧୮ରେ ଏହି ପାଇପ୍‌ଲାଇନ ନିର୍ମାଣ ଆରମ୍ଭ ହୋଇଥିଲା। ବାଂଲାଦେଶ ପାର୍ଶ୍ୱରେ ପାଇପ୍‌ଲାଇନ ନିର୍ମାଣରେ ଖର୍ଚ୍ଚ ହୋଇଥିବା ୨୮୫ କୋଟି ଟଙ୍କା ଭାରତ ସରକାର ସହାୟତା ଅନୁଦାନ ଭାବେ ଯୋଗାଇଦେଇଛନ୍ତି। ନୁମାଲିଗଡ଼ ରିଫାଇନେରି ଲିଃର ସିଲିଗୁଡ଼ିସ୍ଥିତ ମାର୍କେଟିଂ ଟର୍ମିନାଲରୁ ବାଂଲାଦେଶ ପେଟ୍ରୋଲିୟମ କର୍ପୋରେଶନ (ବିପିସି)ର ପାର୍ବତୀପୁର ଡିପୋକୁ ଡିଜେଲ ପରିବହନ ହେବ। ପାଇପଲାଇନ ଶୁଭାରମ୍ଭ ଦ୍ୱାରା ଉଭୟ ଦେଶ ମଧ୍ୟରେ ଉର୍ଜା ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି।

# ତ୍ରୁଟି ପାଇଁ କିଏ ଇସ୍ତଫା ଦେବେ ସରକାର ଜବାବ ଦିଅନ୍ତୁ: କଂଗ୍ରେସ

**ନୂଆଦିଲ୍ଲୀ, ୧୮।୩(ପି.ଟି.)**

**ପିଏମ୍ଓ ଅଫିସର ପରିଚୟ ଦେଇଥିଲେ ଗୁଜରାଟ ଠକ**

ଗୁଜରାଟର ଠକ କିରନ ଭାଇ ପଟେଲ ନିଜକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)ର ଅତିରିକ୍ତ ସଚିବ ପରିଚୟ ଦେଇ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୩ ଥର କଶ୍ମୀର ଗସ୍ତ କରିବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଉଥିଲେ। ଦେଶର ସୁରକ୍ଷାକୁ କେନ୍ଦ୍ର ସରକାର ଯଦି ଗମ୍ଭୀରତାର ସହ ନେଉଥାନ୍ତି, ତେବେ ଏଭଳି ତ୍ରୁଟି ପାଇଁ କିଏ ଇସ୍ତଫା ଦେବେ ତାହା ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଗୁଜରାଟରେ କିରନ୍‌ଙ୍କ ନାମରେ ୩ଟି ମାମଲା ରହିଛି। ଦେଶର ସୁରକ୍ଷାକୁ ନେଇ ଏହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ। ସରକାର ପ୍ରଧାନମନ୍ତ୍ରୀ ଓ ତାଙ୍କ ଶ୍ରେଷ୍ଠ ବନ୍ଧୁଙ୍କ ସୁରକ୍ଷାରେ ବ୍ୟସ୍ତ ରହିଥିବାରୁ ଏଭଳି ପ୍ରସଙ୍ଗ ପ୍ରତି ସମ୍ଭବତଃ ଧ୍ୟାନ ଦେଇନାହାନ୍ତି ବୋଲି କଂଗ୍ରେସ ଗଣମାଧ୍ୟମ ବିଭାଗ ମୁଖ୍ୟ ପୱନ ଖେରା କହିଛନ୍ତି। ଯଦି କେନ୍ଦ୍ର ସରକାର ଦେଶର ସୁରକ୍ଷାକୁ ସାମାନ୍ୟ ଗୁରୁତ୍ୱର ସହ ବିଚାର କରୁଥାନ୍ତି ତେବେ ଏହା ପଛରେ ସମ୍ପୃକ୍ତ କେଉଁ ରାଜନୈତିକ ବ୍ୟକ୍ତି ଇସ୍ତଫା ଦେବେ ବୋଲି ଖେରା ପ୍ରଶ୍ନ କରିଛନ୍ତି। ସରକାରଙ୍କ ଗୋଇନ୍ଦା ବ୍ୟବସ୍ଥାର ପାରିବାପଣିଆ ଉପରେ କଂଗ୍ରେସ ନେତା ପ୍ରଶ୍ନ ଉଠାଇଛନ୍ତି।

## ସାରାଙ୍କ ହାତରେ ବଡ଼ ପ୍ରୋଜେକ୍ଟ


ସାରା ଅଲି ଖାନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ତାଙ୍କ ଚଳଚ୍ଚିତ୍ରକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଆ'ନ୍ତି। ସେ ଖୁବ୍‌ଶୀଘ୍ର ଅଭିନେତା ବିକ୍ରାନ୍ତ ମାସେ ଏବଂ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂଙ୍କ ସହ ଫିଲ୍ମ 'ଗ୍ୟାସ୍ ଲାଇଟ୍'ରେ ନଜର ଆସିବେ। ଆସନ୍ତା ୩୧ ତାରିଖରେ ଏହି ଫିଲ୍ମ ରିଲିଜ୍ ହେବ, ଯାହାର ଟ୍ରେଲର ଏବେ ରିଲିଜ୍ ହୋଇଛି। ଏହି ଫିଲ୍ମ ରିଲିଜ୍ ପୂର୍ବରୁ ସାରା ଏକ ବଡ଼ ପ୍ରୋଜେକ୍ଟ ପାଇଛନ୍ତି। ସେ ଖୁବ୍‌ଶୀଘ୍ର ନିର୍ଦ୍ଦେଶକ ଶରଣ ଶର୍ମାଙ୍କ ଆଗାମୀ ଫିଲ୍ମ 'ଗୁଞ୍ଜନ ସକ୍‌ସେନା'ରେ ନଜର ଆସିବେ। ଏନେଇ ଚର୍ଚ୍ଚା ଶୁଣିବାକୁ ମିଳୁଛି। ଶରଣଙ୍କ ଚଳଚ୍ଚିତ୍ର ସ୍କ୍ରିପ୍ଟ ବହୁତ ଅଲଗା। ଏହି ସ୍କ୍ରିପ୍ଟ ପାଇଁ ସେ ଉପଯୁକ୍ତ ହୋଇଥିବାରୁ ତାଙ୍କ ସିନେମା ପାଇଁ ଯୋଗ୍ୟ ବିବେଚିତ କରାଯାଇଛି। ଫିଲ୍ମ ସମ୍ବନ୍ଧିତ ସମସ୍ତ କାର୍ଯ୍ୟ ସରିଛି। ଖୁବ୍‌ଶୀଘ୍ର ଏହାର ଶୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଫିଲ୍ମ 'ଗ୍ୟାସ୍ ଲାଇଟ୍' ବ୍ୟତୀତ ସାରାଙ୍କ ହାତରେ ଅନେକ ମୁଭି ରହିଛି। ତାଙ୍କୁ ଆଗକୁ ଭିନ୍ନ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ। ଅଭିନେତା ଭିକି କୌଶଲଙ୍କ ସହ ଚଳଚ୍ଚିତ୍ର 'ଜରା ହଟକେ ଜରା ବଚକେ'ରେ ନଜର ଆସିବାକୁ ଯାଉଛନ୍ତି। ଏଥିସହ 'ଏ ୱତନ୍ ମେରେ ୱତନ୍' ଏବଂ ଅନୁରାଗ ବସୁଙ୍କ 'ମେଟ୍ରୋ ଇନ୍ ଦିନୋ'ରେ ତାଙ୍କ ଜଲ୍‌ୱା ଦେଖାଇବାକୁ ଯାଉଛନ୍ତି।




# ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ ୫ ହଜାର ଲାଞ୍ଚ

**କେନ୍ଦୁଝର,୧୮।୩(ସ୍ୱ.ପ୍ର.)**

ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ ଡାକ୍ତର ୫ ହଜାର ଟଙ୍କା ଲାଞ୍ଚ ମାଗିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ପରେ ଘଟଣା ପଦାକୁ ଆସିଛି। କେନ୍ଦୁଝର ଜିଲା ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ଘଟଣା ଘଟିଥିବା ଚର୍ଚ୍ଚା ହୋଇଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଭିଡିଓରେ ଡାକ୍ତର ଟଙ୍କା ମୂଲଚାଲ କରୁଥିବା ଜଣାପଡୁଛି। ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୫ରେ ତେଲକୋଇ ଥାନା କରଦାଙ୍ଗି ଗାଁ ଖଜୁରିଆ ସାହିର କଳାବତୀ ବେହେରା ଘୁରୁଡ଼ିଆ ନାଳରେ ବୁଡ଼ି ପ୍ରାଣ ହରାଇଥିଲେ। ତାଙ୍କର ତେଲକୋଇ ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ମାତ୍ର ଜଣେ ଡାକ୍ତର କଳାବତୀଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଦେବା ପାଇଁ ପରିବାର ଲୋକଙ୍କୁ ବାରମ୍ବାର ମେଡିକାଲକୁ ଦୌଡ଼ାଇଥିଲେ। ପ୍ରଥମେ ୩ହଜାର ନେଇଥିବା ବେଳେ ଆଉ ୨ହଜାର ଟଙ୍କା କିଏ ଦେବ ବୋଲି ମୂଲଚାଲ କରୁଥିବା ଭାଇରାଲ ଭିଡିଓରେ ଜଣାପଡୁଛି।






# ଏପ୍ରିଲ ସୁଦ୍ଧା ସବୁ ତହସିଲରେ ଭର୍ଚୁଆଲ କୋର୍ଟ: ମନ୍ତ୍ରୀ

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

୨୦୨୩-୨୪ ଆର୍ଥିକ ବର୍ଷ ଲାଗି ରାଜ୍ୟ ସରକାର ଆଣିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବଜେଟ ବିଧାନସଭାରେ ଶନିବାର ଗୃହୀତ ହୋଇଯାଇଛି। ରାଜସ୍ୱ ବିଭାଗ ଲାଗି ମୋଟ୍ ୧୫୮୬ କୋଟି ୪୧ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ଖର୍ଚ୍ଚଦାବି ଆଲୋଚନା ପରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ତାଙ୍କ ଉତ୍ତରରେ କହିଛନ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଅନ୍‌ଲାଇନରେ ଭୂ-ରାଜସ୍ୱ ପଇଠ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଭୂ-ରାଜସ୍ୱ ମଧ୍ୟ ପାଉତି ମୋବାଇଲ ଆପ୍ ଜରିଆରେ ପଇଠ କରିହେବ। ୨୦୧୮-୧୯ ସର୍ବେକ୍ଷଣ ଅନୁଯାୟୀ ୫୭,୧୧୭ ଘରଡିହ ଶୂନ୍ୟ ପରିବାର ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୦,୫୨୮ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଗତ ୪ ବର୍ଷ ମଧ୍ୟରେ ଘରଡିହ ଯୋଗାଇ ଦିଆଯାଇଛି। ଇ-ଷ୍ଟାମ୍ପିଂ କ୍ଷେତ୍ରରେ ଥିବା ସର୍ବନିମ୍ନ ସିଲିଂକୁ ସରକାର ଉଠାଇ ଦେଇଛନ୍ତି। ପୂର୍ବ ପ୍ରଚଳିତ ଇ-ଷ୍ଟାମ୍ପ ସାର୍ଟିଫିକେଟ ପ୍ରଦାନ ପାଇଁ ଧାର୍ଯ୍ୟ ସର୍ବନିମ୍ନ ୧୦୦୦ ଟଙ୍କା ବ୍ୟବସ୍ଥା ଉଠାଯାଇଛି। ରାଜ୍ୟର ସମସ୍ତ ରେଜିଷ୍ଟ୍ରେଶନ କାର୍ଯ୍ୟାଳୟଗୁଡ଼ିକୁ କମ୍ପ୍ୟୁଟରୀକରଣ କରାଯାଇଛି। ଜମି କିଣାବିକା ସବୁ କିଛି ଅନ୍‌ଲାଇନ ଜରିଆରେ କରାଯାଉଛି। ଆବେଦନକାରୀମାନେ ରେଜିଷ୍ଟ୍ରି ଡାକ ମାଧ୍ୟମରେ ପଟ୍ଟା ପଠାଉଛନ୍ତି। ୨୦୨୨ ନଭେମ୍ବରରୁ ୮୦ଟି ତହସିଲରେ ଭର୍ଚୁଆଲ କୋର୍ଟ ଆରମ୍ଭ ହୋଇଛି। ଏପ୍ରିଲ ୨୦୨୩ ସୁଦ୍ଧା ସବୁ ତହସିଲରେ ଭର୍ଚୁଆଲ କୋର୍ଟ ଆରମ୍ଭ ଲାଗି ଜିଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ୨୦୧୨ ଏକ ଯୁଗାନ୍ତକାରୀ ପଦକ୍ଷେପ। ଜନସାଧାରଣଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଅଧିକାର ପ୍ରଦାନ କରିବା ପାଇଁ ଏହି ବିଭାଗର ୩୪ଟି ସେବାକୁ ଓଡ଼ିଶା ଗେଜେଟ୍‌ରେ ଅଧିସୂଚିତ କରାଯାଇଛି। ଏହି ବିଭାଗ ଗତ ୪ ବର୍ଷରେ ୨,୪୪,୫୬,୮୭୭ ଗୋଟି ଲୋକସେବା ଯୋଗାଇଛି। ଆସନ୍ତା ୬ ମାସ ମଧ୍ୟରେ ବିଭିନ୍ନ ପଦପଦବୀରେ ମୋଟ ୨୯୯୮ ଲୋକଙ୍କୁ ନିଯୁକ୍ତ କରିବାକୁ ଯାଉଛନ୍ତି। ଏହି ବର୍ଷରେ ରାଜସ୍ୱ ବିଭାଗ ଦ୍ୱାରା ଅଣ ଆବାସିକ ଓ ଆବାସିକ ଗୃହ ନିର୍ମାଣ ପାଇଁ ୨୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକରେ ଆସବାବ ଓ ସଂଲଗ୍ନ ଉପକରଣ ନିମନ୍ତେ ଏହି ବର୍ଷ ୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସରକାରୀ ଜମିର ସୁରକ୍ଷା ଲାଗି ୨୦ କୋଟି ଟଙ୍କାର ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି। ସେହିପରି କେନ୍ଦ୍ରୀୟ ଜନଗଣନା କାର୍ଯ୍ୟକ୍ରମ ଲାଗି ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ୫୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

# କାଠଯୋଡ଼ିରେ ତ୍ରିଶୂଳିଆଠାରେ ହେବ ଦ୍ୱିତୀୟ ସେତୁ: ମନ୍ତ୍ରୀ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ନିର୍ମାଣ ବିଭାଗ ଜରିଆରେ ରାସ୍ତାର ଉନ୍ନତି, ସେତୁ ନିର୍ମାଣ, କୋଠା ନିର୍ମାଣ, ରାଜ୍ୟରେ ଜାତୀୟ ରାଜପଥର ଉନ୍ନତି ତଥା ରକ୍ଷଣାବେକ୍ଷଣ ଇତ୍ୟାଦିର ବିକାଶ ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି। ଗୀତଗୋବିନ୍ଦ ସଦନଠାରେ ଶନିବାର ଆୟୋଜିତ ବଜେଟ ୨୦୨୩-୨୪ ସମ୍ପର୍କିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ମଲିକ କହିଛନ୍ତି, ରାଜ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ସଡ଼କ ବିକାଶ କାର୍ଯ୍ୟକ୍ରମ ଅଧୀନରେ ୩୦୦୦ କିଲୋମିଟର ସଡ଼କ, ୯ ଗୋଟି ମୁଖ୍ୟ ସେତୁର ଉନ୍ନତୀକରଣ ପାଇଁ ୪୬୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହା ଗତ ଆର୍ଥିକ ବର୍ଷରେ ୧୮୯୦ କୋଟି ଟଙ୍କା ଥିଲା । ଏଥିମଧ୍ୟରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକ ହେଉଛି ୬ ଲେନ୍ ବିଶିଷ୍ଟ କଟକ ରିଙ୍ଗ୍ ରୋଡ୍, ତାଳଦଣ୍ଡା କେନାଲର ଉନ୍ନତୀକରଣ, ୪ ଲେନ୍ ବିଶିଷ୍ଟ କଟକ-ପାରାଦୀପ ରାସ୍ତା, ୪ ଲେନ୍ ବିଶିଷ୍ଟ କପିଳପ୍ରସାଦ-ଜଟଣୀ ରାସ୍ତା, ପାରଳାଖେମୁଣ୍ଡି ସହିତ ନୂତନ ୪ ଲେନ୍ ବିଶିଷ୍ଟ ସଂଯୋଗ ରାସ୍ତା ଏବଂ ବ୍ରହ୍ମପୁର, ବଲାଙ୍ଗୀର, ସମ୍ବଲପୁର ସହ ଅନ୍ୟାନ୍ୟ ସ୍ଥାନରେ ବାଇପାସ୍ ନିର୍ମାଣ । ଏତଦ୍‌ବ୍ୟତୀତ ତ୍ରିଶୂଳିଆଠାରେ କାଠଯୋଡ଼ି ନଦୀ ଉପରେ ଦ୍ୱିତୀୟ ନୂତନ ସେତୁ, ବୈତରଣୀ ନଦୀ ଉପରେ ଚାନ୍ଦବାଲି ଓ ଆନନ୍ଦପୁରଠାରେ ସେତୁ, ଆଳିଠାରେ ବ୍ରାହ୍ମଣୀ ନଦୀ ଉପରେ ସେତୁ ଏବଂ ଦୟା ପଶ୍ଚିମ କେନାଲରେ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ । ଗତ ୨ ଦଶନ୍ଧି ମଧ୍ୟରେ ନିର୍ମାଣ ବିଭାଗ ଦ୍ୱାରା ପରିଚାଳିତ ସମୁଦାୟ ସଡ଼କ ଦୈର୍ଘ୍ୟ ୧୬,୦୪୧ କି.ମି.ରୁ ୩୧,୩୧୭ କି.ମି. ହୋଇପାରିଛି । ରାଜ୍ୟରେ ଆବଶ୍ୟକ ଭିତ୍ତିଭୂମି ଯୋଗାଇବା ପାଇଁ ନିର୍ମାଣ ବିଭାଗ ନିଜ ବିଭାଗ ସହିତ ଅନ୍ୟ ବିଭାଗର କୋଠାବାଡ଼ି ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ମଧ୍ୟ କରିଥାଏ । ବିଜୁ ଏକ୍ସପ୍ରେସ୍ ୱେ ୨ ଅଧୀନରେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇ ବ୍ରହ୍ମପୁରଠାରୁ ଜୟପୁର ପର୍ଯ୍ୟନ୍ତ ୩୩୫ କି.ମି. ଦୈର୍ଘ୍ୟ ରାସ୍ତାକୁ ୪ ଲେନ୍ ବିଶିଷ୍ଟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।




**ଆଜିର ମନ୍ତବ୍ୟ**

ଭାରତୀୟ ଗଣତନ୍ତ୍ର ଓ ସଂସ୍ଥାଗୁଡ଼ିକର ସଫଳତାକୁ ନେଇ ମର୍ମାହତ କେତେଜଣ ବ୍ୟକ୍ତି ଏହା ଉପରେ ଆକ୍ରମଣ କରୁଛନ୍ତି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବୁଲ ମାଠିଆ ପେଟ**
**ଛ' ମାସ ଜଗିଲି ଦେଉଳ ବାଟ**
**ଦିନେ ନ ପାଇଲି ଭେଟ।**

ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦିଏ। ଦେଉଳକୁ ଠାକୁର ପୁଜିବାକୁ ଆସି ଦେଖା ସାକ୍ଷାତରୁ ମନ ଦେଇ ପରେ ଠକି ହୋଇଗଲେ ମନର ସବୁ ସରାଗ ମରିଯାଏ, ପ୍ରେମ ଉପରୁ ଭରସା ତୁଟିଯାଏ। ଯାହାଲାଗି ଏତେ ସରି ତା'ସହ ଦୀର୍ଘଦିନ ହେଲା ଦେଖାସାକ୍ଷାତ ହୋଇ ନ ପାରିବା କାରଣରୁ ମନରେ ଖେଦ ଭାବ ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆଲୋ ସଖି**
**ଆପଣା ମହତ ଆପେ ରଖି।**

ବ୍ୟକ୍ତି ନିଜର ଆଚରଣ , ଉଚ୍ଚାରଣ ଓ ଚାଲିଚଳନରେ ଶାଳୀନତା ରକ୍ଷା କରିବା ଉଚିତ। ଅନ୍ୟଥା ସମ୍ମାନରେ ହାନି ଘଟିବାର ସମ୍ଭାବନା ରହିଥାଏ। ମାନ ସମ୍ମାନ ଥରେ ଚାଲିଗଲେ ଆଉ ମିଳି ନ ଥାଏ ବା ଫେରି ନ ଥାଏ। ତେଣୁ ନିଜ ମର୍ଯ୍ୟାଦା ବା ସମ୍ମାନ ନିଜେ ରକ୍ଷା କରିବା ଉଚିତ ବୋଲି ଏଠାରେ ଉପଦେଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୬ ଦିନର ଝିଅକୁ ହତ୍ୟା କଲେ ମା'

■ ବ୍ୟବଚ୍ଛେଦ ରିପୋର୍ଟରୁ ମିଳିଲା ସୂଚନା
■ ନିଜ ଆଡୁ ମାମଲା ରୁଜୁ କରି ଗିରଫ କଲା ପୋଲିସ
■ କୁକୁର ଝୁଣି ଖାଇଗଲା ବୋଲି ବାହାନା କରିଥିଲେ

ଭୋଗରାଇ, ୧୮।୩(ଡି.ଏନ.ଏ.)

ଆଗରୁ ଝିଅଟିଏ ଥିଲା। ପୁଣି ଗୋଟିଏ ଝିଅ ହେବାରୁ ମା' ମନରେ ସୃଷ୍ଟି ହୋଇଥିଲା ବିତୃଷ୍ଣା। ପରିବାର ଲୋକେ ତାଙ୍କୁ ସାନ୍ତ୍ୱନା ଦେବା ପରିବର୍ତ୍ତେ ଭାରାକ୍ରାନ୍ତ କରିବାରୁ ସେ ଅତିଷ୍ଠ ହୋଇପଡ଼ିଥିଲେ। ଶେଷରେ ସେ ସାନଝିଅକୁ ଜୀବନରୁ ହଟାଇବାକୁ ମନେ ମନେ ସ୍ଥିର କରିଥିଲେ। ଦିନେ ଘରେ କେହି ନ ଥିବା ବେଳେ ମା' ନିଜ ୬ ଦିନର ଝିଅର ତଣ୍ଟିଚିପି ହତ୍ୟା କରି ପୋଖରୀରେ ଫିଙ୍ଗି ଦେଇଥିଲେ। ଝିଅକୁ କୁକୁର ଝୁଣି ଖାଇଗଲା ବୋଲି ବାହାନା କରିଥିଲେ। ପୋଖରୀରେ ମୃତଦେହ ଭାସୁଥିବା ଦେଖି ପଡ଼ୋଶୀମାନେ ଉଦ୍ଧାର କରିବା ସହ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୋଲିସର ସନ୍ଦେହ ହେବାରୁ ଘଟଣା ପଦାକୁ ଆସିଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ସିଆଁରୋଇ ଗ୍ରାମରେ ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ସିଆଁରୋଇ ଗ୍ରାମର ବଳରାମ ପାତ୍ର ଓ ସ୍ତ୍ରୀ ବନ୍ଦନାଙ୍କ ପୂର୍ବରୁ ୩ ବର୍ଷର କନ୍ୟା ସନ୍ତାନ ଥିଲେ। ପୁଅ ଆଶାରେ ବନ୍ଦନା ପୁଣି ଗର୍ଭବତୀ ହୋଇଥିଲେ। ପୁନର୍ବାର ତାଙ୍କର ଏକ ଶିଶୁକନ୍ୟା ହେବାରୁ ସେ ମାନସିକ ଭାରସାମ୍ୟ ହରାଇଥିଲେ। ଦୁଇ ଝିଅଙ୍କୁ ଲାଳନ ପାଳନ କରି ବଡ଼ କରିବା ପାଇଁ ତାଙ୍କପକ୍ଷେ କଷ୍ଟକର ଥିବା ବେଳେ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଗତ ୬ ତାରିଖ ରାତିରେ ପରିବାର ଲୋକେ ଭୋଜି ଖାଇବା ପାଇଁ ପଡ଼ୋଶୀ ଘରକୁ ଯାଇଥିବା ବେଳେ ଏହି ସୁଯୋଗରେ ମା' ୬ ଦିନର ଶିଶୁକନ୍ୟାକୁ ଘରେ ତଣ୍ଟି ଚିପି ହତ୍ୟା କରିବା ପରେ ପୋଖରୀରେ ଫିଙ୍ଗି ଦେଇଥିଲେ। ବ୍ୟବଚ୍ଛେଦ ରିପୋର୍ଟରୁ ହତ୍ୟା ସୂଚନା ମିଳିବା ପରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଥିଲା। ତଦନ୍ତ ପରେ ଶିଶୁକନ୍ୟା ମୃତ୍ୟୁ ଘଟଣାର ରହସ୍ୟ ଉନ୍ମୋଚନ ହେବା ସହ ପୋଲିସ ମା'ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ କମର୍ଦ୍ଦା ଥାନାରେ ଏକ ମାମଲା(ନଂ.୩୦/୨୩) ରୁଜୁ ହୋଇଛି। କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# କୋଇଡ଼ା ବିଡିଓଙ୍କୁ ନେଇ ବିଧାନସଭା ଅଚଳ

ଭୁବନେଶ୍ୱର,୧୮।୩(ବ୍ୟୁରୋ)

କୋଇଡ଼ା ବିଡିଓ ବିଧାୟକଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗରେ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଶନିବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା କୋଇଡା ବିଡିଓ ଅସମ୍ମାନ କରୁଥିବା ନେଇ ଅଭିଯୋଗ କରି ଗୃହରେ ଧାରଣା ଦେଇଥିଲେ। ବାଚସ୍ପତିଙ୍କ ରୁଲିଂ ସତ୍ତ୍ୱେ ବିଡିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। କର୍ମଚାରୀମାନେ କଲମ ଛାଡ଼ ଆନ୍ଦୋଳନ କରୁଛନ୍ତି। ବିଧାନସଭା ମୋର କିଛି କରିପାରିବ ନାହିଁ ବୋଲି ବିଡିଓ କହୁଥିବା କଥା ନେଇ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଯାଏ ଗୃହରେ ଧାରଣାରେ ବସିବେ ବୋଲି ସେ କହିଥିଲେ। ଏହି ପ୍ରସଙ୍ଗରେ ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟ ଲକ୍ଷ୍ମଣ ମୁଣ୍ଡାଙ୍କୁ ସମର୍ଥନ କରି ବିଧାନସଭାରେ ପ୍ରବଳ ହୋହଲ୍ଲା କରିଥିଲେ। ଫଳରେ ବିଧାନସଭାରେ କ୍ୱେଶ୍ଚିନ ଆୱାର ଚାଲିପାରି ନ ଥିଲା। ବାଚସ୍ପତି ବାଧ ହୋଇ ମାତ୍ର ୩ ମିନିଟ ପରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ଶୂନ୍ୟକାଳରେ ମଧ୍ୟ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ପ୍ରବଳ ହଟ୍ଟଗୋଳ ହେବାରୁ ଗୃହ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁଣି ବିରୋଧୀ ଦଳ ସମାନ ପ୍ରସଙ୍ଗରେ ହଟ୍ଟଗୋଳ କରିଥିଲେ। କୋଇଡ଼ା ବିଡିଓଙ୍କ ବିରୋଧରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଆଣିଥିବା ଅଭିଯୋଗ ନେଇ ଗୃହରେ ବିବୃତି ରଖିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ । ସରକାର ଏହାକୁ ଗୁରୁତର ସହ ବିଚାର କରିଛନ୍ତି। ବିହିତ ପଦକ୍ଷେପ ନେବାକୁ ଚିନ୍ତା କରାଯାଉଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିବୃତି ରଖିବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ଫେୟାରୱେଲ୍ ଭୋଜି ଖାଇ ୨୪ ଛାତ୍ରୀଛାତ୍ର ଅସୁସ୍ଥ



ବଲାଙ୍ଗୀର ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପହଞ୍ଚିଥିବା ମେଡିକାଲ ଟିମ୍।

ବଲାଙ୍ଗୀର ଅଫିସ, ୧୮।୩

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ପଥରଚେପାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨୪ ଜଣ ଛାତ୍ରୀଛାତ୍ର ଫେୟାରୱେଲ(ବିଦାୟକାଳୀନ ସମ୍ବର୍ଦ୍ଧନା) ଭୋଜି ଖାଇ ଅସୁସ୍ଥ ହୋଇଛନ୍ତି। ଶନିବାର ସକାଳେ ଏହି ଖବର ଜଣାପଡ଼ିବା ପରେ ଆଦର୍ଶ ସ୍କୁଲକୁ ଚୂଡ଼ାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଟିମ୍ ପହଞ୍ଚି ଅସୁସ୍ଥ ପିଲାଙ୍କ ଚିକିତ୍ସା ଆରମ୍ଭ କରିଥିଲା। ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା. ଦିବ୍ୟକୌଶଲ ପତି, ଡା. ନମିତା ମିଶ୍ର, ଚୂଡ଼ାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ତରୁଣ କୁମାର ଭୋଇ, ଡା. ପ୍ରକାଶ ଦାଶ ଓ ମେଡିକାଲ ଟିମ୍ ସଦସ୍ୟ ସ୍କୁଲରେ ପହଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆବଶ୍ୟକ ମେଡିସିନ ଏବଂ ଓଆର୍‌ଏସ୍ ପିଇବାକୁ ଦେଇଥିଲେ। ଶୁକ୍ରବାର ଏହି ସ୍କୁଲରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ଫେୟାରୱେଲ୍ ଭୋଜି ଦିଆଯାଇଥିଲା। ଭୋଜି ଖାଇବା ପରେ ରାତିରେ ପିଲାମାନେ ଠିକ୍‌ଭାବେ ଶୋଇପାରି ନ ଥିଲେ। ସେମାନଙ୍କ ହଜମ ଠିକ୍‌ଭାବେ ହୋଇ ନ ଥିବାରୁ ଏପରି ସମସ୍ୟା ଦେଖାଦେଇଥିବା ଡାକ୍ତରମାନଙ୍କ ସୂତ୍ରରୁ ଜଣାପଡ଼ିଛି। ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଶନିବାର ସନ୍ଧ୍ୟା ସୁଦ୍ଧା ମେଡିକାଲ ଟିମ୍ ଜଗିରହି ଚିକିତ୍ସା ଜାରି ରଖିଥିଲା। ଚିକିତ୍ସା ପରେ ସମସ୍ତ ଛାତ୍ରୀଛାତ୍ର ସୁସ୍ଥ ଥିବା ଜଣାପଡିଛି। ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଶ୍ୱଜିତ ଶିଙ୍କୁ ଏହି ଆଦର୍ଶ ବିଦ୍ୟାଳୟକୁ ଯାଇ ଖାଦ୍ୟ ଯାଞ୍ଚ କରି ଫେରିଛନ୍ତି। କୌଣସି ଖାଦ୍ୟରେ ବିଷାକ୍ତଜନିତ ସମସ୍ୟା ନ ଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ଶିଙ୍କୁ କହିଛନ୍ତି।

## ପୁରୀରେ ହଣାକଟା...

ପ୍ରଥମ ପୃଷ୍ଠାରୁ...



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଉଛନ୍ତି ।

ସେମାନେ ହେଲେ ଚୂଡ଼ଙ୍ଗ ସାହିର ସୁନୀଲ ଦାସ, ରବିନାରାୟଣ ପାତ୍ର, କଣ୍ଡପୁରର ଭୀମସେନ୍ ବରାଳ, ଛବି ପ୍ରଧାନ, ଉପର ମାଳିସାହିର ଗୋପାଳ ମୁନି, ଖଡ଼ିପଦାର ତ୍ରିଲୋଚନ ବେହେରା, ଦଇତାପଡା ସାହିର ହୃଷୀକେଶ ପଣ୍ଡା, ପଞ୍ଚଚୌରା ଛକର ଖଗେଶ୍ୱର ସାହୁ ଓ ମାର୍କେଣ୍ଡେଶ୍ୱର ସାହିସ୍ଥିତ ନୂଆପାଟଣା ଗଳିର ସମୀର ଦାସ୍(ଜୁଏଲ୍)। ଅଭିଯୁକ୍ତଙ୍କଠାରୁ ପୋଲିସ ୨ଟି ଖଣ୍ଡା ଓ ୩ଟି ମୋବାଇଲ ଫୋନ ଜବତ କରିଛି। ତେବେ ହଣାକଟାରେ ଖଗେଶ୍ୱର ଗୁରୁତର ହୋଇ ପୁରୀ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ହୃଷୀକେଶ ଏବଂ ସମୀରଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ କୁମ୍ଭାରପଡ଼ା ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ପୋଲିସ ୨ଟି ମାମଲା(୫୮, ୫୯/୨୩) ରୁଜୁକରି ତଦନ୍ତ ଜାରି ରଖିଥିବା ନେଇ ଟାଉନ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବଡ଼ଦାଣ୍ଡରେ ଥିବା ଦୁଇ ଗୋଷ୍ଠୀ ମଧ୍ୟରେ ଜୁଆଖେଳ ଓ ପୂର୍ବ ଶତ୍ରୁତା ଲାଗିରହିଥିଲା। ତେବେ ଶନିବାର ସକାଳ ୬ଟା ୩୦ ସମୟରେ ମାର୍କେଟ ଛକ ସ୍ଥିତ ଏକ ଶୋ' ରୁମ୍ ପାଖରେ ସେହି ୨ ଗୋଷ୍ଠୀର ୧୦ରୁ ୧୨ଜଣ ଯୁବକ ଏହି କଥାକୁ ନେଇ ଖଣ୍ଡା ଓ ମାରଣାସ୍ତ୍ର ଧରି ରାସ୍ତା ଉପରେ ଗୋଡ଼ାଇ ଗୋଡ଼ାଇ ପରସ୍ପରକୁ ଆକ୍ରମଣ କରିଥିଲେ। ଏହି ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଏହି ଆକ୍ରମଣରେ ୩ଜଣ ଗୁରୁତର ହୋଇପଡ଼ିବାରୁ ସବୁ ଛତ୍ରଭଙ୍ଗ ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୩ଗୁରୁତରଙ୍କୁ ହସ୍ପିଟାଲ ପଠାଇଥିଲା। ପରେ ଘଟଣାକୁ ଗୁରୁତ୍ୱର ସହ ନେଇ ସ୍ୱତନ୍ତ୍ର ସ୍କ୍ୱାଡ ସହ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଯାହାର ଲିଡ୍ ନେଇଥିଲେ ଅତିରିକ୍ତ ଏସ୍‌ପି ପଣ୍ଡା। ଘଟଣାର ୧୦ଘଣ୍ଟା ଭିତରେ ସହରର ଓ ଅନ୍ୟ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିଲେ। ଅନ୍ୟପଟେ ଆକ୍ରମଣରେ ୩ଜଣ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ପୋଲିସ ସେମାନଙ୍କୁ ଜଗି ରହିଛି। ସେମାନେ ସୁସ୍ଥ ହେବା ପରେ କୋର୍ଟଚାଲାଣ କରାଯିବ ବୋଲି ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି। ସୂଚନା ଥାଉକି, ପୂର୍ବରୁ ଆପରାଧିକ ମାମଲାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଥିଲା। ଶନିବାର ସକାଳେ ତାହା ଉଗ୍ରରୂପ ନେଇ ସଂଘର୍ଷ ଘଟିଥିଲା। ଉକ୍ତ ଘଟଣାରେ ଜୁଏଲ ଏବଂ ହୃଷୀକେଶ ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ। ଅନ୍ୟମାନେ ଏହି ଦୁଇଜଣଙ୍କ ସହଯୋଗୀ ଥିଲେ। ତେବେ ଖଡିପଦା ମେଳନ ପଡିଆରେ ଜୁଆ ଖେଳକୁ ନେଇ ହୋଇଥିବା ବିବାଦକୁ ପୋଲିସ ଖଣ୍ଡନ କରିଛି। ସେହିପରି ଆଗକୁ ସାହିଯାତ ଥିବାରୁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି। ସହରରେ ଏଭଳି ଘଟଣା ଲଗାତର ଘଟୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ପୋଲିସର ପାଟ୍ରୋଲିଂ ଅଭାବକୁ ଦାୟୀ କରିଛନ୍ତି ସହର ବାସିନ୍ଦା।

ପ୍ରଥମ ପୃଷ୍ଠାରୁ...

## ମାଟ୍ରିକ୍ ପ୍ରଶ୍ନପତ୍ରରେ ...

କେତେଜଣ ପରୀକ୍ଷାର୍ଥୀ ଅଭିଯୋଗ କରି କହିଛନ୍ତି, ପ୍ରଶ୍ନପତ୍ର ଉପରେ ଏ' ସେଟ୍ ଲେଖା ଯାଇଥିବାବେଳେ ଭିତରେ ବି' ସେଟ ଲେଖାଯାଇଛି। ସେହିଭଳି ୫୦ଟି ପ୍ରଶ୍ନ ବଦଳରେ ୪୯ଟି ପ୍ରଶ୍ନ ଆସିଛି। ପ୍ରଶ୍ନପତ୍ରରୁ ୧୯ ନମ୍ବର ପ୍ରଶ୍ନ ସମ୍ପୂର୍ଣ୍ଣ ଗାଏବ ହୋଇଯାଇଛି। ଫଳରେ ଅନ୍ୟ ସେଟ୍ ପ୍ରଶ୍ନପତ୍ର ପାଇଥିବା ଛାତ୍ରୀଛାତ୍ର ୫୦ଟି ପ୍ରଶ୍ନର ଉତ୍ତର ଦେଇଥିବାବେଳେ ସେମାନେ ୪୯ଟି ପ୍ରଶ୍ନର ଉତ୍ତର ଦେଇପାରିଲେ। ଅନେକ ପ୍ରଶ୍ନ ଏକାଧିକ ଥର ଆସିଛି। ୧ନଂ. ରୁ ୬ନଂ. ଯେଉଁ ପ୍ରଶ୍ନ ଥିଲା ୭ରୁ ୧୨ ସମାନ ପ୍ରଶ୍ନ ରହିଥିଲା। କେବଳ କିଛି ପରୀକ୍ଷା କେନ୍ଦ୍ରରେ ପିଲାଙ୍କଠାରେ ଏଭଳି ଭୁଲ ଥିବା ଜଣାପଡିଛି। ଏଭଳି ତ୍ରୁଟି ପାଇଁ ମାର୍କ କମିବାର ଆଶଙ୍କା ରହିଥିବାରୁ ପରିକ୍ଷାର୍ଥୀମାନେ ଘୋର ମାନସିକ ଚାପରେ ରହିଛନ୍ତି। ଏଥିପାଇଁ ଛାତ୍ରୀଛାତ୍ର ଗ୍ରେସ ମାର୍କ ଦେବା ପାଇଁ ଦାବି କରିଛନ୍ତି। ଏପରି ସାଂଘାତିକ ତ୍ରୁଟିକୁ ବୋର୍ଡ ସଭାପତି ରାମାଶିଷ ହାଜରା ସ୍ୱୀକାର କରିବା ସହ ଏହା ମୁଦ୍ରଣଜନିତ ତ୍ରୁଟି ବୋଲି କହିଛନ୍ତି। କିଛି ସେଣ୍ଟରରେ ପ୍ରଶ୍ନପତ୍ରରେ ମୁଦ୍ରଣଜନିତ ତ୍ରୁଟି ହୋଇଥିବାର ଅଭିଯୋଗ ଆସିଛି। ଅଳ୍ପ ଛାତ୍ରୀଛାତ୍ର ଏଭଳି ପ୍ରଶ୍ନପତ୍ର ପାଇଥିଲେ। ସାମାଜିକ ବିଜ୍ଞାନ ପ୍ରଶ୍ନ ପତ୍ରରେ ଏଭଳି ମୁଦ୍ରଣଜନିତ ତ୍ରୁଟି ହୋଇଛି। ଏଥିଲାଗି ଛାତ୍ରୀଛାତ୍ର ବା ଅଭିଭାବକମାନେ ଚିନ୍ତିତ ହୁଅନ୍ତୁ ନାହିଁ, ଆଉଥରେ ପରୀକ୍ଷା କରାଯିବାର ଆବଶ୍ୟକତା ନାହିଁ। ମୂଲ୍ୟାୟନ ସମୟରେ ପରୀକ୍ଷାର୍ଥୀମାନଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯିବ। ବହୁତ କମ୍ ପରୀକ୍ଷାର୍ଥୀଙ୍କ କ୍ଷେତ୍ରରେ ଘଟିଛି। କ'ଣ ପାଇଁ ତ୍ରୁଟି ହୋଇଛି, ଏହା ଉପରେ ତଦନ୍ତ କରାଯାଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି ତ୍ରୁଟି ପୁନର୍ବାର ହେବ ନାହିଁ ବୋଲି ବୋର୍ଡ ସଭାପତି ହାଜରା କହିଛନ୍ତି। ସେହିଭଳି ବୋର୍ଡ଼ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତିଙ୍କ କହିବା ଅନୁଯାୟୀ ଏହା ମୁଦ୍ରଣଜନିତ ତ୍ରୁଟି ରହିଛି। ଖାତା ମୂଲ୍ୟାୟନ ସମୟରେ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯିବ। ଏହି ତ୍ରୁଟିକୁ କେହି ଦେଖିବାର ସୁଯୋଗ ନ ଥିବା ସେ କହିଛନ୍ତି। କାରଣ ଏହା କନ୍‌ଫିଡେନସିଆଲ। ତେବେ ପୁନର୍ବାର ଏହି ସମସ୍ୟା ଆଉ ହେବ ନାହିଁ ବୋଲି ସେ କହିଛନ୍ତି।

## ପ୍ରଶ୍ନପତ୍ର ଭାଇରାଲ ....

ହୋଇଥିଲା। ଏଥିସହିତ ବଲାଙ୍ଗୀରରେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଚର୍ଚ୍ଚା ହୋଇଥିଲା। ପ୍ରଶ୍ନପତ୍ରରେ ତ୍ରୁଟି ରହିଥିବା ଘଟଣାକୁ ଗଣଶିକ୍ଷା ବିଭାଗ ସ୍ୱୀକାର କରିଥିବାବେଳେ ବଲାଙ୍ଗୀରରେ ପ୍ରଶ୍ନପତ୍ର ଭାଇରାଲ ହେବା ଖବରକୁ ମନ୍ତ୍ରୀ ଖଣ୍ଡନ କରିଛନ୍ତି।

## ବଜ୍ରପାତରେ ମହିଳା, ...

ବ୍ଲକ୍ ଅଯୋଧ୍ୟା ପଞ୍ଚାୟତ ପ୍ରତାପପୁର ଗାଁରେ ଏକ ଭଙ୍ଗାଘର ଉପରେ ବଜ୍ରପାତ ହେବାରୁ ଏହା ତଳେ ଆଶ୍ରୟ ନେଇଥିବା ୧୧ ଗୋରୁଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ କୁଆପଥର ମାଡ଼ରେ ରାୟଗଡ଼ା ଜିଲାର କଲ୍ୟାଣସିଂହପୁରରେ ପ୍ରବଳ କୁଆପଥର ବର୍ଷା ହୋଇଥିବାବେଳେ ଏଠାକାର ରାସ୍ତା ଓ ସମତଳ ଭୂମିରେ ପଡ଼ିଥିବା କୁଆପଥର କଶ୍ମୀର ବରଫ ଝଡ଼ର ଭ୍ରମ ସୃଷ୍ଟି କରିଛି। ସେହିପରି କାଶୀପୁର ଉପର କଞ୍ଚାକଣା ଗାଁରେ ଝଡ଼ତୋଫାନରେ ଏକ ଆଜ୍‌ବେଷ୍ଟସ ଉଡିଯାଇଥିବାବେଳେ କୁଆପଥର ବର୍ଷାରେ ୨ ମହିଳା ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ପଶ୍ଚିମା-ଝଡ଼ ପ୍ରଭାବରେ ଝଡ଼ତୋଫାନ, କୁଆପଥର ବର୍ଷା ସହ ବଜ୍ରପାତ ହୋଇଛି। ବିଶେଷକରି ଉତ୍ତର ଓ ଦକ୍ଷିଣ ଓଡ଼ିଶା ସମେତ ବହୁ ସ୍ଥାନରେ ସନ୍ଧ୍ୟା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସମୟରେ ବର୍ଷା ପବନ ଲାଗି ରହିଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ବାଲେଶ୍ୱରରେ ସର୍ବାଧିକ ୪୧ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି କୋରାପୁଟରେ ୨୭ମି.ମି., ବରଗଡ଼ ୨୨, ରାଉରକେଲା ୧୭, ନୂଆପଡା ୧୪, ହୀରାକୁଦ ୧୪, ଭବାନୀପାଟଣା ୧୦, ପାରଳାଖେମୁଣ୍ଡି ୮.୧, ମାଲକାନଗିରି ୬.୧, ଟିଟିଲାଗଡ଼ ୪.୬, ସମ୍ବଲପୁର ୪.୫, ନବରଙ୍ଗପୁର ୪ ଓ ବଲାଙ୍ଗୀରରେ ୩.୨ ମିମି ବର୍ଷା ହୋଇଛି। ଏହାଛଡ଼ା ରାଜ୍ୟର ଅନ୍ୟ ସ୍ଥାନରେ ମଧ୍ୟ ବର୍ଷା ଲାଗି ରହିଛି। ଏଥିସହିତ ରବିବାର ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ ଓ ଅନୁଗୋଳ ଆଦି ୧୭ ଜିଲାରେ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

## ଶିଳ୍ପ ଓ ଶିଳ୍ପାୟନ ଓଡ଼ିଶାର ...

ସେହିପରି ଜଣେ ବ୍ୟକ୍ତି ସଫଳତା ପାଇବା ପରେ ଅନ୍ୟମାନେ ଖୁସି ହୁଅନ୍ତି। ମାତ୍ର ସେହି ସଫଳତା ପଛରେ ତାଙ୍କର କେତେ ଯେ ପରିଶ୍ରମ, ତ୍ୟାଗ ରହିଥାଏ ତାହାକୁ ବହୁତ କମ୍ ଲୋକ ଅନୁଭବ କରିଥାଆନ୍ତି। ସେହି କଷ୍ଟ, ସମର୍ପଣଭାବକୁ ମାନ୍ୟତା ପ୍ରଦାନ ବା ପ୍ରୋତ୍ସାହିତ କରିବା ସକାଶେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଏଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଆସୁଛି। 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ' କାର୍ଯ୍ୟକ୍ରମ ଆମ ରାଜ୍ୟର ଉଦ୍ୟୋଗୀମାନଙ୍କୁ ଅଧିକ ପ୍ରୋତ୍ସାହିତ କରିବାର ଏକ ମାଧ୍ୟମ। ଓଡ଼ିଶା ଶିଳ୍ପର ଏକ ଇତିହାସ ରହିଛି। ପ୍ରମୁଖ କୃଷି ଆଧାରିତ ସମାଜରୁ ବାହାରି ଓଡ଼ିଶା ବର୍ତ୍ତମାନ ଏକ ଆଧୁନିକ ଶିଳ୍ପ ଏବଂ ଖଣି ନିର୍ଭରଶୀଳ ଅର୍ଥନୀତି ଆଡ଼କୁ ଗତି କରୁଛି ବୋଲି ତଥାଗତ କହିଛନ୍ତି। ମୁଖ୍ୟବକ୍ତା ଭାବେ ଫିକି ସଭାପତି ତଥା ଇମ୍ପାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଲେ, ଓଡ଼ିଶାର ଶିଳ୍ପ ଯାତ୍ରାକୁ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ' ପ୍ରୋତ୍ସାହିତ କରୁଛି। ଛୋଟଛୋଟ ପ୍ରୋତ୍ସାହନ ଆଗକୁ ବଢ଼ିବାର ସୁଯୋଗ ଆଣିଦେଇଥାଏ। ଓଡ଼ିଶା କିଭଳି ଶିଳ୍ପ କ୍ଷେତ୍ରରେ ଏକ ପ୍ରମୁଖ ପୁଞ୍ଜିନିବେଶର କେନ୍ଦ୍ର ପାଲଟିଛି ତାହା ଏହି କାର୍ଯ୍ୟକ୍ରମ ସୂଚାଇଦେଉଛି। ରାଜ୍ୟରେ ପ୍ରାକୃତିକ ସମ୍ପଦ ଭରି ରହିଥିବାବେଳେ ଆମ ବ୍ୟବସାୟୀମାନେ ଏହାର ସଦ୍‌ବିନିଯୋଗ କରିବା ଆବଶ୍ୟକ। ଆମେ ପ୍ରଯୁକ୍ତି କ୍ଷେତ୍ରରେ ଆଗେଇ ଚାଲିଛେ। ବର୍ତ୍ତମାନ ବିଦ୍ୟୁତ୍‌ଚାଳିତ ଯାନ (ଇଭି) କଥା କୁହନ୍ତୁ କି ଗ୍ରୀନ୍ ଏନର୍ଜି, ଏହିସବୁ ଶିଳ୍ପାୟନ ଉନ୍ନତିର ପାହାଚ ସଦୃଶ। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ମାଧ୍ୟମରେ ପୁଞ୍ଜିନିବେଶ ପାଇଁ ଓଡ଼ିଶା ଏକ ପ୍ରମୁଖ ମାଧ୍ୟମ ସାଜିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟର ଶିଳ୍ପାୟନ ଯାତ୍ରା ଆତ୍ମସଂଶୟରୁ ଆତ୍ମବିଶ୍ୱାସରେ ପହଞ୍ଚିଛି ବୋଲି ଶୁଭ୍ରକାନ୍ତ କହିଛନ୍ତି। ଏହି ଅବସରରେ ୨୧ ଜଣ ଉଦ୍ୟୋଗୀଙ୍କୁ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ-୨୦୨୩' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ପନସର୍ ଏମ୍‌ଜିଏମ୍ ମିନେରାଲ, ଜେଏସ୍‌ଡବ୍ଲ୍ୟୁ, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର, ଇଭୋସ୍ ବିଲ୍ଡକନ୍, ବେଦାନ୍ତ, କିଟ୍, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ, ଏମ୍‌ସିଏଲ୍, ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ୍, ନାବାର୍ଡ, ନାଲ୍‌କୋ, ନାରାୟଣୀ ମୋଟର୍ସ, ଅରୁନ୍ଧତୀ ଜୁଏଲର୍ସ, ଫାଲ୍‌କନ୍ ଗ୍ରୁପ୍, ଜିନ୍ଦଲ ଷ୍ଟେନ୍‌ଲେସ୍ ଏବଂ ଏସ୍‌ବିଆଇ ସମେତ ପାର୍ଟନର ଅଜନ୍ତା ଆଡ୍‌ଭର୍ଟାଇଜର୍ସ, ୱିଫି ଇଣ୍ଟରନେଟ୍ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥାପିକା ଶୋଭନା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
କର୍ମକ୍ଷେତ୍ରର କିଛି ସମସ୍ୟା ସାଙ୍ଗକୁ ନିଜ ଲୋକ ବିରୋଧାଚରଣ କରିବେ। ମନ ବୁଝିଲା ଭଳି କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ ଆପଣେଇ ନେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମରେ ସଫଳତା ପାଇବେ। ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ**
ପ୍ରସ୍ତୁତି ପଥରେ ଥିବା କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁ ଗହଣରେ ସତ୍ୟ କଥା ପ୍ରକାଶ କରି ମଧ୍ୟ ଅପମାନିତ ହୋଇପାରନ୍ତି। ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଆଜି କୌଣସି କାମରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡ଼ିବ।

**ମିଥୁନ**
ଉପରିସ୍ଥଙ୍କ ଭୁଲ୍ ବୁଝାମଣାରୁ କର୍ମ କ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ର କରି ପରିବାରରେ ହଟ୍ଟଗୋଳ ଲାଗିପାରେ। କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ମଧ୍ୟ କିଛି ଅସୁବିଧା ହେବ ନାହିଁ। ସନ୍ତାନହେତୁକ ଚିନ୍ତା ଦୂର ହେବ।

**କର୍କଟ**
ଆଜି ଭାଇ, ବନ୍ଧୁ, ସହକର୍ମୀ, ଅଂଶୀଦାର ବ୍ୟବସାୟୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଯାତ୍ରାକାଳୀନ ସମୟରେ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇ ଅଶାନ୍ତି ଉପୁଜିପାରେ। ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗରୁ ଟେନସନ୍ ଦୂର ହେବ।

**ସିଂହ**
କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା, ତାହା ପାଇବା କଷ୍ଟକର ହୋଇପଡ଼ିବ। ପଡ଼ୋଶୀଙ୍କ ସହ ଭଲ ସମ୍ପର୍କ ରଖିବା ଚେଷ୍ଟା କରି ସଫଳତା ପାଇବେ।

**କନ୍ୟା**
ଅପୂରଣୀୟ ଆଶା ଓ ଅର୍ଥର ଅଭାବ ହେତୁ ମାନସିକ ସ୍ଥିରତା ରହିବ ନାହିଁ। ହାତକୁ ନେଇଥିବା କାମ ବିଷୟରେ ଯାହା କରିବା କଥା ଶୀଘ୍ର ଶୀଘ୍ର ଶେଷ କରିବା ଭଲ ହେବ। ସତ୍ ସଙ୍ଗ କିମ୍ବା ନାମ ସଂକୀର୍ତ୍ତନରେ ନିଜକୁ ହଜାଇ ଦେଇ ପାରନ୍ତି। ପରିସ୍ଥିତିରେ ବିଷମତା ଥିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**ତୁଳା**
ଆଜି ମନ ଅନୁଯାୟୀ କାମ କରିବାରେ ଅସୁବିଧା ହେବ ନାହିଁ। ପ୍ରତ୍ୟେକ କାମ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲା ତଥା ସାମାଜିକ ସମ୍ମାନ ଲାଭ କରିବେ। ଘର ସାଜସଜ୍ଜା, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ମାଧ୍ୟମରେ ଗୁରୁତର ସମସ୍ୟା ସମାଧାନ ପାଇଁ ବାଟ ଫିଟିବ।

**ବିଛା**
ବନ୍ଧୁଙ୍କ ସାହାଯ୍ୟରୁ ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରେ। ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିହିଁ ଶେଷ କରିବାକୁ ଚାହୁଁଥିଲେ ମଧ୍ୟ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ।

**ଧନୁ**
କର୍ମକ୍ଷେତ୍ରରେ ଅନ୍ୟର ମତକୁ ସମ୍ମାନ ଦେଇ କାମ କଲେ ସଫଳତା ପାଇପାରନ୍ତି। ବିବାଦ ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଭଲ କାରବାର ଯୋଗୁ ଆତ୍ମସନ୍ତୋଷ ମିଳିପାରେ। ପାରିବାରିକ ସମସ୍ୟା ସୁଧାରିବାକୁ ଯାଇ ବହୁ କ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟ ପ୍ରାର୍ଥୀ ହୋଇପାରନ୍ତି।

**ମକର**
ଦୀର୍ଘ ଦିନରୁ ପଡ଼ି ରହିଥିବା କାମ ସକାଶେ ଚିନ୍ତା କରିପାରନ୍ତି। ସହକର୍ମୀ ଫାଇଦା ହାସଲ ସକଶେ ଅତି ନିଜର ଭଳି ବ୍ୟବହାର କରିପାରନ୍ତି। ଯେତେ ପ୍ରକାରର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହେବା ଅସମ୍ଭବ ହୋଇପଡ଼ିବ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ବାହାର କରିବାରେ ସମର୍ଥହେବେ।

**କୁମ୍ଭ**
ପୂର୍ବ ଯୋଜନା ଅନୁଯାୟୀ କର୍ମରେ ଆଗୁସାର ହେଲେ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବାରେ ପଡ଼ୋଶୀଙ୍କ ଭୂମିକା ଅବିସ୍ମରଣୀୟ ରହିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଆଜିର ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ**
ଆଜିର ପ୍ରତ୍ୟୁଷ ଯାତ୍ରା ସଫଳତା ଆଣିଦେବ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ବିଜୟ ଓ ଗୌରବାର୍ଜନ ନିଶ୍ଚିତ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି, ଯାହାକି ଆପଣଙ୍କ ପାଇଁ ମହଙ୍ଗା ପଡ଼ିପାରେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

ଆଜି ଚୈତ୍ର କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ରବିବାର, ମାର୍ଚ୍ଚ ୧୯ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୫ ଗତେ ଘ.୦୯।୫୫ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୩ ଗତେ ଘ.୦୫।୫୩ ମଧ୍ୟେ ରାହୁକାଳ।

GOVERNMENT OF JHARKHAND

# Jharkhand School of Excellence

## TOWARDS AN INCLUSIVE LEARNING ENVIRONMENT FOR ALL



80 Schools of Excellence, 325 Block level Leader Schools, 4,091 Gram Panchayat level Model Schools

Improved learning outcomes and opportunities for over 15 lakh students

Aimed at achieving equality, quality, inclusivity and standardization in education

Provision of state-of-the-art quality education in consonance with the changing times

CBSE affiliation and an Outcome Framework in tune with the National and State guidelines

***I believe that each section of society has every right to attain quality education.***

***It has been our consistent effort to ensure government schools meet the standard of education and training to enable an inclusive education system based on equality and quality.***

- **State-of-the-art infrastructure facilities**
- **English medium schools**
- **Integrated STEM labs**
- **Digital smart classes**
- **Robust IT infrastructure**
- **National level sports training**

PR-293039 (School Education and Literacy) 2022-23

**DEPARTMENT OF SCHOOL EDUCATION & LITERACY, GOVERNMENT OF JHARKHAND**

ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। **–ଶ୍ରୀମା**



# ସମ୍ପୂର୍ଣ୍ଣ ବିଫଳ



ଆକାର ପଟେଲ

ପ୍ରଧାନମନ୍ତ୍ରୀଙ୍କୁ ଜଣେ ପ୍ରଭାବଶାଳୀ ରାଜନୈତିକ ନେତା ଭାବେ ଗଣାଯାଉଛି। ଏହା ପଛରେ ପର୍ଯ୍ୟାପ୍ତ କାରଣ ନ ଥିଲେ ବି ତାଙ୍କୁ ଏଭଳି ବିବେଚନା କରାଯାଉଛି। ଅନ୍ୟପକ୍ଷରେ ଯୋଜନା କିମ୍ବା ଶାସନ ଦୃଷ୍ଟିକୋଣରୁ ତାଙ୍କ ଦ୍ୱିତୀୟ ପାଳିରେ ବହୁ ଝଟ୍‌କା ଓ ସମ୍ପୂର୍ଣ୍ଣ ବିଫଳତାର ଦାଗ ଥିଲେ ମଧ୍ୟ ତାହା ଉପରେ ଧ୍ୟାନ ଦିଆଯାଉନାହିଁ। ଅର୍ଥ ବ୍ୟବସ୍ଥାରେ ୨୦୧୯ରେ ଜିଡିପି ଅଭିବୃଦ୍ଧି ୩.୭% ଥିଲା ଓ ତା'ପୂର୍ବରୁ ହିଁ ଏହା ହ୍ରାସ ପାଇବା ଆରମ୍ଭ ହୋଇଥିଲା। ୨୦୨୦ରେ କୋଭିଡ୍ ମହାମାରୀ ଓ ଲକ୍‌ଡାଉନ ଯୋଗୁ ୪୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଭାରତର ଅଭିବୃଦ୍ଧି ନକାରାତ୍ମକ ସ୍ଥିତିକୁ ଆସିଯାଇଥିଲା। ଏବେ ଅଭିବୃଦ୍ଧି ୪%କୁ ଫେରିଛି ଓ ସ୍ୱାଭାବିକ ଜଣାପଡୁଛି। ବେରୋଜଗାରକୁ ଦେଖାଯାଉ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କରାଯାଇଥିବା ସର୍ଭେରୁ ଜଣାପଡ଼େ ଯେ, ବେରୋଜଗାର ୨ଗୁଣ ବୃଦ୍ଧି ପାଇ ୬%ରେ ପହଞ୍ଚିଥିଲା ଏବଂ ସେବେଠାରୁ ତାହା ସେହିଭଳି ରହିଆସିଛି। ଅନ୍ୟ ଏକ ସରକାରୀ ସର୍ଭେ ଅନୁଯାୟୀ ଗତ ତ୍ରୈମାସିକରେ ଏହା ୭%ରୁ ଅଧିକ ଥିଲା। ସର୍ଭେ ମଧ୍ୟ ପ୍ରକାଶ କରିଥିଲା ଯେ, କଲେଜ ଡିଗ୍ରୀଧାରୀ ୩୦ ବର୍ଷ ବୟସରୁ କମ୍ ୨୯% ଯୁବକ ବେରୋଜଗାର। ୨୦୨୧ ଫେବୃୟାରୀରେ କୋଭିଡ୍ ମହାମାରୀକୁ ଆୟତ୍ତ କରିବାରେ ମୋଦିଙ୍କୁ ଧନ୍ୟବାଦ ଦେଇ ଭାଜପା ଏକ ପ୍ରସ୍ତାବ ପାସ୍ କରିଥିଲା। କିନ୍ତୁ ଏହାର କିଛି ସପ୍ତାହ ପରେ ଦ୍ୱିତୀୟ ଲହରରେ ଭାରତ ବିଶ୍ୱରେ ସବୁଠୁ ବେଶି ପ୍ରଭାବିତ ହେଲା ଏବଂ ଚିକିତ୍ସା କିମ୍ବା ଅମ୍ଳଜାନ ଅଭାବରୁ ପୀଡ଼ିତମାନଙ୍କ ମୃତ୍ୟୁର ଦୁଃଖଦ ଛବି ପ୍ରକାଶ ପାଇଲା। ତେବେ ଏପ୍ରିଲ ୨୫ରୁ ମୋଦି କେଉଁଥିପାଇଁ ୨୦ ଦିନ ଅନ୍ତର୍ଦ୍ଧାନ ହୋଇଗଲେ ଓ ସାମ୍ନାକୁ ଆସିଲେ ନାହିଁ ତାହା ଏବେ ସୁଦ୍ଧା ଜଣାପଡୁନାହିଁ। ଏହି ସମୟରେ ସେହି ପ୍ରସ୍ତାବକୁ ଭାଜପା ୱେବସାଇଟ୍‌ରୁ ହଟାଇ ଦିଆଯାଇଥିଲା। ୨୦୨୦ରେ ସରକାରଙ୍କୁ ଜାତୀୟ ସୁରକ୍ଷା ସିଦ୍ଧାନ୍ତକୁ ଶେଷ କରିବାକୁ ପଡ଼ିଥିଲା। ସରକାର କଶ୍ମୀର ଓ ପାକିସ୍ତାନ ସୀମାରେ ସନ୍ତ୍ରାସବାଦ ବିରୋଧୀ ଅଭିଯାନ ଉପରୁ ଧ୍ୟାନ ହଟାଇ ତାହାକୁ ଲଦାଖ ଓ ଚାଇନା ସୀମାକୁ ନେଇ ଆସିଲେ। ଏହା କରିବା ଠିକ୍ କିମ୍ବା ଭୁଲ୍ ଥିଲା ତାହା ଏଯାବତ୍ ପାର୍ଲାମେଣ୍ଟକୁ କୁହାଯାଇନାହିଁ। ଲଦାଖରେ ଭାରତୀୟ ସେନା କେତେଦିନ ପାଟ୍ରୋଲିଂ କରିବେ ତାହା ମଧ୍ୟ ଅବଗତ କରାଯାଇନାହିଁ। ୩ ବର୍ଷ ହେଲା ସେନା ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ କି ସଂସଦରେ ଏହା ଉପରେ କିଛି ଆଲୋଚନା ହୋଇନାହିଁ। ଏପରିକି ଜଣେ ଭାଜପା ସାଂସଦ ପ୍ରଶ୍ନ କରିଥିଲେ ବି ତାହାକୁ ଜାତୀୟ ସୁରକ୍ଷାର ଆଳ ଦେଖାଇ ଅନୁମତି ଦିଆଗଲା ନାହିଁ। ଏହାବାଦ୍ ସିଭିଲ୍ ସୋସାଇଟି ଝଟ୍‌କା ଜାତୀୟ ନାଗରିକତ୍ୱ ପଞ୍ଜୀକରଣ (ଏନ୍‌ଆର୍‌ସି) ଯୋଜନାକୁ ବିଗାଡ଼ିଦେଲା। ଆସାମ ପରେ ଏହାକୁ ପର୍ଯ୍ୟାୟକ୍ରମେ ଦେଶର ସବୁଆଡେ ଲାଗୁ କରାଯିବାର ଯୋଜନା ଥିଲା। ନା ତାହା ଆସାମରେ ହୋଇପାରିଲା ନା ଅନ୍ୟ ରାଜ୍ୟରେ। ଆସାମରେ ଏନ୍‌ଆର୍‌ସି ୩୧ ଅଗଷ୍ଟ ୨୦୧୯ରେ ପ୍ରକାଶିତ ତାଲିକାରୁ ୧୯ ଲକ୍ଷ ନାମ ବାଦ୍ ଦେଲା। ତେବେ ରାଜ୍ୟରେ ଭାଜପା ସରକାର ଅନିଚ୍ଛୁକ ଥିବାରୁ ଏହା ଲାଗୁ ହେବ କି ନାହିଁ ତାହା ସ୍ପଷ୍ଟ ହେଉନାହିଁ। ଏହାବ୍ୟତୀତ ଡିସେମ୍ବର ୨୦୧୯ରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ପାସ୍ କରାଗଲା। କିନ୍ତୁ ମୁସଲମାନ ମହିଳାମାନଙ୍କ ପକ୍ଷରୁ ତୀବ୍ର ପ୍ରତିରୋଧ ଯୋଗୁ ୩ ବର୍ଷ ୩ ମାସ ପରେ ତାହା ଲାଗୁ କରାଯାଇପାରିନାହିଁ।

ମହାମାରୀ ସମୟରେ ବିନା ଆଲୋଚନାରେ ଏକ ଅଧ୍ୟାଦେଶ ବଳରେ କୃଷି ଆଇନ ପାସ୍ କରାଯାଇ ତାହାକୁ ଏକ ବଡ଼ ସୁଧାର ବୋଲି ପ୍ରଚାର କରାଗଲା। କୃଷକମାନେ ଏଥିରେ ଏକମତ ନ ହୋଇ ଆନ୍ଦୋଳନ କଲେ। ଏପରି କି କୃଷକ ସଂଘଗୁଡ଼ିକ ସଂଗଠିତ ହୋଇ ଅନେକ ହଜାର କୃଷକ ଦିଲ୍ଲୀରେ ପହଞ୍ଚି ରାସ୍ତା ଉପରେ ବର୍ଷେ ରହିଲେ ଏବଂ ପ୍ରଧାନମନ୍ତ୍ରୀ ଆଇନ ପ୍ରତ୍ୟାହାର କରିବା ସହ କ୍ଷମା ମାଗିବା ପରେ ୨୦୨୧ ନଭେମ୍ବରରେ ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ତା' ପରଠାରୁ ଆଉ କୃଷକଙ୍କ ଆୟ ଦୁଇଗୁଣ ବୃଦ୍ଧି କଥା ଉଠୁନାହିଁ। ସିଏଏ ଲାଗୁ କରିବାରେ ବିଫଳତା ଏବଂ କୃଷି ଆଇନ କ୍ଷେତ୍ରରେ ପଛଘୁଞ୍ଚା ପରେ ସରକାର 'ସୁଧାର' କଥା ଛାଡ଼ିଦେଲେ। ସରକାର ମଧ୍ୟ ଜନଗଣନା ବନ୍ଦ କରିଦେଇଛନ୍ତି। ଭାଜପା ଶାସିତ ରାଜ୍ୟ ସରକାରଗୁଡ଼ିକ ଆନ୍ତଃ ଧର୍ମ ବିବାହ ଏବଂ ଗୋମାଂସ ରଖିବା ଉପରେ ଆଇନ ଆଣି ଲଗାତର ଭାବେ ସଂଖ୍ୟାଲଘୁଙ୍କୁ ଅତ୍ୟାଚାର କରୁଛନ୍ତି। ଫେବୃୟାରୀ ୨୦୨୨ରେ କର୍ନାଟକ ସରକାର ହିଜାବ ପିନ୍ଧିବା ଉପରେ ପ୍ରତିବନ୍ଧକ ଲଗାଇଥିଲେ ଓ ସେହି ରାଜ୍ୟରେ ବି ଚର୍ଚ୍ଚଗୁଡ଼ିକ ଉପରେ ଭୟଙ୍କର ଆକ୍ରମଣ କରାଯାଇଥିଲା। କଶ୍ମୀରର ରାଜ୍ୟପାହ୍ୟା ହଟାଇ ତାହାକୁ ଭାଗ କରାଗଲା ପରେ ପ୍ରଧାନମନ୍ତ୍ରୀଙ୍କ ପାଖରେ କିଛି ଯୋଜନା ଥିବା ଭଳି ମନେହେଉନାହିଁ। କେବେ ସେଠାରେ ନିର୍ବାଚନ ହେବା ତାହା ଜଣାନାହିଁ।

ଶେଷରେ ଦୁର୍ନୀତି କଥା ବିଚାର କରାଯାଉ। ଆଦାନୀ ବ୍ୟାପାରକୁ ନେଇ ଜାନୁୟାରୀ ଶେଷଭାଗରୁ ଭାଜପା ପଛଘୁଞ୍ଚା ଦେଇଚାଲିଛି। ଦଳର ନୀରବତା ଓ ଏହାର ନିଷ୍ପତ୍ତି କେବଳ ବିଲିୟନେୟାରଙ୍କୁ ଖୋଲାଖୋଲି ଭାବେ ସୁରକ୍ଷା ଦେଉଛି। ପାର୍ଲାମେଣ୍ଟରେ ଏହା ଉପରେ କହିବାକୁ ମନା କରିବା ଏବଂ ଏହି ଘଟଣାକୁ ଲୋକଲୋଚନରୁ ଦୂରେଇନେବାର ପ୍ରୟାସରୁ ସୂଚନା ମିଳୁଛି ଯେ, ଭାଜପା ସମସ୍ୟାରେ ଅଛି। ସମ୍ଭବତଃ ଏହି ଘଟଣା ଆପେ ଆପେ ଚାଲିଯାଉ ବୋଲି ପ୍ରଧାନମନ୍ତ୍ରୀ ଚାହୁଁଛନ୍ତି। ଦୁର୍ଭାଗ୍ୟବଶତଃ, ପ୍ରାୟ ନିୟମିତ ପ୍ରକାଶ ପାଉଥିବା ଖବରଗୁଡ଼ିକ ଦୁର୍ନୀତିକୁ ନିଶ୍ଚିତ କରିବାରେ ଲାଗିଛି। ରାଜନୈତିକ ଦୃଷ୍ଟିକୋଣରୁ ବିଚାର କଲେ ଭାଜପା ମଧ୍ୟପ୍ରଦେଶ, କର୍ନାଟକ ଏବଂ ମହାରାଷ୍ଟ୍ରରେ ଭାଜପା କ୍ଷମତା ଦଖଲ କରିବାରେ ସକ୍ଷମ ହେଲା ଏବଂ ନିକଟରେ ଉତ୍ତର ପୂର୍ବାଞ୍ଚଳରେ ମଧ୍ୟ ଏହା ଭଲ କଲା। କିନ୍ତୁ ଏହା ବିହାର ଓ ପଶ୍ଚିମବଙ୍ଗରେ ପରାଜିତ ହୋଇଥିଲା। ମୋଦିଙ୍କ ଦ୍ୱିତୀୟ ପାଳିର ସାମଗ୍ରିକ ରେକର୍ଡ ଭାବମୂର୍ତ୍ତି ଓ ବାସ୍ତବତା ମଧ୍ୟରେ ଏକ ବିରୋଧାଭାସକୁ ପ୍ରତିପାଦିତ କରେ। ବିଶେଷକରି ମିଡିଆ ଓ ସୋସିଆଲ ମିଡିଆରେ କ୍ଷମତାର ଶୀର୍ଷରେ ଥିବା ଜଣେ ବ୍ୟକ୍ତିଙ୍କର ଭାବମୂର୍ତ୍ତିକୁ ଲଗାତର ପ୍ରଚାର କରାଯାଉଛି। କିନ୍ତୁ ଶାସନର ବାସ୍ତବତା କିଛି ଭିନ୍ନ। ଏହା ଯୋଜନା ଲାଗୁ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛି ଏବଂ ଭବିଷ୍ୟତରେ କ'ଣ କରିବ ସେସମ୍ପର୍କରେ ସୁନିଶ୍ଚିତ ନୁହେଁ।

Email:aakar.patel@gmail.com

# ପୋଲିସର ବିଶ୍ୱସନୀୟତା



ଅନିଲ ବିଶ୍ୱାଳ

ସମାଜରେ ଶାନ୍ତି ବଜାୟ ରଖିବା, ଆପରାଧିକ ତତ୍ତ୍ୱମାନଙ୍କୁ ନିୟନ୍ତ୍ରଣ କରିବା, ସାଧାରଣ ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ବା ରାଜ୍ୟର ଦାୟିତ୍ୱ। ଗୋଟିଏ ଅଞ୍ଚଳରେ ଯେତେ ଅର୍ଥନୈତିକ ବିକାଶ ହେଉନା କାହିଁକି ଯଦି ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ନାହିଁ କିମ୍ବା ପୋଲିସ ଲାଞ୍ଚୁଆ ବା ଦୁର୍ନୀତିଖୋର, ତା'ହେଲେ ସେଠାରେ ସାଧାରଣ ଲୋକ କେବେବି ଶାନ୍ତିରେ ରହିପାରିବେ ନାହିଁ। ଗୋଟିଏ ରାଜ୍ୟ ହେଉ ବା ଦେଶ, ସେଠାରେ ଆଭ୍ୟନ୍ତରୀଣ ଶାନ୍ତିଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ କରିବାରେ ପୋଲିସର ବଡ଼ ଭୂମିକା ଥାଏ। ସମ୍ବିଧାନର ଧାରା ସପ୍ତମ ଅନୁଚ୍ଛେଦ ଅନୁସାରେ ପୋଲିସ ବା ଆଇନଶୃଙ୍ଖଳା ହେଉଛି ସମ୍ପୂର୍ଣ୍ଣ ଭାବରେ ରାଜ୍ୟ ସରକାରଙ୍କର ଦାୟିତ୍ୱ। ଏଥିରେ କେନ୍ଦ୍ର ସରକାର ହସ୍ତକ୍ଷେପ କରିପାରିବେ ନାହିଁ। କେନ୍ଦ୍ର ସରକାର କେବଳ ଆତଙ୍କବାଦୀ କାର୍ଯ୍ୟକଳାପ, ଦେଶର ଅଖଣ୍ଡତା ବା ସାର୍ବଭୌମତା ବିରୋଧ ମାମଲାରେ ହସ୍ତକ୍ଷେପ କରିପାରିବେ। ବାକି ସାଧାରଣ ଆଇନଶୃଙ୍ଖଳା ମାମଲା ଯଥା ହତ୍ୟା, ବଳାତ୍କାର, ଚୋରି, ମାରପିଟ ଏସବୁକୁ ନିୟନ୍ତ୍ରଣ କିମ୍ବା ତଦନ୍ତ କରିବା ହେଉଛି ରାଜ୍ୟ ପୋଲିସର ଦାୟିତ୍ୱ ପରିସରଭୁକ୍ତ। ହେଲେ ପୋଲିସ ବିଭାଗ ଠିକ୍‌ଠାକ୍ ତା' ଦାୟିତ୍ୱ ନିଭାଉଛି କି ନାହିଁ, ସାଧାରଣ ଲୋକମାନଙ୍କର ପୋଲିସ ଉପରେ ବିଶ୍ୱାସ ଅଛି କି ନାହିଁ, ତାହା ଏବେ ଏକ ବିତର୍କର ବିଷୟ।

ସାଧାରଣତଃ କୁହାଯାଏ ଡାକ୍ତରଖାନା ଏବଂ ଥାନା କେବେ ବନ୍ଦ ହୁଏ ନାହିଁ। ଯେମିତି ଡାକ୍ତର ଚିକିତ୍ସା କଲା ବେଳେ ଦେଖେ ନାହିଁ ଯେ ରୋଗୀ ଜଣକ କେଉଁ ଧର୍ମର, କେଉଁ ଜାତିର, ସେମିତି ପୋଲିସ ନିଜର କର୍ତ୍ତବ୍ୟ କଲାବେଳେ ସେତିକି ନିରପକ୍ଷ ଭାବରେ କାମ କରିବା କଥା। ଏକଥା ସମ୍ବିଧାନ କହୁଛି, ଗଣତାନ୍ତ୍ରିକ ଭାବନାର ମୂଳରେ ମଧ୍ୟ ସେକଥା ରହିଛି। ହେଲେ ସେପରି ହେଉଛି କି? ପୋଲିସ ନିରପକ୍ଷ ନା ପ୍ରଭାବଶାଳୀ ଗୋଷ୍ଠୀମାନଙ୍କର ହୁକୁମଧାରୀ ବର୍ଗ ତାହା ଉପରେ ତର୍ଜମା କରିବା ଆବଶ୍ୟକ। ବିଭିନ୍ନ ରାଜନୈତିକ ଚାପ ପୋଲିସର ନିରପକ୍ଷତା ଉପରେ ବାଧକ ସାଜୁଛି କି ? କୌଣସି ଆପରାଧିକ ମାମଲାରେ ଅପରାଧୀ ଯେତେ ଶକ୍ତିଶାଳୀ ହେଉନା କାହିଁକି ପୋଲିସ ସେମାନଙ୍କ ଉପରେ ମୁକ୍ତ ଭାବରେ କାର୍ଯ୍ୟାନୁଷ୍ଠାନ ନେଇପାରୁଛି କି? ଏମିତି ଅନେକ ପ୍ରଶ୍ନ ଆମ ସାମ୍ନାରେ ଉଙ୍କି ମାରୁଛି, ଯାହା ଉପରେ ଆଲୋଚନା କରିବା ଦରକାର।

ରାଜ୍ୟରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଜଣେ ପୋଲିସ କର୍ମଚାରୀ ନିଜ ସର୍ଭିସ ବନ୍ଧୁକରୁ ହତ୍ୟା କଲେ। ତାଙ୍କୁ ଘଟଣା ସ୍ଥଳରୁ ଗିରଫ କରାଗଲା। ସାରା ରାଜ୍ୟବାସୀ ଜାଣିଲେ ଯେ ହତ୍ୟାକାରୀ କିଏ। ହେଲେ କାହିଁକି ସେ ଜଣେ ଏତେ ବଡ଼ ମନ୍ତ୍ରୀଙ୍କୁ ହତ୍ୟା କଲା, ତାହା ହତ୍ୟାକାଣ୍ଡର ଅନେକ ଦିନ ପରେ ବି ଲୋକମାନେ ଜାଣିପାରୁ ନାହାନ୍ତି। ଅନେକ କିଛି କଥା ସାଧାରଣରେ ଚର୍ଚ୍ଚା ହେଉଛି। ହତ୍ୟା ପଛରେ ରାଜନୀତିରୁ ନେଇ ବ୍ୟବସାୟିକ କାରଣ ମଧ୍ୟ ଉଠୁଛି। ହେଲେ ପୋଲିସ ଏହି ଘଟଣାର ଷଡ଼ଯନ୍ତ୍ର ଉନ୍ମୋଚନ ପାଇଁ ଯେଭଳି ଉଦ୍ୟମ କରିବା କଥା, ସେପରି କଲା ଭଳି ହୃଦ୍‌ବୋଧ ହେଉନାହିଁ।



କୌଣସି ସ୍ଥାନରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହେଲେ ଲୋକେ ସାଧାରଣରେ କୁହନ୍ତି ଯେ ଆକ୍ରମଣ ବ୍ରିଟିଶ ପୋଲିସଠାରୁ ବଳିଗଲା। ଅର୍ଥାତ୍ ଇଂରେଜ ସମୟରେ ପୋଲିସ ଭାରତୀୟମାନଙ୍କ ଉପରେ ଅତ୍ୟାଚାର କରୁଥିଲା। ପୋଲିସ ବ୍ୟବସ୍ଥା ଭାରତରେ ପ୍ରଥମେ ୧୮୬୦ରେ ଇଂରେଜ ଶାସନରେ ଆରମ୍ଭ ହେଲା। ଏବେ ବି ଓଡ଼ିଶା ପୋଲିସ ୱେବ୍‌ସାଇଟରେ ଓଡ଼ିଶା ପୋଲିସ ଆକ୍ଟ ୧୮୮୮ ମୂଳ ନିୟମ ଭାବରେ ଉପଲବ୍ଧ ରହିଛି। ଦେଶ ସ୍ୱାଧୀନ ହୋଇଛି ସତ, ଔପନିବେଶିକତାର ଛାପ ଆମ ବ୍ୟବସ୍ଥାରୁ ହଟିନାହିଁ। ପୋଲିସ ବ୍ୟବସ୍ଥା ଲାଗୁ କରିବା ପଛରେ ଇଂରେଜମାନଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଯେ ଭାରତୀୟମାନେ ପୋଲିସ ବେଶରେ ଆସିକି ଇଂରେଜମାନେ ଯାହା ଚାହୁଁଥିଲେ ତାହା ହିଁ କରିବେ। ସେତେବେଳେ ରାଇଟ ଟୁ ଅଫେନ୍ସ ନିୟମ ଥିଲା ଅର୍ଥ ପୋଲିସର ଲୋକମାନଙ୍କ ଉପରେ ଆକ୍ରମଣ କରିବାର ନିୟମ ରହିଥିଲା। ଯେତେବେଳେ ଲାଲା ଲଜ୍‌ପତ ରାୟ ସାଇମନ କମିଶନଙ୍କ ବିରୋଧରେ ଆନ୍ଦୋଳନ କରୁଥିଲେ, ସେତେବେଳେ ପୋଲିସ ତାଙ୍କୁ ଆକ୍ରମଣ କରି ମାରିଦେଇଥିଲା। ପୋଲିସର ଏହି ଅମାନୁଷିକତା ବିରୋଧରେ ଶହୀଦ ଭଗତ୍ ସିଂ ଏକ ମକଦ୍ଦମା କରିଥିଲେ। ହେଲେ ଲାଲା ଲଜ୍‌ପତ ରାୟଙ୍କ ଉପରେ ପୋଲିସ କରିଥିବା ଆକ୍ରମଣ ଯଥାର୍ଥ ବୋଲି ରାୟ ଆସିଥିଲା। ସେତେବେଳର ସେହି ଅବସ୍ଥା ଓ ଆଜିର ପରିସ୍ଥିତି ଭିତରେ କିଛି ବଦଳିଛି କି? ପୋଲିସ ଆଜି ଲୋକଙ୍କ ପାଇଁ କାମ କରୁଛି ନା ଯିଏ ଶାସନରେ ବସିଛି ତାଙ୍କ ସ୍ୱାର୍ଥରେ କାମ କରୁଛି ତାହା ଏକ ବଡ଼ ପ୍ରଶ୍ନ। ମନ୍ତ୍ରୀଙ୍କ ହତ୍ୟାକାଣ୍ଡର ତଦନ୍ତ ଠିକ୍‌ଠାକ ହେଉନଥିବା ଅଭିଯୋଗରେ ଭାଜପା ଯୁବମୋର୍ଚ୍ଚା ବିକ୍ଷୋଭ କରିଥିଲା। ଘଟଣାସ୍ଥଳରେ ପୋଲିସ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଲା। ପରେ ସେଠାରେ ଏମିତି କିଛି ଚିତ୍ର ଦେଖିବାକୁ ମିଳିଲା, ଯାହା ପୋଲିସ ଉପରେ ଅନେକ ପ୍ରଶ୍ନ ଠିଆ କରିଛି। କିଛି ସାଦା ପୋଷାକଧାରୀ ଲୋକ ପୋଲିସଙ୍କର ସୁରକ୍ଷା ବଳୟ ଭିତରେ ରହି ବିକ୍ଷୋଭକାରୀମାନଙ୍କୁ ଆକ୍ରମଣ କରୁଥିଲେ। ସେହି ସାଦା ପୋଷାକଧାରୀ ଲୋକମାନେ କିଏ? ସେମାନେ ପୋଲିସ ନା ଆଉ କିଏ? ଯଦି ସେମାନେ ପୋଲିସ ବିଭାଗର କର୍ମଚାରୀ ନୁହନ୍ତି, ତା'ହେଲେ ସେମାନଙ୍କୁ ପୋଲିସ କାହିଁକି ସୁରକ୍ଷା ବଳୟରେ ରଖି ଆକ୍ରମଣର ସୁଯୋଗ ଦେଇଥିଲା। ଜଣେ ପୋଲିସ କର୍ମଚାରୀ ନିଜର ଜୋତା ଖୋଲି ଆକ୍ରମଣ କରୁଥିବାର ଚିତ୍ର ଗଣମାଧ୍ୟମରେ ପ୍ରସାରିତ ହେଲା। ପ୍ରଶ୍ନ ଉଠୁଛି, ପୋଲିସ କାହିଁକି ଶାସକ ଦଳର ବିରୋଧୀମାନଙ୍କୁ ନିଜର ବିରୋଧୀ ବୋଲି ଭାବୁଛି?

ଯେମିତି ନ୍ୟାୟପାଳିକା ବ୍ୟବସ୍ଥାକୁ ଏକ ସ୍ୱତନ୍ତ୍ର ଭାବରେ ନିରପକ୍ଷ ରହିବା ପାଇଁ ଯଥେଷ୍ଟ ବ୍ୟବସ୍ଥା ସମ୍ବିଧାନରେ କରାଯାଇଛି, ପୋଲିସ ବ୍ୟବସ୍ଥାକୁ ମଧ୍ୟ ସେମିତି ନିରପେକ୍ଷତା ରଖିବା ପାଇଁ ନିୟମ କରିବାକୁ ପଡ଼ିବ। ଭାରତୀୟ ଦଣ୍ଡବିଧାନ ଧାରାର ଅନୁଚ୍ଛେଦ ୧୫୪(୧) ଅନୁସାରେ ପୋଲିସ ଏଫ୍‌ଆଇଆର ପଞ୍ଜୀକରଣ କରିବା ପାଇଁ ବାଧ୍ୟ। ପୋଲିସର କାମ ହେଉଛି ପ୍ରଥମେ ଏଫ୍‌ଆଇଆରକୁ ପଞ୍ଜୀକରଣ କରିବ, ପରେ ଘଟଣାର ତଦନ୍ତ କରି ଅଭିଯୋଗ ସତ୍ୟ–ଅସତ୍ୟ ତାହା ନିର୍ଣ୍ଣୟ କରିବ। ହେଲେ ଓଡ଼ିଶାରେ ତ ଏଫ୍‌ଆଇଆର ପଞ୍ଜୀକରଣ ପାଇଁ ମଧ୍ୟ ଅଦାଲତରେ ଗୁହାରି କରିବା ପାଇଁ ପଡୁଛି। ନିକଟରେ ଜଣେ ବିଧାୟକଙ୍କ ବିରୋଧରେ ଜଣେ ଯୁବତୀ ବଳାତ୍କାର, ଯୌନ କେଲେଙ୍କାରୀ ଅଭିଯୋଗ ନେଇ ପୋଲିସରେ ଏଫ୍‌ଆଇଆର ଦେଇଥିଲେ। ହେଲେ ପୋଲିସ ଅଭିଯୋଗ ରଖିଲା ନାହିଁ। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସ ଏଫ୍‌ଆଇଆର ପଞ୍ଜୀକରଣ କଲା। କଟକ ଜିଲାରେ ଦୁଇଟି ହତ୍ୟାକାଣ୍ଡରେ ଜଣେ ମନ୍ତ୍ରୀଙ୍କ ନାଁରେ ମଧ୍ୟ ପୋଲିସ ଏଫ୍‌ଆଇଆର ରଖିଲା ନାହିଁ। ପରେ ଅଦାଲତଙ୍କ ନିର୍ଦ୍ଦେଶରେ ପୁଣି ପୋଲିସ ମନ୍ତ୍ରୀଙ୍କ ନାଁକୁ ମୁଦାଲା ତାଲିକାରେ ଯୋଡ଼ିଲା। ପ୍ରଶ୍ନ ଉଠୁଛି ପୋଲିସ କାହିଁକି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିପାରୁନାହିଁ? କାହିଁକି କ୍ଷମତା ଆଗରେ ନିଜକୁ ସମର୍ପଣ କରିଦେଉଛି? ସାଧାରଣ ଲୋକ ପାଇଁ ପୋଲିସର ହାବଭାବ ଅଲଗା, ପ୍ରଭାବଶାଳୀ ଲୋକଙ୍କ ପାଇଁ ହାବଭାବ ଅଲଗା କି? ପୋଲିସ ଅଫିସରମାନଙ୍କ ଭିତରେ ପଦୋନ୍ନତିର ଆଶା, ଆଉ କିଛି ସୁବିଧା ସୁଯୋଗର ଲାଳସା ସେମାନଙ୍କୁ ସେମାନଙ୍କର ସାମ୍ବିଧାନିକ ଦାୟିତ୍ୱଠାରୁ ଦୂରେଇ ନେଇ ଯାଉନାହିଁ ତ? ଓଡ଼ିଶାରେ ଦଣ୍ଡବିଧାନ ହାର ହେଉଛି ମାତ୍ର ୫%। ଅର୍ଥାତ୍ ମାତ୍ର ୫% ଘଟଣାରେ ଅପରାଧୀ ଦଣ୍ଡ ପାଉଛି ବାକି ୯୫% ଘଟଣାରେ ଖସି ଯାଉଛି। ପଡ଼ୋଶୀ ରାଜ୍ୟ ଆନ୍ଧ୍ରରେ ହେଉଛି ୮୪%, ଦିଲ୍ଲୀରେ ୮୬%, ଜାମ୍ମୁ–କଶ୍ମୀର ଭଳି ରାଜ୍ୟରେ ୭୭%। ତା'ହେଲେ ଆମ ପୋଲିସ ବ୍ୟବସ୍ଥାରେ କେଉଁଠି ତ୍ରୁଟି ବିଚ୍ୟୁତି ରହିଯାଉଛି ଯେ ଅପରାଧୀମାନେ ଦଣ୍ଡ ପାଉନାହାନ୍ତି ତାହା ଉପରେ ଚିନ୍ତା କରାଯିବା ଆବଶ୍ୟକ। ନହେଲେ ପୋଲିସ ଉପରେ ଲୋକମାନଙ୍କର ବିଶ୍ୱାସ ରହିବନି।

**ହରିରାଜପୁର, ପୁରୀ**
**ମୋ: ୯୪୩୮୫୭୯୨୯୦**

# ସଙ୍ଗୀତର ନାଇଟ୍ ବ୍ୟାଚ୍‌ଲର

ପ୍ରକୃତିର ସ୍ୱର ହେଉ ବା ମନୁଷ୍ୟକୃତ ବାଦ୍ୟ ଅଥବା କଣ୍ଠସ୍ୱର ପ୍ରାଣୀ ଓ ଉଦ୍ଭିଦ ଜଗତ ପାଇଁ ମହୋଷଧି ଭାବେ କାର୍ଯ୍ୟ କରିଥାଏ। ସଙ୍ଗୀତ ବିଜ୍ଞାନସମ୍ମତ ସିଦ୍ଧାନ୍ତ ଦ୍ୱାରା ପରୀକ୍ଷିତ ହୋଇଥିବା ବିଷୟ ମେଡିକାଲ ଓ ସାଇନ୍ସ ଜର୍ନାଲରୁ ପଢ଼ିବାକୁ ମିଳେ। ତେବେ ଯେଉଁ ବ୍ୟକ୍ତି ବିଜ୍ଞାନ ଓ ସଙ୍ଗୀତର ରୂପକାର ହୋଇଥିବେ ତାଙ୍କ ବ୍ୟକ୍ତିତ୍ୱ ଅସଂଖ୍ୟ ଲୋକଙ୍କୁ ପ୍ରଭାବିତ କରିବା ସ୍ୱାଭାବିକ। ବ୍ରିଟିଶର ସାର୍ ବ୍ରିଆନ୍ ହାରୋଲ୍ଡ ମେ ୧୪ ମାର୍ଚ୍ଚ ୨୦୨୩ରେ କିଙ୍ଗ୍ ଚାର୍ଲସ ୩ୟଙ୍କ ଦ୍ୱାରା 'ନାଇଟ୍ ବ୍ୟାଚ୍‌ଲର' ଉପାଧି ପାଇବା ପରେ ତାଙ୍କ ସଙ୍ଗୀତ ଦୁନିଆ ଶୀର୍ଷରେ ପହଞ୍ଚିଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ବ୍ରିଟିଶ ରାଜ ଦରବାରରେ ବିଭିନ୍ନ କ୍ଷେତ୍ରରେ ସମ୍ମାନସୂଚକ 'ନାଇଟ୍' ଉପାଧି ପାଇଥିବା ବ୍ୟକ୍ତିଙ୍କ ନାମ ପୂର୍ବରୁ 'ସାର୍' ସଂଲଗ୍ନ ହୋଇଥାଏ। ସଙ୍ଗୀତ କ୍ଷେତ୍ରରେ ବ୍ରିଆନ୍‌ଙ୍କ ଏହି ଉତ୍ତରଣ ତାଙ୍କୁ ପ୍ରଖ୍ୟାତ ସଙ୍ଗୀତସ୍ରଷ୍ଟା ଏଲ୍‌ଟନ ଜନ୍, ପଲ୍ ମ୍ୟାକ୍‌କାର୍ଟନେ, ମିକ୍ ଜାଗର ଓ ରଡ୍ ଷ୍ଟିୱାର୍ଟଙ୍କ ଗ୍ରୁପ୍‌ରେ ସାମିଲ କରିଦେଇଛି। ଏହି ମହାନ୍ ବ୍ୟକ୍ତିମାନେ ବିଶ୍ୱ ସଙ୍ଗୀତ ଦୁନିଆକୁ ଯେ କେବଳ ବରଦାନ ସଦୃଶ ହୋଇଛନ୍ତି ତାହା ନୁହେଁ, ଦାତବ୍ୟ କାର୍ଯ୍ୟ ଓ ସାମାଜିକ ଅଭିଯାନରେ ଏମାନଙ୍କ ଅବଦାନ ସଦା ଅନସ୍ୱୀକାର୍ଯ୍ୟ। ତେବେ ବ୍ରିଆନ୍‌ଙ୍କ ବ୍ୟକ୍ତିତ୍ୱକୁ ଅଧିକ ତର୍ଜମା କଲେ ବିଜ୍ଞାନ ଦିଗରେ ଦଖଲ ତାଙ୍କୁ ଆହୁରି ଅନନ୍ୟ ସ୍ତରରେ ନେଇ ପହଞ୍ଚାଇ ଦେଇଛି। ଏକାଧାରରେ ସଙ୍ଗୀତଜ୍ଞ, ବୈଜ୍ଞାନିକ ଓ ଜନହିତକାରୀ ଭାବେ ପରିଚିତି ହାସଲ କରିଥିବା ବ୍ରିଆନ୍‌ଙ୍କ କୃତିତ୍ୱ ବିଶ୍ୱ ସ୍ତରରେ ଏକ ଅଲିଭା ସ୍ୱାକ୍ଷର ହୋଇଗଲା। ଗିଟାର ବାଦ୍ୟରେ ଅଭିନବତ୍ୱ ଆଣିବା ସହ ଗୀତ ରଚନା ଯୋଗୁ ସେ ପିଢ଼ି ପରେ ପିଢ଼ି ସଙ୍ଗୀତକାରଙ୍କ ସକାଶେ ପ୍ରେରଣାର ଉତ୍ସ ପାଲଟିଯାଇଛନ୍ତି।

ବ୍ରିଆନ୍ ମେ ୧୯ ଜୁଲାଇ ୧୯୪୭ରେ ଇଂଲଣ୍ଡର ମିଡିଲସେକ୍ସ ଅନ୍ତର୍ଗତ ହାମ୍ପଟନ୍ ହିଲ୍‌ରେ ଜନ୍ମଗ୍ରହଣ କରିଥିଲେ। ପିତା ବ୍ରିଟେନ୍ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରେ ଜଣେ ନକ୍ସା ଅଙ୍କନକାରୀ ଥିଲେ। ସ୍କଟିସ୍ ମାତା ଓ ବ୍ରିଟିଶ୍ ପିତାଙ୍କ ଏକମାତ୍ର ସନ୍ତାନ ବ୍ରିଆନ୍ ସ୍ଥାନୀୟ ହାନ୍‌ୱର୍ଥ ରୋଡ୍ ଷ୍ଟେଟ୍ ପ୍ରାଇମେରି ସ୍କୁଲରେ ଶିକ୍ଷା ଗ୍ରହଣ କରିଥିଲେ। ତାଙ୍କୁ ଯେତେବେଳେ ୧୧ ବର୍ଷ ହୋଇଥିଲା ସେ ହାମ୍ପଟନ୍ ଗ୍ରାମାର ସ୍କୁଲ୍ ସ୍କଲାରଶିପ୍ ପାଇ ସେଠାରେ ପଢ଼ିବାର ସୁଯୋଗ ପାଇଥିଲେ। ସେହି ସମୟରେ ସେ ଏକ ବ୍ୟାଣ୍ଡ ପାର୍ଟି ଗଢ଼ିଥିଲେ। ସଙ୍ଗୀତ ସହିତ ତାଙ୍କ ପଢ଼ା ସମାନ୍ତରାଳ ଭାବେ ଗତି କରୁଥିଲା। ସେଠାରୁ ସେ ଜିସିଇ ଅଡିନାରି ଏବଂ ପରେ ପଦାର୍ଥ ବିଜ୍ଞାନ, ଗଣିତ ଓ ପ୍ରୟୋଗାତ୍ମକ ଗଣିତରେ ଥ୍ରୀ ଜିସିଇ ଆଇଭାନ୍ସ ଲେଭଲ୍‌ରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହା ପରେ

ବ୍ୟକ୍ତିତ୍ୱ



ସାର୍ ବ୍ରିଆନ୍ ହାରୋଲ୍ଡ ମେ

ସେ ଇମ୍ପେରିଆଲ୍ କଲେଜ ଲଣ୍ଡନରେ ଗଣିତ ଓ ପଦାର୍ଥ ବିଜ୍ଞାନ ନେଇ ପଢ଼ିଥିଲେ। ୧୯୬୮ରେ ସେ ପଦାର୍ଥ ବିଜ୍ଞାନ ସମ୍ମାନରେ ବି.ଏସ୍‌ସି ଡିଗ୍ରୀ ଅର୍ଜନ କରିଥିଲେ। ମେଧାସମ୍ପନ୍ନ ବ୍ରିଆନ୍‌ଙ୍କ ଶିକ୍ଷାଗତ କୃତିତ୍ୱ ସାର୍ ବର୍ନାର୍ଡ ଲୋଭେଲ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଫଳରେ ଜୋଡ୍‌ରେଲ୍ ବ୍ୟାଙ୍କ ଅବଜରଭେଟୋରିରେ ଡକ୍ଟରେଟ୍ କରିବା ଲାଗି ତାଙ୍କୁ ସୁଯୋଗ ମିଳିଥିଲା। ହେଲେ ଲଣ୍ଡନସ୍ଥିତ 'ସ୍ମାଇଲ୍' ବ୍ୟାଣ୍ଡ ପାର୍ଟିରେ ସେ କାର୍ଯ୍ୟ କରୁଥିବାରୁ ଡକ୍ଟରେଟ୍ କରିବାର ସୁଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏଥିରେ ସଙ୍ଗୀତ ପ୍ରତି ଥିବା ତାଙ୍କ ଗଭୀର ଅନୁରାଗର ପ୍ରତିଫଳନ ମିଳିଥାଏ। ଅବଶ୍ୟ ବିଜ୍ଞାନ ବିଷୟରେ ଗବେଷଣା କରିବାର ନିଶାକୁ ସେ ଛାଡ଼ି ନ ଥିଲେ। ଇମ୍ପେରିଆଲ୍ କଲେଜ ଲଣ୍ଡନରେ ସେ ୧୯୭୧ରେ ଆଷ୍ଟ୍ରୋଫିଜିକ୍ସରେ ଗବେଷଣା କରିବା ଲାଗି ନାମ ପଞ୍ଜୀକରଣ କରିଥିଲେ। ହେଲେ ୨୦୦୭ରେ ସେ ଆଷ୍ଟ୍ରୋଫିଜିକ୍ସରେ ପିଏଚ୍.ଡି. ପାଇଥିଲେ। ଫଳରେ ସେ ନାସାର ନ୍ୟୁ ହରାଇଜନ୍ସ 'ପ୍ଲୁଟୋ ମିଶନ'ରେ ଜଣେ ବୈଜ୍ଞାନିକ ଭାବେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ତେବେ କଲେଜର ପ୍ରାରମ୍ଭିକ ଜୀବନରୁ ଗବେଷଣା ସମୟ ଭିତରେ ବ୍ରିଆନ୍‌ଙ୍କ ସଙ୍ଗୀତ ଦୁନିଆ ବିଶାଳ ରୂପ ଧାରଣ କରିଥିଲା। ପ୍ରସିଦ୍ଧ ସଙ୍ଗୀତ ବ୍ୟାଣ୍ଡରେ କାମ କଲା ବେଳେ ସେ ମଞ୍ଚରେ ନିଜ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। 'କୁଇନ୍' (ଲଣ୍ଡନରେ ଫ୍ରେଡି ମର୍କ୍ୟୁରିଙ୍କ ଦ୍ୱାରା ୧୯୭୦ରେ ଗଠିତ ରକ୍‌ବ୍ୟାଣ୍ଡ) ଯେତେବେଳେ ସଙ୍ଗୀତ ଦୁନିଆରେ ରାଜ୍ କରୁଥିଲା ସେତେବେଳେ ବ୍ରିଆନ୍ ସେଥିରେ ନିଜକୁ ସାମିଲ କରିବାରେ ସକ୍ଷମ ହୋଇଥିଲେ। ୧୯୭୧ରେ ବ୍ରିଆନ୍ ସେଥିରେ ମୁଖ୍ୟ ଗିଟାରିଷ୍ଟ ହୋଇଥିଲେ। ଏପରିକି ଆବଶ୍ୟକ ସ୍ଥଳରେ ଗୀତିକାର ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇଥିଲେ। ବ୍ରିଟିଶ ରାଜପ୍ରାସାଦଠାରୁ ଆରମ୍ଭ କରି ପ୍ରତ୍ୟେକ ମଞ୍ଚରେ ତାଙ୍କ ପ୍ରଦର୍ଶନ ପ୍ରବଳ ଦର୍ଶକଙ୍କୁ ଆକୃଷ୍ଟ କରିଚାଲିଲା। ସେଥିପାଇଁ ସେ ପ୍ରସିଦ୍ଧ 'ରକ୍ ବ୍ୟାଣ୍ଡ କୁଇନ୍'ର ମୁଖ୍ୟ ଗିଟାରିଷ୍ଟ ଆଖ୍ୟା ପାଇଥିଲେ। ଏଥିସହିତ ତାଙ୍କ ଦ୍ୱାରା ରଚିତ ବହୁ ସ୍ମରଣୀୟ ସଙ୍ଗୀତ 'ଉଇ ଉଇଲ୍ ରକ୍ ୟୁ', 'ଆଇ ୱାଣ୍ଟ ଇଟ୍ ଅଲ୍', 'ଦି ଶୋ ମଷ୍ଟ ଗୋ ଅନ୍'କୁ ବିଶ୍ୱ ସଙ୍ଗୀତ ଜଗତ ଗୁଣୁଗୁଣେଇଥାଏ।

ଜୀବନବ୍ୟାପୀ ସଙ୍ଗୀତ ସାଧନା ପାଇଁ ବ୍ରିଆନ୍ ଅନେକ ଅନ୍ତର୍ଜାତୀୟ ପୁରସ୍କାରର ଅଧିକାରୀ ହୋଇଛନ୍ତି। ତେବେ 'ନାଇଟ୍ ବ୍ୟାଚ୍‌ଲର' ତାଙ୍କୁ ଶ୍ରେଷ୍ଠ ମାନ୍ୟତା ପ୍ରଦାନ କରିଥିବାରୁ ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ବିଜ୍ଞାନ ଓ ସଙ୍ଗୀତ ସହିତ ପ୍ରାଣୀଙ୍କ ଅଧିକାର, ପରିବେଶ ପ୍ରୀତି ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବାରେ ସେ ଜଣେ ପ୍ରମୁଖ ଆକ୍ଟିଭିଷ୍ଟ ଅବତାରରେ ଅବତୀର୍ଣ୍ଣ ହେବା ତାଙ୍କ ବ୍ୟକ୍ତିତ୍ୱର ସଫଳ ଦିଗକୁ ମଧ୍ୟ ସୂଚିତ କରିଥାଏ। ବ୍ୟକ୍ତିଗତ ଜୀବନ କହିଲେ ସେ ଖ୍ରୀଷ୍ଟିନ୍ ମୁଲେନଙ୍କୁ ବିବାହ କରିଥିଲେ। ତାଙ୍କର ତିନି ସନ୍ତାନ ଅଛନ୍ତି।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଆମମାନଙ୍କର ଧାରଣା ରହିଛି ଯେ ପରିଣତ ବୟସ ବିଶ୍ରାମର ସମୟ। କିନ୍ତୁ ୮୮ ବର୍ଷ ବୟସରେ ପହଞ୍ଚିଥିବା ଅହମଦାବାଦର ପ୍ରଜ୍ଞା ପାରେଖ ତାଙ୍କ ହସ୍ତକଳାକୁ ନେଇ ବେଶ୍ ଚଳଚଞ୍ଚଳ। ଏହାକୁ ସେ ଦେଶ ବିଦେଶରେ ପହଞ୍ଚାଇ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏବେ ମଧ୍ୟ ଦିନକୁ ହସ୍ତକଳା ପାଇଁ ୪ରୁ ୫ ଘଣ୍ଟା ସମୟ ଦେଉଛନ୍ତି। ବୟସର ଅପରାହ୍ନରେ ଥିବା ପ୍ରଜ୍ଞା ଭାରତର ବିଭିନ୍ନ ଅଞ୍ଚଳ ସହ ବିଦେଶରେ ଏହା ବିକ୍ରି କରୁଛନ୍ତି। କାନାଡ଼ା, ଆମେରିକା, ଜାପାନ ସହିତ ୧୦ଟି ଦେଶରୁ ସେ ଅର୍ଡର ପାଉଛନ୍ତି। ଆଶ୍ଚର୍ଯ୍ୟର କଥା, ପ୍ରଜ୍ଞା ଗୋଟିଏ ଆଖିର ଦୃଷ୍ଟିଶକ୍ତି ହରାଇଥିଲେ ମଧ୍ୟ ସିଲାଇଠାରୁ ଆରମ୍ଭ କରି ସବୁ କାର୍ଯ୍ୟ ସୁରୁଖୁରୁରେ କରୁଛନ୍ତି। ସେ ମଧ୍ୟ ବିଭିନ୍ନ ବର୍ଜ୍ୟରୁ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ୨୦୧୯ରେ ପ୍ରଜ୍ଞା ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଲକ୍‌ଡାଉନ ସମୟରେ ଭିଡିଓ ଅପ୍‌ଲୋଡ କରିବା ପରେ ଅର୍ଡର ମିଳିବା ଆରମ୍ଭ ହୋଇଗଲା। ସେ ତିଆରି କରୁଥିବା ବିଭିନ୍ନ ଜିନିଷ ମଧ୍ୟରେ ରଙ୍ଗବେରଙ୍ଗ ପକ୍ଷୀ ସବୁଠୁ ଆକର୍ଷଣୀୟ। ସେ ତାଙ୍କ ହସ୍ତକଳାର ବିଜ୍‌ନେସ ବି ଅନ୍‌ଲାଇନରେ ଚଳାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ମାର୍ଚ୍ଚ ୧୯୯୮

- ପାକିସ୍ତାନର ଉତ୍ତର–ପଶ୍ଚିମକୁ ଗ୍ରାଣ୍ଡଟ୍ରଙ୍କ ରାଜପଥରେ ଯାଉଥିବା ଏକ ବସ୍ ନିୟନ୍ତ୍ରଣ ହରାଇ ସିନ୍ଧୁନଦୀ ମଧ୍ୟକୁ ଖସିପଡ଼ିବା ଫଳରେ ୫୦ ଯାତ୍ରୀ ମୃତ।
- ମହାରାଷ୍ଟ୍ରର ମାଲାଦ ନିକଟରେ ସାତ ମହଲା ବିଶିଷ୍ଟ 'ସୁଖସାଗର' କୋଠା ଭୁଶୁଡ଼ି ପଡ଼ିଥିବା ଘଟଣାରେ ୧୮ ଜଣଙ୍କ ମୃତ୍ୟୁ।
- ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ସ୍ୱର୍ଗତ ଏ.କେ. ବ୍ୟାରେନ୍‌ଙ୍କ ପତ୍ନୀ ଆଲମା ଭେରା ବ୍ୟାରେନଙ୍କ ପରଲୋକ।

## ଚିରନ୍ତନୀ

ସେ କାଳ ଏକାଳ ପୀରତିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ।
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 1 | | |
| | | | | | | | | 3 |
| | | 8 | 4 | | 6 | | | |
| | | | 9 | | | 7 | 6 | |
| 4 | | 2 | | | 3 | | | 8 |
| | 8 | 7 | | | | | | |
| | | 1 | 2 | 5 | | | 8 | |
| | | | | | 9 | | 1 | |
| | | | | 3 | 4 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 8 | 2 | 9 | 1 | 3 | 6 | 5 |
| 1 | 3 | 2 | 5 | 6 | 8 | 9 | 4 | 7 |
| 5 | 6 | 9 | 4 | 3 | 7 | 2 | 1 | 8 |
| 3 | 8 | 7 | 6 | 5 | 9 | 4 | 2 | 1 |
| 6 | 2 | 1 | 8 | 7 | 4 | 5 | 9 | 3 |
| 4 | 9 | 5 | 3 | 1 | 2 | 8 | 7 | 6 |
| 2 | 5 | 3 | 1 | 4 | 6 | 7 | 8 | 9 |
| 8 | 7 | 6 | 9 | 2 | 5 | 1 | 3 | 4 |
| 9 | 1 | 4 | 7 | 8 | 3 | 6 | 5 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବରିଷ୍ଠ ନାଗରିକଙ୍କ ପ୍ରତି ଅବିଚାର

ମହାଶୟ,

ବରିଷ୍ଠ ନାଗରିକ ୭୦ ବର୍ଷ ବୟସ ଅତିକ୍ରମ କଲାପରେ ମେଡିକାଲ ସ୍ୱାସ୍ଥ୍ୟବୀମା କରିବା ସମ୍ଭବ ହେଉନାହିଁ। ଏହି ବରିଷ୍ଠ ନାଗରିକମାନେ ଆୟକାରୀ ଭାବରେ ଟିକସ ପ୍ରତିବର୍ଷ ଦେଉଛନ୍ତି। କିନ୍ତୁ ସରକାର ସେମାନଙ୍କୁ ଅନେକ ସୁବିଧା ସୁଯୋଗରୁ ବଞ୍ଚିତ କରୁଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଗଲେ ସେମାନଙ୍କୁ ସାମାନ୍ୟ ସେବା ଦେବାରେ କର୍ମଚାରୀମାନେ କୁଣ୍ଠାବୋଧ କରୁଛନ୍ତି। ସରକାରୀ ବସ୍‌ରେ ରାଜ୍ୟ ସରକାର ୫୦ ଭାଗ ରିହାତି ସେମାନଙ୍କୁ ଦେଉଥିବା ବେଳେ କେନ୍ଦ୍ର ସରକାର ରେଳଗାଡ଼ିରେ ଯିବାଆସିବା ପାଇଁ ସେତିକି ରିହାତି ସୁବିଧା ଦେଉନାହାନ୍ତି। ଏହି ବର୍ଷ ବରିଷ୍ଠ ନାଗରିକମାନେ ସରକାରଙ୍କ ନୀତି ନିୟମରେ ସମସ୍ତ ଟିକସ ପ୍ରତିମାସରେ ପୈଠ କରୁଛନ୍ତି। ଜୀବନର ଅପରାହ୍ନରେ ସେମାନେ ଅବତୀର୍ଣ୍ଣ ହୋଇଥିବାରୁ ସରକାର ସମସ୍ତ ସାହାଯ୍ୟ ଉପଲବ୍ଧ କରାଇବା ଉଚିତ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଆଣିବା ଉଚିତ। ବରିଷ୍ଠ ନାଗରିକ ସେବା ଭଗବାନ୍‌ଙ୍କ ସେବା ଭାବରେ ଗ୍ରହଣ କଲେ ସମାଜର ମଙ୍ଗଳ ହେବ।

**–ନିର୍ମଳ ଚନ୍ଦ୍ର ସାମଲ, ସାମାଜିକ କର୍ମୀ, ପୋଖରିପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜୁଝପଦା ପ୍ରାଥମିକ ବିଦ୍ୟାଳୟରୁ ଚୋରି ଅଭିଯୋଗ

କଳିଙ୍ଗନଗର,(ଡି.ଏନ.ଏ.): ଦାନଗଦି ବ୍ଲକ ରାଛିପୁର ପଞ୍ଚାୟତ ଜୁଝପଦା ପ୍ରାଥମିକ ବିଦ୍ୟାଳୟ ପରିସରରୁ ଶୁକ୍ରବାର ରାତିରେ ସାମଗ୍ରୀ ଚୋରି ହୋଇଥିବା ଯାଜପୁର ରୋଡ୍ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରଧାନଶିକ୍ଷୟିତ୍ରୀ ସବିତା ଦେହୁରୀଙ୍କ ଅଭିଯୋଗ ମୁତାବକ, ବିଦ୍ୟାଳୟ ଅଫିସ ତାଲା ଭାଙ୍ଗି ଦୁର୍ବୃତ୍ତ ଏକ ମାଇକ ସେଟ ବକ୍ସ, ଜେରକ୍ସ ମେସିନ, ଫିଲ୍ଟର ଓ ଏକ ଇଣ୍ଡକ୍ସ ଚୁଲା ନେଇ ଯାଇଛନ୍ତି। ସେ ସକାଳୁ ବିଦ୍ୟାଳୟରେ ପହଞ୍ଚି ତାଲା ଭଙ୍ଗା ଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

# ପୂର୍ବଶତ୍ରୁତାରୁ ମାରପିଟ, ୨ ଗୁରୁତର

**ଥାନାରେ ୨ ମାମଲା, ଉଭୟ ପକ୍ଷରୁ ୨ କୋର୍ଟଚାଲାଣ**

ରସୁଲପୁର,୧୮।୩(ଡି.ଏନ.ଏ.):

କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ଖଣ୍ଡିତର ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଗୋଟିଏ ପରିବାରର ସୁଶାନ୍ତ ପଣ୍ଡାଙ୍କ ବଡ଼ ଭାଇ ଅରୁଣ ପଣ୍ଡା ଓ ସମ୍ପର୍କୀୟ ଟିଁଟିଲ ଓରଫ୍ ଆଦିତ୍ୟ ନାରାୟଣ ପଣ୍ଡା ଗୁରୁତର ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଥାନାରେ ୨ଟି ଅଭିଯୋଗ ହୋଇଛି। ପୋଲିସ ନଂ.୯୧/୨୩ ଓ ୯୨/୨୩ରେ ଦୁଇଟି ମାମଲା ରୁଜୁ କରିଛି। ମାମଲା ନଂ.୯୧ ବଳରେ ଅମ୍ବିକା ପଣ୍ଡାଙ୍କ ପୁଅ ଅରମାନ ପଣ୍ଡା(୨୨) ଓ ମାମଲା ନଂ. ୯୨ ବଳରେ ଶୁଶାନ୍ତ ପଣ୍ଡାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

ରାତିରେ ସୁଶାନ୍ତଙ୍କ କ୍ଷେତରୁ ପୋଟଳ ଚୋରି ହେଉଛି ବୋଲି ତାଙ୍କ ପାଖକୁ ଫୋନ ଆସିଥିଲା। ଏହା ଜାଣି ସୁଶାନ୍ତ ଓ ସମ୍ପର୍କୀୟ ଭାଇ ଟିଁଟିଲି ବିଲକୁ ଯାଇଥିଲେ। ପୋଟଳ କ୍ଷେତର ପ୍ରାୟ ୧୦୦ମିଟର ଦୂରରେ ଏକ ବାଇକ୍ ନମ୍ବର-ଓଡି-୦୪-ପି-୯୫୪୦ ଥୁଆ ହୋଇଥିଲା। ଉକ୍ତ


ଗୁରୁତର ଅରୁଣ ପଣ୍ଡା ଓ ଆଦିତ୍ୟ ନାରାୟଣ ପଣ୍ଡା

ଗାଡ଼ିର ଫଟୋ ଉଠାଇବା ବେଳେ ବାଇକ ଚାଳକ ସଦାନନ୍ଦପୁରର ବୋଲି ପରିଚୟ ଦେଇଥିଲେ। ତେବେ ସେ ଏତେ ରାତିରେ ଏଠାକୁ କାହିଁକି ଆସିଛନ୍ତି ବୋଲି ସୁଶାନ୍ତ ପଚାରିବାରୁ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ମାରଣାସ୍ତ୍ର ଓ ଠେଙ୍ଗାବାଡି ରଖି ପ୍ରସ୍ତୁତ ଥିବା ଅମ୍ବିକା ଓ ତାଙ୍କ ପୁଅମାନେ ସୁଶାନ୍ତ ଏବଂ ଟିଁଟିଲିଙ୍କୁ ଆକ୍ରମଣ କରିଥିଲେ। ଏହି ଖବର ଜାଣି ସୁଶାନ୍ତଙ୍କ ବଡ଼ ଭାଇ ଘଟଣାସ୍ଥଳରେ ପହଞ୍ଚିବାରୁ ଅମ୍ବିକାଙ୍କ ପରିବାର ତାଙ୍କ ମୁଣ୍ଡକୁ ମାଡ଼ ମାରି ଫଟାଇ ଦେଇଥିଲେ। ଏହି ଗଣ୍ଡଗୋଳରେ ଅମ୍ବିକାଙ୍କ ହାତ ଭାଙ୍ଗି ଯାଇଥିବା ଜଣାଯାଇଛି।

ଏଠାକୁ ସଦାନନ୍ଦପୁରରୁ ଆସିଥିବା ପଲସର କାହାର ଓ ରାତିରେ କେଉଁ ପରିସ୍ଥିତିରେ ପୋଟଳ କ୍ଷେତ ନିକଟକୁ ଆସିଥିଲା। ପୋଟଳ ଚୋରି ସମ୍ପର୍କରେ ଆସିଥିବା ଫୋନ କାହାର ଓ କିଏ ସୁଶାନ୍ତଙ୍କୁ ଫୋନ କରିଥିଲା, ସେ ସବୁ ଦିଗକୁ ପୋଲିସ ତଦନ୍ତ ପରିସରଭୁକ୍ତ କରିପାରିଲେ ଘଟଣା ପଛର ଅସଲ ରହସ୍ୟ ବୁଝାପଡ଼ିବ। ତେବେ ବାଇକ୍‌ରେ ଆସିଥିବା ବ୍ୟକ୍ତି ଜଣକ ପରିବା ବ୍ୟବସାୟୀ ବୋଲି ଅଭିଯୋଗ ହେଉଛି। ଅମ୍ବିକାଙ୍କ ପରିବାର ସୁଶାନ୍ତଙ୍କ ପୋଟଳ କିଆରିରୁ ପୋଟଳ ଚୋରି କରି ବିକ୍ରି କରିବାକୁ ବ୍ୟବସାୟୀଙ୍କୁ ଡାକି ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେବେ ପୋଲିସର ତଦନ୍ତ କେଉଁ ଦିଗକୁ ଯାଉଛି, ଆଉ ଘଟଣାର ପ୍ରକୃତ କାରଣ ଖୋଜି ବାହାର କରିବାରେ ପୋଲିସ କେତେ ସକ୍ଷମ ହେଉଛି ତାକୁ ଦେଖିବାକୁ ବାକି ରହିଲା। । ପ୍ରକାଶଥାଉକି, ଜମିବାଡି ବିବାଦକୁ କେନ୍ଦ୍ରକରି ସୁଶାନ୍ତ ଓ ଅମ୍ବିକାଙ୍କ ପରିବାର ମଧ୍ୟରେ ପୂର୍ବରୁ ବିବାଦ ଲାଗି ଆସୁଛି।

## ଜାତୀୟ କବାଡ଼ି ପାଇଁ ପ୍ରାଚୀ ମନୋନୀତ



କଳିଙ୍ଗନଗର,୧୮।୩ (ଡି.ଏନ.ଏ.):

ଚଳିତ ମାସ ୨୩ରୁ୨୬ତାରିଖ ପର୍ଯ୍ୟନ୍ତ ହରିୟାଣାର ମହେନ୍ଦ୍ର ଗଡ଼ରେ ୬୯ତମ ଜାତୀୟ ସିନିୟର ମହିଳା କବାଡି ଚାମ୍ପିୟନ କପ୍ ଅନୁଷ୍ଠିତ ହେବ। ଏଥିରେ ଦାନଗଦି ବ୍ଲକ ରାଛିପୁର ପଞ୍ଚାୟତ ରାଛିପୁର ଗ୍ରାମର ପ୍ରାଚୀ ମହଲ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ପ୍ରାଚୀଙ୍କୁ ଖେଳିବା ପାଇଁ ଓଡ଼ିଶା କବାଡି ଆସୋସିଏଶନ ପୁନର୍ବାର ମନୋନୀତ କରିଛି। ପ୍ରାଚୀ ଭୁବନେଶ୍ୱରରେ ଯୁକ୍ତ ୩ କଳାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଖଣ୍ଡିତରଠାରେ ଗୁରୁ କୃଷ୍ଣକାନ୍ତ ପଣ୍ଡାଙ୍କଠାରୁ ପ୍ରଶିକ୍ଷଣ ନେଇଥିବା କହିଛନ୍ତି। ପ୍ରାଚୀ ପୂର୍ବରୁ ଗୋଆ, ପଞ୍ଜାବ, ବିହାର, ମଧ୍ୟପ୍ରଦେଶ, ୱେଷ୍ଟବେଙ୍ଗଲ ଆଦି ରାଜ୍ୟରେ ମଧ୍ୟ ଖେଳିଛନ୍ତି। ଅନ୍ୟପକ୍ଷରେ ଜାତୀୟ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ପାଇଥିବା ପ୍ରାଚୀଙ୍କୁ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଶୁଭେଚ୍ଛା ଜଣାଇଛନ୍ତି।

## କଲରକ୍ଲାଉଡ୍ ପବ୍ଲିକ ସ୍କୁଲ୍‌ର ପୁରସ୍କାର ବିତରଣ



ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୧୮।୩(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ କଲରକ୍ଲାଉଡ୍ ପବ୍ଲିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଶୁକ୍ରବର ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ୍ ଶିକ୍ଷୟିତ୍ରୀ ବବିତା ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଓ ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପଣ୍ଡା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଧର୍ମଶାଳା ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ ଯୋଗଦେଇ ଶିକ୍ଷକ, ଅଭିଭାବକଙ୍କ ସୁସମ୍ପର୍କରେ ଛାତ୍ରୀଛାତ୍ର ସଂସ୍କାରିତ ହେବା ସହ ଉତ୍ତମ ନାଗରିକ ହୋଇ ଭବିଷ୍ୟତରେ ଦେଶର ରକ୍ଷାକର୍ତ୍ତା ହେବେ ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲ୍ ନିର୍ଦ୍ଦେଶକ ଅଭିଜିତ ଦାସ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲାବେଳେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରୀତିମଞ୍ଜରୀ ଗିରି, ଜ୍ୟୋତିଧାରା ପଣ୍ଡା, ଲିପ୍ତିମୟୀ ଓଝା, ଲୋପାମୁଦ୍ରା ବେହେରା, ହତପ୍ରିୟା ନନ୍ଦ, ପ୍ରିୟଙ୍କା ନାୟକ ଓ ଶିକ୍ଷକ ଅଭିରାମ ନାୟକ ପ୍ରମୁଖ ଯୋଗଦେଇ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ବର୍ଷ ସ୍କୁଲର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଶ୍ରୀବାସ ସମଦର୍ଶୀ, ସମ୍ପୂର୍ଣ୍ଣା ସ୍ୱାଇଁ, ସୟୋନି ମଲିକ, ସନସିତା ନାୟକ, ଅନନ୍ୟା ଦାଶ, ହଂସିକା ମୁଦୁଲି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଅତିଥି ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସ୍କୁଲ୍‌ର ଅଧ୍ୟକ୍ଷ ଚନ୍ଦ୍ରମଣି ନାୟକ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବସ୍-ହାଇୱା ଧକ୍କା

■ କଣ୍ଡକ୍ଟର, ଡ୍ରାଇଭର ଗୁରୁତର,ଶଅଳ୍ପକେ ବର୍ତ୍ତିଲେ ଯାତ୍ରୀ




ଯାଜପୁର ଅଫିସ,୧୮।୩:

ଯାଜପୁର ଜିଲା ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ଧର୍ମଶାଳା ଥାନା ସାରୋଇ ଛକରେ ଶନିବାର ରାତି ପ୍ରାୟ ସାଢେ ୯ଟା ସମୟରେ ଟ୍ରକ ଓ ଏକ ଯାତ୍ରୀବାହୀ ବସ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ବସର କଣ୍ଡକ୍ଟର ଓ ଡ୍ରାଇଭର ଗୁରୁତର ହୋଇଛନ୍ତି। ଏଥିରେ କେତେଜଣ ଯାତ୍ରୀ ଆହତ ହୋଇଥିଲେ ମଧ୍ୟ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି । ଗୁରୁତର ଅବସ୍ଥାରେ ବସ୍ କଣ୍ଡକ୍ଟରଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବାହିନୀ ଦ୍ୱାରା କଟର ସହାୟତାରେ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଖବର ପାଇ ଧର୍ମଶାଳା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ଭୁବନେଶ୍ୱରରୁ ପାଣିକୋଚ୍ ନାମକ ବସ ପ୍ରାୟ ୬୦ ଜଣ ଯାତ୍ରୀଙ୍କୁ ନେଇ କୋଲକୋତା ଅଭିମୁଖେ ଯାଉଥିଲା। ଏହି ସମୟରେ ଭୁଲ ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଉକ୍ତ ବସ୍‌କୁ ଏକ ସାଇଡ୍‌ରୁ ଧକ୍କା ଦେଇଥିଲା ।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ଚଣ୍ଡିଖୋଲ/ଛତିଆ,୧୮।୩(ଡି.ଏନ.ଏ.):

ଦର୍ପଣ ତହସିଲ ବୈରୀ ଥାନା ଅଧୀନ ସୋଲର ନିକଟରୁ ଶୁକ୍ରବାର ରାତିରେ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରାଯାଇଛି। ଦର୍ପଣ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଚଢ଼ାଉ ପାଇଁ ଯାଇଥିବାବେଳେ ଛତିଆ-କଳକଳା ରାସ୍ତାରେ (ଓଆର୍-୦୪-ଇ-୫୬୪୬)ନଂ. ବିଶିଷ୍ଟ ଟ୍ରକ୍ ମାଙ୍କଡ଼ା ପଥର ବୋଝେଇ କରି ଆସୁଥିବା ଦେଖି ଅଟକାଇଥିଲେ। ମାତ୍ର ଟ୍ରକ୍‌ଟି ନ ଅଟକିବାରୁ ସେ ତାର ପିଛା କରିଥିଲେ। ବୈରୀ ସମବାୟ ସମିତି କାର୍ଯ୍ୟାଳୟ ନିକଟରେ ଟ୍ରକକୁ ଛାଡ଼ି ଚାଳକ ପଳାଇ ଯାଇଥିଲେ। ପରେ ଅତିରିକ୍ତ ତହସିଲଦାର ଟ୍ରକ୍‌କୁ ଜବତ କରି ବୈରୀ ଥାନା ଜିମା ଦେଇଥିଲେ। ସୂଚନାଯୋଗ୍ୟ, ପଶ୍ଚିମ ବଡ଼ଚଣା ଅଞ୍ଚଳରେ ବ୍ୟାପକ ବେଆଇନ ମାଙ୍କଡ଼ା ଖାଦାନ ଚାଲୁଛି। ଏନେଇ ଧରିତ୍ରୀରେ ଖବର ପ୍ରସାରଣ ପରେ ତହସିଲ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଛି।

## ମା' ବୁଢ଼ୀ ଜାଗୁଳାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ରସୁଲପୁର,୧୮।୩(ଡି.ଏନ.ଏ.):

ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ବାହାବଳପୁର ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜେମ୍ସ ଫାଉଣ୍ଡେଶନ(ଗ୍ରାମୀଣ ଏକତା ମଞ୍ଚ) ଆନୁକୂଲ୍ୟରେ ମା' ବୁଢି ଜାଗୁଳାଇ ଫ୍ଲଡ ଲାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ୮ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ମଧୁବନ ଓ କରଞ୍ଜିଆରୀ ମଧ୍ୟରେ ହୋଇଥିଲା। ମଧୁବନ କ୍ରିକେଟ ଦଳ ବିଜୟୀ ହୋଇଥିଲ। ୨ୟ ମ୍ୟାଚ୍ ଅର୍ତ୍ତିଆ-କୁସୁନପୁର ଓ ଜେନାପୁର ଦଳ ମଧ୍ୟରେ ହୋଇଥିଲାବେଳେ କୁସୁନପୁର ବିଜୟୀ ହୋଇଥିଲା। ୩ୟ ମ୍ୟାଚ୍ କେଉଁଟ ଲଗୁଆଁ ଓ କଷ୍ଟି ଓ ଚତୁର୍ଥ ମ୍ୟାଚ୍ ବାହାବଳପୁର ଓ ବଳଭଦ୍ରପୁର ଦଳ ମଧ୍ୟରେ ହୋଇଥିଲା। ଖେଳରେ କେଉଁଟ ଲଗୁଆଁ ଓ ବଳଭଦ୍ରପୁର ଦଳ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଖେଳରେ ୪ ଦଳ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଉତ୍ସବରେ ଫାଉଣ୍ଡେଶନ ପକ୍ଷରୁ ଅତିଥି ଭାବେ କମଳାକାନ୍ତ ସାହୁ, ଶ୍ରୀଧର ବାରିକ, ସତ୍ୟକାନ୍ତ ପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବ।

## କୁମ୍ଭୀର ଆକ୍ରମଣରେ ମହିଳା ମୃତ

ମହାକାଳପଡ଼ା,୧୮।୩ (ଡି.ଏନ୍.ଏ.):

କୁମ୍ଭୀର ଆକ୍ରମଣରେ ଶନିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଅନ୍ୟ ୩ ମହିଳା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାଶି ଗାଁ ୬ନଂ. ୱାର୍ଡର କୌଶଲ୍ୟା ମଣ୍ଡଳ(୪୨)। ତାଙ୍କ ସହିତ ମାଛ ଧରିବାକୁ ଯାଇଥିବା ଛବି ମଣ୍ଡଳ, ସୁଷମା ସର୍ଦ୍ଦାର ଓ ଝରଣା ମଣ୍ଡଳ କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇଯାଇଛନ୍ତି । ସୁଷମାଙ୍କ କହିବା ଅନୁଯାୟୀ, ପ୍ରତିଦିନ ଭଳି ସେମାନେ ଜଙ୍ଗଲ ଭିତରେ ଥିବା ଯାନାଜୋରକୁ ମାଛ ଧରିବାକୁ ଯାଇଥିଲେ। ତାଙ୍କ ସହିତ ମିଶି କୌଶଲ୍ୟା ମାଛ ଧରୁଥିଲା। ହଠାତ୍ ପଛରୁ ଏକ କୁମ୍ଭୀର ଆସି କୌଶଲ୍ୟାଙ୍କୁ ଗଭୀର ପାଣିକୁ ଟାଣି ନେଇଥିଲା । ଏହାପରେ ତାଙ୍କୁ ତିନି ଥର ପାଣିରେ ବୁଡ଼ାଇ ମାରିଥିଲା। କିନ୍ତୁ ଆମେ ତାଙ୍କୁ କୁମ୍ଭୀର ମୁହଁରୁ ରକ୍ଷା କରିପାରିଲୁ ନାହିଁ। ଗ୍ରାମବାସୀ ମୃତଦେହ ଉଦ୍ଧାର କରିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଏ ସମ୍ପର୍କରେ ରାଜନଗର ବନ ଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ।


କୌଶଲ୍ୟା ମଣ୍ଡଳଙ୍କ ଫାଇଲ୍ ଫଟୋ।






**ଶିକ୍ଷାବିତ୍‌ଙ୍କ ପରଲୋକ**

ଖଣ୍ଡପଡ଼ା,୧୮।୩(ସ୍ୱ.ପ୍ର.)-ଖଣ୍ଡପଡ଼ା ଅଞ୍ଚଳର ଶିକ୍ଷାବିତ୍ ସନାତନ ମହାନ୍ତିଙ୍କ ଶନିବାର ଅପରାହ୍ଣରେ ଭୁବନେଶ୍ୱରଠାରେ ପରଲୋକ ହୋଇଯାଇଛି । ତାଙ୍କୁ ୭୫ବର୍ଷ ହୋଇଥିଲା । ସେ ଗତକିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ସେ ଜଣେ ସରଳ, ନିଷ୍କପଟ ଓ ଅମାୟିକ ସ୍ୱଭାବର ବ୍ୟକ୍ତି ଥିଲେ । ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରି ସେ ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ । ତାଙ୍କ ବିୟୋଗରେ ଖଣ୍ଡପଡ଼ା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ନିଆଁ ଆଁରେ ନୟାଗଡ଼ ବନଖଣ୍ଡ ଜଙ୍ଗଲ

- ମନୁଷ୍ୟକୃତ ନିଆଁକୁ କାଟୁ କରୁନି ସଚେତନତା
- ଚଳିତ ବର୍ଷ ୬୭୯ ଥର ନିଆଁ ଲାଗି ସାରିଲାଣି
- ବିଳମ୍ବରେ ଆସୁଛନ୍ତି ବନକର୍ମଚାରୀ

ନୟାଗଡ଼ ଅଫିସ,୧୮।୩
(ଲୋକନାଥ ମିଶ୍ର)

ମନୁଷ୍ୟକୃତ ନିଆଁର ଭୟାବହତା ନୟାଗଡ଼ ବନଖଣ୍ଡରେ ଚିନ୍ତାର କାରଣ ହୋଇଛି। ଜଙ୍ଗଲ ନିଆଁକୁ ରୋକିବାକୁ ବନବିଭାଗର ସଚେତନତା କାମ କରୁନି । ଏଥିପାଇଁ ଚଳିତ ବର୍ଷ ୬୭୯ଟି ସ୍ଥାନରେ ନିଆଁ ଲାଗି ସାରିଲାଣି । ସେଥିମଧ୍ୟରୁ ୬୪୪ଟି ଜଙ୍ଗଲରେ ନିଆଁ ଲାଗିଥିବାବେଳେ ୧୫ଟି ସ୍ଥାନରେ ଜଙ୍ଗଲ ବାହାରେ ନିଆଁ ଲାଗିଛି । ଜଙ୍ଗଲରେ ନିଆଁ ଲାଗିଲେ ସ୍ଥାନୀୟ ଲୋକ ବନବିଭାଗକୁ ଖବର ଦେଉଛନ୍ତି । ହେଲେ ଅଧିକାଂଶ ସ୍ଥାନରେ ଅଭିଯୋଗ ଆସୁଛି ବିଳମ୍ବରେ ବନବିଭାଗର କର୍ମଚାରୀମାନେ ପହଞ୍ଚୁଛନ୍ତି । ବନବିଭାଗର ଅବହେଳା ଯୋଗୁ ବନାଗ୍ନି କ୍ଷୟକ୍ଷତି ବଢ଼ାଇ ଚାଲିଛି। ବନବିଭାଗ କର୍ମଚାରୀ ଓ ଅମାନିଆଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିଲେ ଏହି ନିଆଁକୁ ରୋକାଯାଇ ପାରିବ ନାହିଁ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା, ରେଞ୍ଜ, ସେକ୍ସନ, ବିଟ୍‌ସ୍ତରରେ ସଭା କରାଯାଇ ବନାଗ୍ନୀକୁ ରୋକିବା ପାଇଁ ଖସଡା ପ୍ରସ୍ତୁତ କରାଯାଉଛି । ଜିଲାରେ ୨ଟି ଏନଜିଓ ଓ ମିଶନ ଶକ୍ତି ଦ୍ୱାରା ପଞ୍ଜିକୃତ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପାଲା, ଦାଶକାଠିଆ,ମ୍ୟାଜିକ ସୋ କରାଯାଇ ଜଙ୍ଗଲ ନିଆଁର ଭୟାବହତା ବିଷୟରେ ଇତିମଧ୍ୟରେ ୮୮ଟି ସଭା ହୋଇ ସାରିଛି । ଜଙ୍ଗଲିଆ ଅଞ୍ଚଳରେ ୯୦ କିମି ଫାୟାର ଲାଇନ କରାଯାଇ ଜଙ୍ଗଲ ନିଆଁକୁ ରୋକିବାକୁ ପଦକ୍ଷେପ ନିଆଯାଇଛି । ପୁଣି ୧୭୪ ବନ ସଂରକ୍ଷଣ ସମିତି(ଭିଏସ୍‌ଏସ୍)ର ସହଭାଗିତାରେ ଜଙ୍ଗଲ ତଳିଗାଁରେ ସଭା କରାଯାଇ ଉତ୍ସାହୀ, ସାହାସୀ ଓ ଜଙ୍ଗଲ ବିଷୟରେ



ଜଙ୍ଗଲରେ ଲାଗିଥିବା ନିଆଁ ।

ଜ୍ଞାନ ଥିବା ୧୪୫ ଯୁବକଙ୍କୁ ଅଗ୍ନି ନିର୍ବାପକ ବାହିନୀରେ ଚୟନ କରାଯାଇ ନିଆଁ ଲିଭାଇବାରେ ନିୟୋଜିତ କରାଯାଇଛି। ଏହି ଅଗ୍ନି ନିର୍ବାପକ ବାହିନୀକୁ ୧୨୭ଟି ବ୍ଲୋଏର, ୧୬ଟି ଗାଡ଼ି ଓ ୩ ମୋବାଇଲ ଫୋନ ଯୋଗାଇ ଦିଆଯାଇଛି । ତେବେ ଜଙ୍ଗଲ ନିଆଁ ଜଙ୍ଗଲର ପଶୁପକ୍ଷୀ, ବୃକ୍ଷଲତା ପାଇଁ ବିପଦ ହୋଇଥିବାବେଳେ ପରିବେଶର ଉତ୍ତାପ ବଢ଼ାଇଥାଏ । ପୁଣି ଜଙ୍ଗଲ ନିକଟସ୍ଥ ଗାଁ ପ୍ରତି ବିପଦ ସୃଷ୍ଟି କରିଛି ।

ଜଙ୍ଗଲରେ ନିଆଁ ଲାଗିଲେ ଗାଁ ମୁହାଁ ହୁଅନ୍ତି ବନ୍ୟପ୍ରାଣୀ । ଏହି ସୁଯୋଗରେ ଶିକାରୀ ଜଙ୍ଗଲରେ ନିଆଁ ଲଗାଇ ଶିକାର କରେ । ସେହିପରି ଅଙ୍ଗାର ପାଇଁ ଜଙ୍ଗଲରେ ନିଆଁ ଲାଗୁଛି। ମହୁଲ ସଂଗ୍ରହ ଓ କେନ୍ଦୁପତ୍ର ସଂଗ୍ରହ ବେଳେ ନିଆଁ ଲଗା ଯାଇଥାଏ । ପୁଣି ଜଙ୍ଗଲରେ ଭୋଜି କରିବା ସମୟରେ ନିଆଁ ଲିଭା ଯାଇ ନ ଥାଏ । ଅନ୍ୟପକ୍ଷେ ବିଡ଼ି, ସିଗାରେଟରୁ ନିଆଁ ନ ଲିଭାଇ କେତେଜଣ ବ୍ୟକ୍ତି ଜଙ୍ଗଲ ଭିତରକୁ ଫୋପାଡି ଦେବା ଦ୍ୱାରା ନିଆଁ ଲାଗେ । ଆଉ କେତେଜଣ ମଜା ଦେଖିବା ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି। ଏପରି ମନୁଷ୍ୟକୃତ ନିଆଁର ବିଭିନ୍ନ ରୂପ ଥିବାବେଳେ ଏହାକୁ ରୋକିବା ପାଇଁ ବନବିଭାଗର ପଦକ୍ଷେପ ଓ ପାଟ୍ରୋଲିଂ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ଧରପଗଡ଼ ପାଇଁ କ୍ଷେତ୍ର ବନ କର୍ମଚାରୀମାନେ ୨ ଚକିଆ ଯାନରେ ଓ ପାଦରେ ଚାଲି ଚାଲି ଜଙ୍ଗଲରେ ତଦାରଖ କରୁଥିବା କହୁଛନ୍ତି । ହେଲେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ଧରି ପାରୁନାହାନ୍ତି। ଏନେଇ ପରିବେଶବିତ୍ ତଥା ଗଛସାର ନାମରେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ କୁହନ୍ତି, ମନୁଷ୍ୟକୃତ ନିଆଁକୁ ଧରପଗଡ଼ କରିବାକୁ ସ୍ଥାନୀୟ ଲୋକଙ୍କ ସହଯୋଗ ନେବା ସହ ପୁରସ୍କାର ରାଶି ଘୋଷଣା କରାଯିବା ଦରକାର । ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ କୁହନ୍ତି, ମନୁଷ୍ୟକୃତ ନିଆଁକୁ ରୋକିବା ପାଇଁ ବନବିଭାଗ ସଚେନତନା ସୃଷ୍ଟି କରିବା ସହ ଏହାର ଭୟାବହତା ନେଇ ବାରମ୍ବାର ବୁଝାଇ ଆସୁଛି । ଜଙ୍ଗଲରେ ନିଆଁ ଲାଗିବାର ଦେଖିଲେ ୯୪୩୭୧୧୮୪୩୮ ନଂ.ରେ କଣ୍ଟ୍ରୋଲ ରୁମକୁ ଫୋନ କରିବାକୁ ଅନୁରୋଧ କରାଯାଇଛି । ଭିଏସ୍‌ଏସ୍‌ର ସଭ୍ୟମାନେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରି ଭିଏସ୍‌ଏସ୍ ପାଣ୍ଠିରେ ବିନିଯୋଗ କରିପାରିବେ । ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ଦେଖିଲେ ବନବିଭାଗକୁ ଖବର ଦିଅନ୍ତୁ ବୋଲି କହିଛନ୍ତି । ଅନ୍ୟପକ୍ଷେ ଜଙ୍ଗଲରେ ନିଆଁ ଲାଗୁଥିବା ସ୍ଥାନକୁ ମୋବାଇଲ ଆପ୍ ମାଧ୍ୟମରେ ଅନୁସରଣ କରି ଅତିଶୀଘ୍ର ନିଆଁ ଲିଭା ଯିବାର ବ୍ୟବସ୍ଥା କରାଯାଉଛି । ନିଆଁ ଲାଗିଥିବା ଅଞ୍ଚଳକୁ ପରିଦର୍ଶନ କରି ତା'ର କାରଣ, ଉତ୍ସ ଓ ନିରାକରଣ ପାଇଁ ପଦକ୍ଷେପ ନିଆଯାଉଛି। ପୁଣି ୫-ଟି ନିୟମାବଳୀ ଅନୁଯାୟୀ ଉପଗ୍ରହର ପ୍ରୟୋଗ କରାଯାଇ ଜଙ୍ଗଲ ନିଆଁର ପ୍ରକୃତ ସ୍ଥାନ ଚିହ୍ନଟ କରାଯାଉଛି । ନିଆଁ ଲିଭିବା ପରେ ମଧ ଏହା ଜଣାପଡ଼ିଥାଏ ବୋଲି କହିଛନ୍ତି ।

## ସଂକ୍ଷେପରେ

### ଦଶଦୋଳ ମହୋତ୍ସବ କାଳବୈଶାଖୀ ଯୋଗୁ ଫିକା ପଡିଲା

ଖଣ୍ଡପଡ଼ା,୧୮।୩(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଦଶଦୋଳ ଯାତ୍ରା ପଡିଆରେ ଦ୍ୱିତୀୟ ଦଶଦୋଳ ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟନ ହେବା ପାଇଁ ଆୟୋଜନ ଚାଲିଥିବା ବେଳେ କାଳ ବୈଶାଖୀ ଯୋଗୁ ଫିକା ପଡିଛି । ଶୁକ୍ରବାର ମଧରାତ୍ରରୁ ପାରମ୍ପରିକ ଦଶଦୋଳ ଯାତ୍ରା ଆରମ୍ଭ ହୋଇଛି । ଏଠାକାର ପରମ୍ପରା ଅନୁଯାୟୀ ଉତ୍ସବର ସ୍ଥାନାଧିପତି ନୀଳକଣ୍ଠେଶ୍ୱର ପ୍ରଥମେ ପାଟପଟୁଆରରେ ରୋଷଣୀ ସହ ଯାତ୍ରା ପଡିଆକୁ ବିଜେ କରି ଆସ୍ଥାନ ଗ୍ରହଣ କରିଥିଲେ । ଏହାପରେ ପୀଠାଧିପତିଙ୍କଠାରୁ ନିମନ୍ତ୍ରଣ ପାଇ ଖଳିସାହିଗ୍ରାମର ୧୦ ଠାକୁର ଓ ଏହାର ଆଖପାଖ ପୁଆଣିଆ, ମର୍ଦ୍ଦରାଜପୁର, ବୋଦଶା, ହରିଚନ୍ଦନପୁର, ଗିରିଡିପାଟଣା, ଚାଉପଲ୍ଲୀ, ଖୁଣ୍ଟୁବନ୍ଧ, ସିଙ୍ଘାପଡା ସମେତ ୨୧ ଠାକୁର ସୁସଜ୍ଜିତ ଦୋଳ ବିମାନରେ ଦେବା ଦେବୀ ସହ ଶୋଭାଯାତ୍ରାରେ ଆସି ପଡିଆରେ ଆସ୍ଥାନ ନେଇଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମ ପକ୍ଷରୁ ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା । ଶନିବାର ପୂର୍ବାହ୍ନରେ ସମସ୍ତ ଦେବା ଦେବୀଙ୍କ ପୂଜାନୀତି ସହ ଭୋଗ ଲାଗି ହୋଇଥିଲା। ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଏହି ମେଳଣ ଦର୍ଶନ କରିବାକୁ ସମାଗମ ହୋଇଥିଲେ ।

# ଫ୍ଲୋରାଇଡ ନିୟନ୍ତ୍ରଣ,ପ୍ରତିରୋଧ ସମ୍ପର୍କରେ ସଚେତନତା

ନୟାଗଡ଼ ଅଫିସ,୧୮।୩

ଫ୍ଲୋରାଇଡ଼ ନିୟନ୍ତ୍ରଣ ଓ ପ୍ରତିରୋଧ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିୟମିତ ପାଣିର ପରୀକ୍ଷା, ତତ୍‌ଜନିତ ରୋଗ, ତା'ର ଲକ୍ଷଣ ଓ ଚିକିତ୍ସା ବିଷୟରେ ବୁଝାଇ ଥିଲେ। ଫ୍ଲୋରୋସିସ ସୃଷ୍ଟି କରୁଥିବା ସମସ୍ୟାର ସମାଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷ କରି ସ୍ଥାୟୀ ପରିବର୍ତ୍ତନ ଘଟିବା ପରେ ଫ୍ଲୋରୋସିସ ଚିକିତ୍ସା କରିବା କଷ୍ଟସାଧ୍ୟ ଅଟେ । ଫ୍ଲୋରୋସିସ ରୋଗର ନିରାକରଣ ଏବଂ ପରିଚାଳନା ଦକ୍ଷତା ବୃଦ୍ଧି ଏହି ସଭାର ଉଦ୍ଦେଶ୍ୟ ବୋଲି ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ରୁତିଲତା ବିଶ୍ୱାଳ କହିଥିଲେ ।

ଅନ୍ୟମାନେ କହିଥିଲେ ପାନୀୟ ଜଳ ଏବଂ ପରିମଳ ମନ୍ତ୍ରଣାଳୟର ଫ୍ଲୋରୋସିସର ବେସଲାଇନ ସର୍ଭେ ତଥ୍ୟ ସଂଗ୍ରହ, ମୂଲ୍ୟାଙ୍କନ ଅନୁସାରେ ନୟାଗଡ଼ ଜିଲାର ଅଳ୍ପ କିଛି ଅଞ୍ଚଳର ପାଣିରେ ଫ୍ଲୋରାଇଡ଼ ମାତ୍ରା ଅଧିକ ଥିବାରୁ ଏହି କାର୍ଯ୍ୟକ୍ରମ ଗୁରୁତ୍ୱ ବହନ କରେ । ମନୋନୀତ ଅଞ୍ଚଳରେ ଫ୍ଲୋରୋସିସର ବ୍ୟାପକ ପରିଚାଳନା ଉପରେ ବିଶ୍ଳେଷଣ କରାଯାଇଥିଲା । ତେଣୁ ଗୋଷ୍ଠୀସ୍ତରରେ ଏହି ବିଷୟକୁ ନେଇ ସଚେତନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଉପସ୍ଥିତ ଥିଲେ।



ସଚେତନତା ସଭାରେ ଯୋଗଦେଇଥିବା ଅତିଥି ।

# ଶୋଭାଯାତ୍ରାରେ ସାମିଲ ହେଲେ ୧୮ ଠାକୁର

## ଇଟାମାଟିରେ ଦଶଦୋଳ ଯାତ୍ରା

ନୟାଗଡ଼ ଅଫିସ,୧୮।୩

ନୟାଗଡ଼ ବ୍ଲକ ଇଟାମାଟି ମେଳଣ ପଡ଼ିଆରେ ଶୁକ୍ରବାର ରାତିରୁ ଆରମ୍ଭ ହୋଇଛି ଦଶଦୋଳ ଯାତ୍ରା। ଏହି ଅବସରରେ ଇଟାମାଟିର ୧୮ ଠାକୁର ଗୋପୀନାଥ ଜୀଉ, ଜଗନ୍ନାଥ ଜୀଉ, ବାବା ବିଶ୍ୱନାଥ, ରାଧାକାନ୍ତ, ସତ୍ୟ ନାରାୟଣ ଜୀଉ, ପଶୁପତିନାଥ, ରଘୁନାଥ ଜୀଉ, ବାବା ବାଲୁଙ୍କେଶ୍ୱର, ରଧାମାଧବ, ଲକ୍ଷ୍ମୀନାରାୟଣ, ଚୈତନ୍ୟବିହାରୀ, ରଘୁନାଥଜୀଉ, ରାସବିହାରୀ, ଚିତ୍ରକୁଟବିହାରୀ ଠାକୁର ଶୋଭାଯାତ୍ରାରେ ବାହାରିଥିଲେ। ଏଥିରେ ପୁରୀର ମହିଳା ପାଇକ, ବନାଟି ଖେଳ, ନାଗା ନୃତ୍ୟ, ଢେଙ୍କାନାଳର ଢୋଲ ଦଳ ସାମିଲ ହୋଇଥିଲା । ରାତି ସାଢ଼େ ୫ଟା ପର୍ଯ୍ୟନ୍ତ ଶୋଭାଯାତ୍ରା ପରିକ୍ରମା କରିଥିଲା। ଗୋପୀନାଥଜୀଉଙ୍କ ପୀଠରେ ଏହି ଯାତ୍ରା ୭ଦିନ ଧରି ଅନୁଷ୍ଠିତ ହେବ। ଏ ଅବସରରେ ମେଳଣପଡ଼ିଆ ଆଖପାଖ ଅଞ୍ଚଳରେ ଅସ୍ଥାୟୀ ଦୋକାନ ଖୋଲିଛି। ଯାତ୍ରା କମିଟି ସଭାପତି କିଶୋର ନାୟକ, ସମ୍ପାଦକ ଉମେଶ ସାହୁ, ନବସାହୁ, ଭାଗିରଥି ବାଇ, ଶ୍ରବଣ ରାମ, ରବି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

ଅପରପକ୍ଷେ ଶୋଭାଯାତ୍ରାରେ ଫଟୋ ଉତ୍ତୋଳନକୁ ନେଇ କିଛି ସମୟ ପାଇଁ ବିବାଦ ଦେଖା ଦେଇଥିଲା । ପୋଲିସ କେତେଜଣ ଯୁବକଙ୍କ ମୋବାଇଲ ଛଡାଇ ନେଇଥିଲା । ଏପରିକି ଜଣେ ଖବରଦାତାଙ୍କ ମୋବାଇଲ ଛଡାଇ ନେବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା ।

www.tpsouthernodisha.com
TPSØDL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)
ଗୋଟିଏ ଥର ସମାଧାନ (OTS) ସ୍କିମ୍ ର ଲାଭ ଉଠାନ୍ତୁ
ବକେୟା ବିଦ୍ୟୁତ ବିଲ୍ ଉପରେ
30% ପର୍ଯ୍ୟନ୍ତ ଛାଡ*
୨୧ ଅପ୍ରେଲ ୨୦୨୩ ପର୍ଯ୍ୟନ୍ତ
ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ୱାନ୍ ଟାଇମ୍ ସେଟଲମେଣ୍ଟ ସ୍କିମ୍ - ୨୦୨୨ ଅନୁଯାୟୀ ସମସ୍ତ ଏଲ୍.ଟି. ବିଦ୍ୟୁତ ଉପଭୋକ୍ତାମାନେ ନିମ୍ନଲିଖିତ ଲାଭ ନେଇ ପାରିବେ
କେବଳ ୩୧ ଡିସେମ୍ବର ୨୦୨୦ ମସିହା ପୂର୍ବରୁ ଥିବା ବକେୟା ବିଲ୍ ପାଇଁ ପ୍ରଯୁଜ୍ୟ
ମୂଳ ବକେୟା ବିଲ୍ ଉପରେ ୩୦% ଛାଡ
ଏବଂ ବିଳମ୍ବିତ ଦେୟ ସରଚାର୍ଜ ଉପରେ ୮୦%
(ଗୋଟିଏ କିସ୍ତିରେ ସମସ୍ତ ବକେୟା ବିଦ୍ୟୁତ ବିଲ୍ ଦେଲେ)
ମୂଳ ବକେୟା ବିଲ୍ ଉପରେ ୨୦% ଛାଡ
ଏବଂ ବିଳମ୍ବିତ ଦେୟ ସରଚାର୍ଜ ଉପରେ ୮୦%
(ଦୁଇଟି ମାସିକ କିସ୍ତିରେ (୫୦%+୫୦%) ସମସ୍ତ ବକେୟା ବିଦ୍ୟୁତ ବିଲ୍ ଦେଲେ)
ମୂଳ ବକେୟା ବିଲ୍ ଉପରେ ୧୫% ଛାଡ
ଏବଂ ବିଳମ୍ବିତ ଦେୟ ସରଚାର୍ଜ ଉପରେ ୮୦%
(ତିନୋଟି ମାସିକ କିସ୍ତିରେ (୫୦%+୨୫%+୨୫%) ସମସ୍ତ ବକେୟା ବିଦ୍ୟୁତ ବିଲ୍ ଦେଲେ)
*ସର୍ତ୍ତାବଳୀ ଲାଗୁ
ଅଧିକ ସୂଚନା ପାଇଁ ଟୋଲ୍ ଫ୍ରି ନମ୍ବର 1912 କିମ୍ବା 18003456797 ରେ ଯୋଗାଯୋଗ କରନ୍ତୁ

DSPL - 503
ସୁମନ
ସୁରକ୍ଷିତ ମାତୃତ୍ୱ ଆଶ୍ୱାସନା
ଏବେ ଖୁସି ଖବର ହେବ ଦୁଇଗୁଣ ।
ବିନାମୂଲ୍ୟରେ ଚିକିତ୍ସା ସେବା ସହିତ
ଆମ୍ବୁଲାନ୍ସ ସେବା (୧୦୮)
ଅତିକମ୍‌ରେ ୪ଥର ପ୍ରସବ ପୂର୍ବ ସ୍ୱାସ୍ଥ୍ୟ ପରୀକ୍ଷା ଅଲ୍‌ଟ୍ରାସାଉଣ୍ଡ ସହିତ
ନର୍ମାଲ ପ୍ରସବ କିମ୍ବା ଅସ୍ତ୍ରୋପଚାର (ସି- ସେକ୍ସନ୍) ମାଧ୍ୟମରେ ପ୍ରସବ ସେବା
ଗର୍ଭାବସ୍ଥା ସମୟରେ ଓ ପ୍ରସବର ୬ ମାସ ପର୍ଯ୍ୟନ୍ତ ମା' ପାଇଁ ଏବଂ ଶିଶୁ ପାଇଁ (୧ ବର୍ଷ ପର୍ଯ୍ୟନ୍ତ) ଲାବୋରେଟୋରି ଟେଷ୍ଟ ଏବଂ ଔଷଧ
ଆଦର ସମ୍ମାନର ସହିତ ଚିକିତ୍ସା ସେବା
ଅଭିଯୋଗ ନିବାରଣ ସୁବିଧା (ନିଃଶୁଳ୍କ ଫୋନ୍ ନଂ-୧୦୪)
ସୁରକ୍ଷିତ ମାତୃତ୍ୱ ଅଶ୍ୱାସନା "ସୁମନ" ଅଭିଯାନ ଅନ୍ତର୍ଗତ ଉପଲବ୍ଧ ଏହି ସେବାଗୁଡିକର ସୁଯୋଗ ନିଅନ୍ତୁ ।
କିଛି ଅଭିଯୋଗ ଥିଲେ ନିଃଶୁଳ୍କ ଫୋନ୍ ନଂ- ୧୦୪ ରେ ଯୋଗାଯୋଗ କରନ୍ତୁ
suman.nhp.gov.in
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0172/2223

# ଦୈତାରୀରୁ ୫୦% ଖଣି ଉତ୍ତୋଳନ ପ୍ରତ୍ୟାହାର

- ପରିବେଶଗତ ଅନୁମତି ବିନା ଚାଲିଥିଲା ଖଣି
- ଶିଳ୍ପ କାରଖାନା ପ୍ରଭାବିତ, ରାଜସ୍ୱ ହାନି
- ଜୀବିକା ହରାଇଲେ ଶ୍ରମିକ, କର୍ମଚାରୀ


ଦୈତାରୀ ଖଣି ଅଞ୍ଚଳ ।

ଯାଜପୁର ଅଫିସ,୧୮।୩ : ଯାଜପୁର ଜିଲା ସୁକିନ୍ଦା ବ୍ଲକ ଏବଂ ମହାଗିରୀ ପର୍ବତମାଳା ଚତୁଃପାର୍ଶ୍ୱରେ ପ୍ରଚୁର ପରିମାଣର ଖଣିଜ ସମ୍ପଦ ଭରି ରହିଥିବାରୁ ଏହାକୁ ଓଡ଼ିଶାର ରତ୍ନଗର୍ଭା ବୋଲି କୁହାଯାଉଛି । ଏଠାରେ ଦେଶର ବହୁ ନାମୀ କମ୍ପାନୀ ନିଜର ବେପାର ମେଲାଇଛନ୍ତି। କିନ୍ତୁ କେତେକ କ୍ଷେତ୍ରରେ ସରକାରଙ୍କ ସର୍ତ୍ତ ଓ ନୀତିନିୟମକୁ ନ ମାନି ଖଣି ଉତ୍ତୋଳନ ଚାଲିଥିବାରୁ ବିପୁଳ ରାଜସ୍ୱହାନୀ ହେଉଥିବା ଅଭିଯୋଗ ହେଉଛି। ଯାଜପୁର ରୋଡ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ଅଧୀନ ଜିଲାର ସୀମାନ୍ତ ତଥା କେନ୍ଦୁଝର ଜିଲାର ଦୈତାରୀ ଲୁହା ପଥର ଖଣିରେ ଏବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପରିବେଶଗତ ଅନୁମତି(ଇସି)ଆଣି ନ ପାରିବାରୁ ଏହି ଖଣିର ଉତ୍ପାଦନ କ୍ଷମତାକୁ ପ୍ରାୟ ୫୦% ହ୍ରାସ କରି ଦିଆଯାଇଛି। ସୂଚନା ଅନୁଯାୟୀ ୨୦୨୧ ଜୁଲାଇରେ ଏହି ଖଣିରୁ ବାର୍ଷିକ ୩ ମିଲିୟନ ଟନ୍(ଏମଟି)ରୁ ୬ ଏମଟି ପର୍ଯ୍ୟନ୍ତ ଲୁହାପଥର ଉତ୍ତୋଳନ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ପରିଚାଳନଗତ ଅନୁମତିବା କନସେଣ୍ଟ ଟୁଅପରେଟ(ସିଟିଓ) ଦିଆଯାଇଥିଲା । ହେଲେ ସିଟିଓ ଅନୁଯାୟୀ ବିଭିନ୍ନ ସର୍ତ୍ତ, ନୀତିନିୟମ ଏବଂ ଚୁକ୍ତି ପାଳନ କରିବାରେ ଓଏମ୍‌ସି ବିଫଳ ହେବାରୁ ୩ ଏମ୍‌ଟି ପରିମାଣକୁ ପ୍ରତ୍ୟାହାର କରାଯାଇଛି। ଫଳରେ ଏହି ଖଣି ଉପରେ ନିର୍ଭର କରୁଥିବା ଶିଳ୍ପ କାରଖାନା ସମେତ କର୍ମଚାରୀ ଓ ଶ୍ରମିକଙ୍କ ଆଶା ଧୂଳିସାତ ହୋଇଥିବାବେଳେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇବ ବୋଲି ମତପ୍ରକାଶ ପାଇଛି। ଏସ୍‌ପିସିବିର ନିର୍ଦ୍ଦେଶ ଅନୁଯାୟୀ ୨୦୨୩ ଫେବୃୟାରୀରେ ଦୈତାରୀ ଲୁହାପଥର ବର୍ଦ୍ଧିତ ଖଣି ଉତ୍ପାଦନ ବନ୍ଦ କରିବାକୁ ପଡିଛି। କାରଣ ଏହାର ପରିବେଶ ଅନୁମତି ଅନୁଯାୟୀ ଅନୁମୋଦିତ ସୀମା ଅତିକ୍ରମ କରି ସାରିଛି। ୨୦୨୨ ଜୁଲାଇରୁ ୨୦୨୩ ଫେବୃୟାରୀ ପର୍ଯ୍ୟନ୍ତ ଦୈତାରୀ ଖଣିରୁ ଲୁହାପଥର ମୂଲ୍ୟ ୨୭% ରୁ ଅଧିକ ବୃଦ୍ଧି ପାଇଛି । ଏଠାରେ ଉତ୍ପାଦନ କେବଳ ପ୍ରଭାବିତ ହୋଇନାହିଁ ସମ୍ପୃକ୍ତ ଶିଳ୍ପ କାରଖାନାଗୁଡିକ ମଧ କ୍ଷତି ସହିଛନ୍ତି ବୋଲି ଅଭିଯୋଗ ଉଠିଛି। ପୂର୍ବ ନିର୍ଦ୍ଧାରିତ ୬ ଏମ୍‌ଟି ଖଣି ଉତ୍ତୋଳନ କରିବାକୁ ପୁଣି ଆବଶ୍ୟକ ପଦକ୍ଷେପ ନ ନେଲେ ଶ୍ରମିକ, କର୍ମଚାରୀଙ୍କ ସମେତ କାରଖାନା ଓ ରାଜ୍ୟ ସରକାର ଆର୍ଥିକସ୍ତରରେ ବହୁଳ ଭାବେ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏହି କ୍ରମରେ ଗତ ୧୬।୩।୨୦୨୩ ରେ ହୋଇଥିବା ନିଲାମରେ ମଧ ୧ ଲକ୍ଷ ଟନ୍ ପରିବର୍ତ୍ତେ କେବଳ ୧୦ ହଜାର ଟନ୍ ପ୍ରଦାନ ଲୁହାପଥର ପ୍ରଦାନ କରିବାକୁ ନିର୍ଦ୍ଧାରଣ ହୋଇଥିଲା। ଏହାଦ୍ୱାରା ମୂଲ୍ୟବାନ ଲୁହାପଥରକୁ ଭିତ୍ତିକରି ଗଢିଉଠିଥିବା ବହୁ କାରଖାନା ଅସହାୟ ହୋଇ ପଡିଛନ୍ତି। ଶ୍ରମିକ ଓ କର୍ମଚାରୀଙ୍କ ଜୀବିନଜୀବିକା ମଧ୍ୟ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଅନ୍ୟପକ୍ଷେ କ୍ରୋମାଇଟ ଖଣିରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଯାଜପୁର ଜିଲାର ବାଲେଶ୍ୱର ଆଲୋଏଜ, ଜିନ୍ଦଲ ଖଣି, କଳରଙ୍ଗୀ କ୍ରୋମାଇଟ ମାଇନ୍ସ ଓ କଳରଙ୍ଗୀଅଟା କ୍ରୋମାଇଟ ଖଣି ଦୀର୍ଘ ବର୍ଷ ହେଲା ବିଭିନ୍ନ କାରଣରୁ ବନ୍ଦ ପଡିଛି। ଫଳରେ ସେ ଖଣିରେ କାର୍ଯ୍ୟକରି ପରିବାର ପୋଷୁଥିବା ୫ ହଜାରରୁ ଊର୍ଦ୍ଧ୍ୱ ପରିବାର ଏବେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି । ଏହାବାଦ୍ ଚାଲୁ ରହିଥିବା ବିଭିନ୍ନ ଖଣିରେ ଲୋକଙ୍କୁ ହଟାଇ ମେଶିନ ଦ୍ୱାରା କାର୍ଯ୍ୟ କରିବାରୁ ସ୍ଥାନୀୟ ଅଧିବାସୀ ଦାଦନ ଖଟିବାକୁ ଶ୍ରେୟ ମଣିଛନ୍ତି । ଅଞ୍ଚଳର ପ୍ରାକୃତିକ ସମ୍ପଦ ଲୁଟ କରିବାରେ ଶିଳ୍ପପତିମାନେ ଲାଗି ପଡିଥିବାବେଳେ ସୁକିନ୍ଦାର ସର୍ବାଙ୍ଗୀନ ଉନ୍ନତି ପାଇଁ ବାହାସ୍ଫୁଟ ମାରୁଥିବା ସରକାର ଚୁପ୍ ରହି ବସିଯାଇଛି । ୧୯୪୬ରୁ ସୁକିନ୍ଦା ଉପତ୍ୟକାରେ ଖଣି ଉତ୍ତୋଳନ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି କୁହାଯାଇଛି । କିନ୍ତୁ ଏହି ସମଗ୍ର ଅଞ୍ଚଳରୁ କେତେ ପରିମାଣର କ୍ରୋମାଇଟ୍ ଉତ୍ତୋଳନ ସରିଛି କେହି କହି ପାରୁନାହାନ୍ତି । ଉତ୍ତୋଳନ ପରେ କେତେ ବଳକା ରହିଛି ତା'ର ମଧ ସଠିକ ହିସାବ କାହାରି ପାଖରେ ନାହିଁ। ଆଜକୁ ପ୍ରାୟ ୨୫ ବର୍ଷ ତଳେ ଯାଜପୁର ଜିଲାର ସାଧାରଣ ଲୋକେ କ୍ରୋମାଇଟର ପ୍ରକୃତ ମୂଲ୍ୟ ଏବଂ ଏଗୁଡିକୁ କିପରି ଚୋରାଚାଲାଣ ସମ୍ପର୍କରେ ଅବଗତ ନ ଥିଲେ । ସେହି ସମୟରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ସଲାସୁତୁରା କରି ବ୍ୟବସାୟୀମାନେ ବହୁ ହଜାର କୋଟି ଟଙ୍କାର କ୍ରେମାଇଟ ଲୁଟ୍ କରିଛନ୍ତି । ଏବେ ସେହି ବ୍ୟବସାୟୀମାନେ ଓଡ଼ିଶାର ପ୍ରତିଷ୍ଠିତ ଧନଶାଳୀ ବ୍ୟକ୍ତିଭାବେ ଗଣାଯାଉଛନ୍ତି । ଏଭଳି ଚୋରି ହୋଇଥିବା କ୍ରୋମାଇଟର ପରିମାଣ ଓ ତାର ମୂଲ୍ୟ ଜାଣିବା ସରକାରଙ୍କ ପକ୍ଷରେ କାଠିକର ପାଠ ହୋଇଛି । ଏଭଳିସ୍ଥିତିରେ ଖଣି ଉତ୍ତୋଳନକୁ ସରକାର ସୁନିୟନ୍ତ୍ରିତ କରିବାର ଆବଶ୍ୟକତା ବଢିଯାଇଛି । ଏ ସଂକ୍ରାନ୍ତରେ ଯାଜପୁର ରୋଡ ଡିଡିଏମ୍ ବିଭୂତି ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ପରିବେଶଗତ ଅନୁମତି ପାଇଁ ବର୍ଦ୍ଧିତ ଉତ୍ତୋଳନ ପରିମାଣକୁ ପ୍ରତ୍ୟାହାର କରାଯାଇଛି।ତେବେବର୍ତ୍ତମାନପୂର୍ବନିର୍ଦ୍ଧାରିତ ବାର୍ଷିକ ୩ ଏମ୍‌ଟି ଖଣି ଉତ୍ତୋଳନ ଚାଲିଛି।

## ସଂକ୍ଷେପରେ

### ଛେଳିକୁ ଅଜଣା ଜନ୍ତୁର ଆକ୍ରମଣ

ବିରିଡି, ୧୮।୩ (ଡି.ଏନ୍.ଏ.): ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ ବ୍ଲକର ମଙ୍ଗୁଳି ପଞ୍ଚାୟତ ଅନ୍ତର୍ଗତ ଶଙ୍ଖାରିସାହିର ପ୍ରଫୁଲ୍ଲ ବାରିକଙ୍କ ଗୁହାଳରେ ଗୁରୁବାର ରାତିରେ ୪ ମେଣ୍ଢାଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଗୁରୁତର ହୋଇଥିଲେ। ଶୁକ୍ରବାର ରାତିରେ ପୁଣି ଅଜଣା ଜନ୍ତୁ ଆକ୍ରମଣରେ ଏହି ଗ୍ରାମର ରମେଶ ଭୋଇଙ୍କ ଗୋଟିଏ ଛେଳି ଆହତ ହୋଇଛି। ଅପରପକ୍ଷେ ଗୁରୁତର ମେଣ୍ଢାମାନଙ୍କ ମଧ୍ୟରୁ ଶନିବାର ଗୋଟିଏର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗ୍ରାମରେ ଗୃହପାଳିତ ପ୍ରାଣୀ ରଖିଥିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଖବରପାଇ ବିରିଡି ପ୍ରାଣୀ ଚିକିତ୍ସକ ମନୋରଞ୍ଜନ ନନ୍ଦ ଘଟଣାସ୍ଥଳରେ ପହଞ୍ଚି ଆହତ ଛେଳିର ଚିକିତ୍ସା କରିଛନ୍ତି। ଏହି ଘଟଣା ପରଠୁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ମାତ୍ର ଅଜଣା ଜନ୍ତୁ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ।

### ନରସିଂହପୁରରେ ଅଗ୍ନିକାଣ୍ଡ

ଡେରାବିଶ,୧୮।୩(ସ୍ୱ.ପ୍ର.): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ ନରସିଂହପୁର ଗ୍ରାମର ରମେଶ କୁମାର ସେଠୀଙ୍କ ଘର ପୋଡ଼ିଯାଇଛି । ଶନିବାର ମଧ୍ୟାହ୍ନରେ କୌଣସି କାରଣରୁ ରମେଶଙ୍କ ଘରେ ନିଆଁ ଲାଗିଯାଇଥିଲା । ରମେଶ ଓ ଗ୍ରାମବାସୀ ନିଆଁକୁ ଆୟତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ନିଶ୍ଚିନ୍ତକୋଇଲିରୁ ଅଗ୍ନିଶମ କର୍ମଚାରୀମାନେ ଆସି ନିଆଁକୁ ଆୟତ କରିଥିଲେ । ହେଲେ ସେତେବେଳକୁ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା । ଏଥିରେ ରମେଶଙ୍କ ଘରେ ଥିବା ଧାନ ଚାଉଳ ସହିତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି । ଦାନପୁର ରାଜସ୍ୱ ନିରୀକ୍ଷକ ପଲ୍ଲବ ପ୍ରତିମ ପ୍ରଧାନ କ୍ଷୟକ୍ଷତିର ଆକଳନ କରି ଫେରିଛନ୍ତି ।

### କମ୍ପ୍ୟୁଟର ଶିକ୍ଷା ପାଇଁ ସଚେତନତା ରଥ ଗଡ଼ିଲା

ରଘୁନାଥପୁର,୧୮।୩(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଓକେସିଏଲ(ଓଡିଶା ନଲେଜ କର୍ପୋରେଶନ ଲିମିଟେଡ)ସିଏସ୍‌ସି କମ୍ପ୍ୟୁଟର ଷ୍ଟଡି ଆଣ୍ଡ କୋଚିଂ ଏକାଡେମୀ ପକ୍ଷରୁ ଶନିବାର ରଘୁନାଥପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ସଚେତନତା ରଥ ପରିକ୍ରମା କରିଛି। ବିଡିଓ ତପନ ସେନାପତିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଏହି ରଥର ଶୁଭାରମ୍ଭ ହୋଇଛି। କମ୍ପ୍ୟୁଟର ଯୁଗରେ ସମୟ ସହ ତାଳଦେଇ ଆଗେଇବା ପାଇଁ ଏହି ଶିକ୍ଷା ଅନିବାର୍ଯ୍ୟ ହୋଇପଡ଼ିଛି। ମହାରାଷ୍ଟ୍ର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଓକେସିଏଲ ଦ୍ୱାରା ଦିଆଯାଉଥିବା କମ୍ପ୍ୟୁଟର ଶିକ୍ଷା ଉନ୍ନତମାନର ଓ ଏହାର ସାର୍ଟିଫିକେଟ ସମସ୍ତ କ୍ଷେତ୍ରରେ ଗ୍ରହଣୀୟ ହେଉଥିବାରୁ ଏଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ସଂସ୍ଥାର ପରିଚାଳକ ଆଶିଷ କୁମାର ଦାସଙ୍କ ସମେତ ସାମାଜିକ କର୍ମୀ ସରିତ ମହାପାତ୍ର, ସହଯୋଗୀ ମାନସ କୁମାର ଦାସ ଓ କେଦାରନାଥ ସାହୁ ଉପସ୍ଥିତ ଥିଲେ।



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଲୁଣା ନଦୀ ପାର୍ଶ୍ୱ ବଉଳପଡ଼ା,କନ୍ତକୁମାରପଡ଼ା ଆଦି ସ୍ଥାନରେ ବେଆଇନ ଇଟାଭାଟି ସଂଖ୍ୟା ବୃଦ୍ଧି ପାଉଥିବା ଅଭିଯୋଗ ହୋଇଥିଲା । କେତେକ ସ୍ଥାନରେ ଇଟା ତିଆରି କରି ଶୁଖାଯାଇଛି । ସେହି କଞ୍ଚାଇଟା ଶୁଖିବା ପରେ ଭାଟିରେ ପୋଡ଼ିବା ପାଇଁ ବ୍ୟବସ୍ଥା ଚାଲିଛି । ଏ ସଂକାନ୍ତରେ ଖବର ପାଇବା ପରେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ମହାକାଳପଡା ଅଗ୍ନିଶମ ବାହିନୀଙ୍କ ସହାୟତାରେ ସେହି କଞ୍ଚା ଇଟାକୁ ପାଣି ମାଡ଼ କରି ନଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ( ଫଟୋ – ପ୍ରତାପ)

# ମାଟ୍ରିକ୍ ପ୍ରଶ୍ନପତ୍ରରେ ତ୍ରୁଟିକୁ ନେଇ ଅସନ୍ତୋଷ

## ଚିନ୍ତାରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ

ଜଗତ୍‌ସିଂହପୁର ଅଫିସ, ୧୮।୩

ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ଓଡିଶା ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗତ ୧୦ ତାରିଖରୁ ଆରମ୍ଭ ହୋଇଛି। ଶନିବାର ଏହାର ସାମାଜିକ ବିଜ୍ଞାନ ପରୀକ୍ଷାରେ ତ୍ରୁଟି ପରିଲକ୍ଷିତ ହୋଇଛି। ବି ସେଟ୍ ପ୍ରଶ୍ନପତ୍ରରେ ଏ ସେଟ୍ ପ୍ରଶ୍ନ ସାଙ୍ଗକୁ ୫୦ ପ୍ରଶ୍ନ ପରିବର୍ତ୍ତେ ୪୯ଟି ଥିବା ଦେଖିବାକୁ ମିଳିଛି। ଏନେଇ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ମହଲରେ ଚିନ୍ତା ପ୍ରକଟ କରାଯାଇଛି। ବିଏସ୍‌ଇ କର୍ତ୍ତୃପକ୍ଷ ଓ ବିଭାଗୀୟ ମନ୍ତ୍ରୀ ଏଭଳି ତ୍ରୁଟିକୁ ସ୍ୱୀକାର କରିବା ସହ ପିଲାମାନେ ଆଦୌ ବିବ୍ରତ ନ ହେବା ପାଇଁ ଆଶ୍ୱାସନା ଦେଇଛନ୍ତି। କିନ୍ତୁ ଏହି ତ୍ରୁଟି ବାବଦ ଗ୍ରେସ୍ ମାର୍କ ମିଳିବ କି ନାହିଁ ତାହା ସ୍ପଷ୍ଟ କରାଯାଇନାହିଁ। ଏନେଇ ଛାତ୍ରୀଛାତ୍ରମାନେ ଦ୍ୱନ୍ଦ୍ୱରେ ଥିବା କହିଛନ୍ତି।

ଶନିବାର ସାମାଜିକ ବିଜ୍ଞାନ ପରୀକ୍ଷା ନିମନ୍ତେ ପୂର୍ବ ସ୍ଥିରୀକୃତ ନିଷ୍ପତ୍ତି ଅନୁଯାୟୀ ୪ ସେଟ୍ (ଏ, ବି, ସି ଓ ଡି) ପ୍ରଶ୍ନପତ୍ର ଜଗତ୍‌ସିଂହପୁର ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ପରୀକ୍ଷା ଆରମ୍ଭ ହେଲାପରେ ବି ସେଟ୍‌ର ଅବ୍‌ଜେକ୍ଟିଭ୍ ପ୍ରଶ୍ନପତ୍ରରେ ଏ ସେଟ୍ ଲେଖାଥିବା ପାଖାପାଖି ୨୧ଟି ପର୍ଯ୍ୟନ୍ତ ପ୍ରଶ୍ନ ସଂଲଗ୍ନ ଥିବା ନଜରକୁ ଆସିଥିଲା। କେବଳ ଏତିକି ନୁହେଁ, ୧ ମାର୍କିଆ ଅବ୍‌ଜେକ୍ଟିଭ୍ ପ୍ରଶ୍ନପତ୍ରରେ ମୋଟ ୫୦ଟି ପ୍ରଶ୍ନ ରହିବା ପରିବର୍ତ୍ତେ ୪୯ଟି ଥିଲା। ପରୀକ୍ଷାର୍ଥୀମାନେ ଏ ସମ୍ପର୍କରେ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ଦୃଷ୍ଟିକୁ ଆଣିଥିଲେ। ଏ ନେଇ ଆଦୌ ବିବ୍ରତ ନ ହେବା ପାଇଁ କୁହାଯିବା ସହ ଏହା ଉପରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପିଲାମାନଙ୍କୁ ବୁଝାଯାଇଥିଲେ ସୁଦ୍ଧା ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଏ ସମ୍ପର୍କରେ କେତେଜଣ ଛାତ୍ରୀଛାତ୍ର କହିଛନ୍ତି, ବି ସେଟ୍ ପ୍ରଶ୍ନପତ୍ର ଭିତରେ ଏ ସେଟ୍ ଲେଖାଥିବା କେତୋଟି ପୃଷ୍ଠା ରହିଥିଲା। ଏସବୁ ପୃଷ୍ଠାରେ ଏକାଧିକ ପ୍ରଶ୍ନ ଏ ସେଟ୍‌ର ଥିବାରୁ ସେମାନେ ଅଡୁଆରେ ପଡିଥିଲେ। ଜଗତ୍‌ସିଂହପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ଷଡ଼ଙ୍ଗୀ ଓ ବିଦ୍ୟାମନ୍ଦିର ପ୍ରମୁଖ ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରତିକ୍ରିୟାରେ କହିଛନ୍ତି, ବିଦ୍ୟାମନ୍ଦିରର ୧୩୨ ଜଣ ପିଲା ବଡ଼ବାଗସ୍ଥିତ ବୃନ୍ଦାବନ ଚନ୍ଦ୍ର ବିଦ୍ୟାପୀଠରେ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ଶନିବାର ପ୍ରଶ୍ନପତ୍ରରେ ତ୍ରୁଟି ଯୋଗୁ ପିଲାମାନେ ବିଚଳିତ ହୋଇ ପଡିଛନ୍ତି। ତେଣୁ ବୋର୍ଡ କର୍ତ୍ତୃପକ୍ଷ ପିଲାମାନଙ୍କୁ ଏଥିପାଇଁ ଗ୍ରେସ୍ ମାର୍କ ଦେବା ଉଚିତ।

### ଜିଲାରେ ଯୁବ ବିଜେଡିକୁ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ

ବାଲିକୁଦା,୧୮।୩ (ସ୍ୱ. ପ୍ର.)

ବାଲିକୁଦା ଏରସମା ଯୁବ ସଂଗଠକ ତଥା ଜିଲା ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବିଜେଡିର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଯୁବ ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ମୁଖ୍ୟବକ୍ତା ଭାବେ ଜଗତସିଂହପୁର ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ସମ୍ମାନିତ ଅତିଥିଭାବେ ରାଜ୍ୟ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ରାଜ୍ୟ ବିଜେଡି ମିଡିଆ ସେଲ୍ ମୁଖ୍ୟ ସ୍ୱୟଂ ପ୍ରକାଶ ମହାପାତ୍ର, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରି ସଭାପତି ଦୁର୍ଗି ମାର୍ଥା ଓ ବୈକୁଣ୍ଠ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାରେ ଯୁବ ବିଜେଡିକୁ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ ହୋଇଥିଲା। ଆଗକୁ ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ରଙ୍କ ନେତୃତ୍ୱରେ ଅଧିକରୁ ଅଧିକ ଯୁବ କାର୍ଯ୍ୟକର୍ତ୍ତାଙ୍କୁ ବିଜେଡିରେ ସାମିଲ କରାଯିବ। ଏଥିସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ବୈଠକରେ ସ୍ଥିର ହୋଇଥିଲା। ଜୀବନବିନ୍ଦୁ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଭିସି ମାଧ୍ୟମରେ ରାଜ୍ୟ, ଜିଲା ଓ ବ୍ଲକସ୍ତରର ଅନେକ ଯୁବ ବିଜେଡି କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୋନାଲି


@ ଅରବିନ୍ଦ


@ ଅନାମ


@ ପ୍ରିୟାଂଶୁ


@ ସାର୍ଥକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜେଏସ୍‌ଡବ୍ଲ୍ୟୁ ପେଲେଟ ପ୍ଲାଣ୍ଟ ପାଇଁ ଭୂମି ପୂଜନ

- ରୋଜଗାର, ନିଯୁକ୍ତି ଉପରେ ଗୁରୁତ୍ୱ
- ସ୍ଥାନୀୟ ଅଞ୍ଚଳର ୪୧ ଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ

କୁଜଙ୍ଗ,୧୮।୩ (ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ, ନୂଆଗାଁ, ଗଡକୁଜଙ୍ଗ ପଞ୍ଚାୟତ ଅର୍ଥାତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ପେଲେଟ ପ୍ଲାଣ୍ଟ ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୩ ପଞ୍ଚାୟତର ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ଭୂମି ପୂଜନ କରାଯାଇଛି । ଉକ୍ତ ଉତ୍ସବରେ ନୂଆଗାଁ ସରପଞ୍ଚ ସୁଚିତ୍ରା ମନ୍ତ୍ରୀ ଯୋଗଦେଇ କହିଥିଲେ, ଜେଏସଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ପାନ ବରଜ ଦେବାପରେ ଜନସାଧାରଣ ବେଉସା ହରେଇ ବସିଛନ୍ତି । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ କର୍ତ୍ତୃପକ୍ଷ ପ୍ଲାଣ୍ଟରେ ସେମାନଙ୍କ ପାଇଁ ନିଯୁକ୍ତି ଓ ରୋଜଗାର ସୁବିଧା ଯୋଗାଇ ଦିଅନ୍ତୁ। ସେହିପରି ଢିଙ୍କିଆ ସରପଞ୍ଚ କିଶୋର ପରିଡା ଯୋଗଦେଇ କହିଥିଲେ, ଏଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲୋକେ ଚାହିଁ ବସିଥିଲେ। ଏହି ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଗଡକୁଜଙ୍ଗ ସରପଞ୍ଚ କବିତା ଦାସ, ସେଠାକାର ଗ୍ରାମବାସୀଙ୍କୁ ଶ୍ରମିକ ଭତ୍ତା ଯୋଗାଇ ଦେବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ସଭାପତି ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଭୁଷଣ ପାୱାର ଷ୍ଟିଲର ବରିଷ୍ଠ ଅଧିକାରୀ ତଥା ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲର ପ୍ରକଳ୍ପ ମୁଖ୍ୟ ଅନିଲ କୁମାର ସିଂହ ଯୋଗଦେଇ ବିଶ୍ୱର ସର୍ବ ବୃହତ ଇସ୍ପାତ ପ୍ରକଳ୍ପ ନିମନ୍ତେ ଏଠାରେ ଭୂମି ପୂଜା କରାଗଲା । ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଏହି ପ୍ରକଳ୍ପରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଓ ରୋଜଗାର ଉପରେ ଗୁରୁତ୍ୱ ଦିଆଯିବ ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ୪୧ ଜଣ ଡିପ୍ଲୋମା ଓ ଆଇଟିଆଇ ଭଳି ବୈଷୟିକ ଶିକ୍ଷାଧାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ଢିଙ୍କିଆ ଗ୍ରାମ୍ୟ ସୁରକ୍ଷା କମିଟିର ଉପଦେଷ୍ଟା ନିର୍ଭୟ ସାମନ୍ତରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ସାମାଜିକ କର୍ମୀ ତମିଲ ପ୍ରଧାନ, କମ୍ପାନୀର ବରିଷ୍ଠ ଅଧିକାରୀ ରଞ୍ଜନ କୁମାର ନାୟକ, ଧନଞ୍ଜୟ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକ ରୋଷଭୋଗ ବନ୍ଦକୁ ବିରୋଧ

## ଗୋରେଖନାଥ ପୀଠ

- ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ
- ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ରଘୁନାଥପୁର,୧୮।୩ (ଡି.ଏନ୍.ଏ.)


ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପରିଜାଙ୍କୁ ଅଭିଯୋଗପତ୍ର ପ୍ରଦାନ ପାଇଁ ଆସିଥିବା ଗ୍ରାମବାସୀ।

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ପୀଠରେ ୨୦୨୨ ଜୁଲାଇ ୧୯ରୁ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ମାନସିକ ରୋଷଭୋଗ ତଥା ପ୍ରସାଦ ବ୍ୟବସ୍ଥା ପୀଠ ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯାଇଛି। ୧୦୦ ବର୍ଷର ଏହି ପରମ୍ପରାକୁ ବନ୍ଦ କରି ଦିଆଯାଇଥିବାରୁ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶନିବାର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପରିଜାଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଭକ୍ତଙ୍କ ଭାବଧାରା ପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀଦିନରେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୂଜକ ଦିଲୀପ କୁମାର ପଣ୍ଡା କୁହନ୍ତି, ଦୀର୍ଘଦିନରୁ ରୋଷଭୋଗ ଭଳି ପ୍ରଚଳିତ ପରମ୍ପରାକୁ ବନ୍ଦ କରି ଭକ୍ତଙ୍କ ଭକ୍ତି ଭାବନା ପ୍ରତି କୁଠାରାଘାତ କରାଯାଇଛି। ଏହା ହିନ୍ଦୁଧର୍ମ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ମାନସ ଦାସ କହିଛନ୍ତି। ସେହିପରି ବୁଦ୍ଧିଜୀବୀ ସୁରେଶ ମଲ୍ଲ, ଭକ୍ତବତ୍ସଳ ବେହେରା, ମନୋରଞ୍ଜନ ଜେନା ଓ ସତ୍ୟବ୍ରତ ତ୍ରିପାଠୀ ପ୍ରମୁଖ ଅଧିକାରୀ ପରିଜାଙ୍କଠାରୁ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଚାହିଁଥିଲେ। ଏ ପ୍ରସଙ୍ଗରେ ପରିଜା କହିଥିଲେ, ଏହା ତାଙ୍କ କର୍ତ୍ତୃତ୍ୱରୁ ବାହାରେ ଏବଂ ଅଭିଯୋଗପତ୍ର କମିଶନରଙ୍କୁ ପ୍ରଦାନ କରାଯିବ। ପ୍ରଭୁଙ୍କ ଜନ୍ମୋତ୍ସବରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପେମେଣ୍ଟରେ ୩୦ ହଜାର ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଥିଲା। ଏଥିସହ ପୀଠ ପୁଷ୍କରଣୀର ପୁନରୁଦ୍ଧାର, ଚପଲ ଷ୍ଟାଣ୍ଡ, ଦର୍ଶନ ସମୟରେ ମହାପ୍ରଭୁଙ୍କ ଫାଟକ ଉନ୍ମୁକ୍ତ ରଖାଯିବା ସହ ବିବାହ ଓ ବ୍ରତ ଆଦିରେ ଲୋକଙ୍କୁ ଘର ଯୋଗାଇଦେବା ପାଇଁ ଅଭିଯୋଗକାରୀ ଦାବି କରିଥିଲେ। ଆସନ୍ତା ଗୁରୁବାର ମଧ୍ୟରେ ସେବକ, ଅଞ୍ଚଳବାସୀଙ୍କ ସହ ପ୍ରସାଦ ବ୍ୟବସ୍ଥା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ନିଷ୍ପତ୍ତି ଜଣାଇବାକୁ ପୀଠ ଉପଦେଷ୍ଟା ଦାୟିତ୍ୱରେ ଥିବା ପ୍ରଶାନ୍ତ ଭୂୟାଁ ଓ ସୁଶାନ୍ତ କୁମାର ଦାଶଙ୍କୁ ଅଧିକାରୀ ପରିଜା କହିଥିଲେ। ଅଭିଯୋଗପତ୍ର ପ୍ରଦାନବେଳେ ବିନି ସାମନ୍ତରାୟ, ଅନୁରାଧା ମହାନ୍ତି, କ୍ଷୀରବାଳା ଦାସ, ସୁଲୋଚନା ଦାସ, ସବିତା ଗୁରୁ, ବାସନ୍ତୀ ଦାସ, କଣ୍ଢେଇ ଦାସ, ସବିତା ଦାସଙ୍କ ସହ ଅନ୍ୟ ମହିଳାମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦଶପଲ୍ଲାରେ ଝଡ଼ତୋଫାନ

ଦଶପଲ୍ଲା,୧୮।୩(ଡି.ଏନ୍.ଏ.)
ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଝଡ଼ ତୋଫାନ ସହ ପ୍ରବଳ ବର୍ଷା ହୋଇଛି। ଏଥିରେ ବହୁ ଗଛ ଭାଙ୍ଗିଥିବା ଜଣାପଡ଼ିଛି। ଝଡ଼ ତୋଫାନ ଆରମ୍ଭରୁ ବିଦ୍ୟୁତ୍ ସରବରାହ କାଟି ଦିଆଯାଇଥିଲା। ରାତିସାଢ଼େ ୮ ଟା ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଅନ୍ଧାର ଘେରରେ ରହିଥିଲା। ଝଡ଼ ତୋଫାନରେ କୌଣସି କ୍ଷୟକ୍ଷତି ହୋଇଥିବା ଖବର ମିଳିନାହିଁ।

### କାର୍‌କୁ ଧକ୍କା ଦେଇଥିବା ପିକ୍‌ଅପ୍ ଜବତ

ଦଶପଲ୍ଲା,୧୮।୩(ଡି.ଏନ୍.ଡି.)
ଦଶପଲ୍ଲାରେ ଶନିବାର ସନ୍ଧ୍ୟାରେ ସରିଜ ଦୁର୍ଘଟଣା ଘଟିଛି। ଗଣିଆରୁ ଦଶପଲ୍ଲା ଅଭିମୁଖେ ଆସୁଥିବା ଏକ ପିକଅପ୍ ଭ୍ୟାନ ଘୋଳାହାଣ୍ଡିଠାରେ ଉଦୟନାଥ ସ୍ୱାଇଁ ନାମକ ଜଣେ ବୃଦ୍ଧଙ୍କୁ ଧକ୍କା ଦେଇ ଖସି ପଳାଇଥିଲା। ପରେ ମଧଖଣ୍ଡଠାରେ ରାସ୍ତା କଡ଼ରେ ରଖାଯାଇଥିବା ଏକ କାରକୁ ଧକ୍କା ଦେଇଥିଲା । ଖବର ପାଇ ମଧଖଣ୍ଡ ଫାଣ୍ଡି ପୋଲିସ ପିକ୍‌ଅପ୍‌କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ଖସିଯାଇଥିଲା। ପୋଲିସ ଏହି ଗାଡ଼ିକୁ ପିଛା କରି ଠାବ କରିଥିଲା। କିନ୍ତୁ ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଧକ୍କାରେ ଉଦୟନାଥ ଆହତ ହୋଇଛନ୍ତି। କାରକୁ ଧକ୍କା ଦେବା ଫଳରେ ଖୋର୍ଦ୍ଧା ଅଞ୍ଚଳର ରାଜୀବ ଗିରି ନାମକ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଦଶପଲ୍ଲା,୧୮।୩(ଡି.ଏନ୍.ଏ.)
ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପଥୁରିଆ ଗାଁରେ ଶନିବାର ଜଣେ ବୃଦ୍ଧ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି । ସେହେଲେ ଭୋଳେଶ୍ୱର ବେହେରା (୬୦)। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଭେଳେଶ୍ୱର ସକାଳେ ଗାଁ ନିକଟ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି ।

### ସ୍ପେଶାଲ ଟ୍ରେନ୍ ଟ୍ରାକ୍‌ରୁ ଖସିଲା

ନୟାଗଡ଼ ଅଫିସ,୧୮।୩
ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳପଥର ନୟାଗଡ଼ ଟାଉନ ଷ୍ଟେଶନ ପାଖରେ ଇଞ୍ଜିନିୟରିଂ ସ୍ପେଶାଲ ଟ୍ରେନ୍ ଟ୍ରାକ ଉପରେ ଗେଟି ଓ ପଥର ପକାଉଥିବାବେଳେ ଶନିବାର ମଧାହ୍ନ ସାଢ଼େ ୧୨ଟାରେ ଟ୍ରାକରୁ ଖସି ପଡିଥିଲା । ଖୋର୍ଦ୍ଧାରୋଡ଼ରୁ ଏକ ସ୍ୱତନ୍ତ୍ର ମେଶିନ ଆସିବା ପରେ ଅପରାହ୍ନ ୪.୫୦ରେ ଟ୍ରେନକୁ ଟ୍ରାକ୍‌ରୁ କଢ଼ା ଯାଇଥିଲା।

### ମାଟ୍ରିକ ପ୍ରଶ୍ନପତ୍ରରେ ତ୍ରୁଟି

ପାରଳାଖେମୁଣ୍ଡି, ୧୮।୩ (ଡି.ଏନ୍.ଏ)
ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ସାମାଜିକ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ପରୀକ୍ଷାରେ ୫୦ଟି ପ୍ରଶ୍ନ ବଦଳରେ ୪୯ଟି ପ୍ରଶ୍ନ ରହିଥିବା ବେଳେ ୧୮ଟି ପ୍ରଶ୍ନ ଏକାଧିକ ଥର ରହିଥିବା ଅଭିଯୋଗ ଆସିଛି।

# ଆଲୋକମାଳାରେ ଝଲସିବ ସରକାରୀ କାର୍ଯ୍ୟାଳୟ

ନୟାଗଡ଼ ଅଫିସ,୧୮।୩


ପ୍ରସ୍ତୁତି ବୈଠକରେ ବିଧାୟକ ଓ ଜିଲାପାଳଙ୍କ ସମେତ ପ୍ରସାଶନିକ ଅଧିକାରୀ

ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷରେ ଓଡ଼ିଶା ଦିବସ ଓ ନୟାଗଡ ପ୍ରତିଷ୍ଠା ଦିବସ ଅବସରରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁସାରେ ଟାଉନ ଥାନା ପାଖ ଖେଳ ପଡ଼ିଆରେ ଓଡ଼ିଶା ଦିବସ ଓ ନୟାଗଡ଼ ପ୍ରତିଷ୍ଠା ଦିବସ ପାଳନ ହେବ। ୨ ଦିନ ଧରି ଉତ୍ସବକୁ ପାଳନ କରାଯିବ। ସରକାରୀ ନିର୍ଦ୍ଦେଶକୁ ଯେଉଁ ଅଧିକାରୀ ଅଣଦେଖା କରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏନେଇ ଜିଲାପାଳ ଏକ ଟ୍ୟାକ୍ସ ଫୋର୍ସ ଗଠନ କରିବେ। ଏହି ଟ୍ୟାକ୍ସଫୋର୍ସ ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳ ବୁଲି କେଉଁ ଅଫିସରେ ଆଲୋକମାଳା ବ୍ୟବହାର ହୋଇନି ସେ ଉପରେ ଏକ ରିପୋର୍ଟ ଦେବ । ରିପୋର୍ଟକୁ ଅନୁଧାନ କରି ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସେହିପରି ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିଗତଭାବେ ଓ ପ୍ରଶାସନ ପକ୍ଷରୁ ମଧ କେକ୍ କାଟି ଜିଲା ପ୍ରତିଷ୍ଠା ଦିବସକୁ ଧୁମ୍‌ଧାମରେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ସୁବାଶ ଚନ୍ଦ୍ର ରାୟ, ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ମହାନଦୀ ବନ୍ୟପ୍ରାଣୀ ଡିଭିଜନ ବନଖଣ୍ଡ ଅଧିକାରୀ ଫାଲଗୁନି ସାରଥି ମଲ୍ଲିକ, ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ, ଉପଜିଲାପାଳ ଶକ୍ତିକାନ୍ତ ରାୟ ପ୍ରମୁଖ ଯୋଗଦେଇଥିଲେ । ଦୁଇ ଦିବସ ପାଇଁ ନୟାଗଡ଼ ସହରାଞ୍ଚଳରେ ପ୍ରତି ଘରକୁ ଦିପାବଳୀ ପରି ଆଲୋକମାଳାରେ ସଜାଇବାକୁ ଅନୁରୋଧ କରାଯାଇଛି। ଏଥିପାଇଁ ମ୍ୟୁନିସପାଲିଟି ପକ୍ଷରୁ ସଚେତନତା ସୃଷ୍ଟି କରାଯିବ। ଓଡ଼ିଶା ଦିବସ ପାଳନ ଅବସରରେ ପ୍ରତିଯୋଗିତା ଆୟୋଜନ କରିବାକୁ ଜିଲାଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ଦିବସରେ ସକାଳେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହେବ ଏବଂ ସନ୍ଧ୍ୟାରେ ସଭା ହେବ। ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ତେବେ କେଉଁ କେଉଁ ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ସେନେଇ ଉପଜିଲପାାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। କମିଟିର ନିଷ୍ପତ୍ତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏଥିରେ ବିଭିନ୍ନ ବ୍ଲକର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ସହରାଞ୍ଚଳର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ଜିଲାସ୍ତରୀୟ ଅଧିକାରୀ ଓ ଖବରଦାତା ଯୋଗଦେଇଥିଲେ। ପ୍ରକାଶଥାଉକି, ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ସାଧାରଣ ଲୋକଙ୍କ ବିକାଶଧାରକୁ ତ୍ୱରାନ୍ୱିତ କରିବା ପାଇଁ ବଡ଼ ବଡ଼ ଜିଲାକୁ ଭାଗ କରି ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଗଠନ କରିଥିଲେ ୧୩ରୁ ୩୦ଜିଲା । ୧୯୯୩ ଏପ୍ରିଲ ୨ରେ ପୁରୀ ଜିଲାରୁ ପୃଥକ ହୋଇ ନୟାଗଡ଼ ଜିଲା ପ୍ରତିଷ୍ଠା ହୋଇଥିଲା । ଏହା ପରଠାରୁ ଏପ୍ରିଏ ୨ରେ ଜିଲା ପ୍ରତିଷ୍ଠା ଦିବସ ପାଳନ ହୋଇ ଆସୁଛି। ଏପରିକି ଜିଲା ପ୍ରତିଷ୍ଠା ଦିବସ ସହ ଜିଲା ମହୋତ୍ସବ ହୋଇ ଆସୁଥିଲା। ପରେ ପୃଥକ ହୋଇ ଜିଲା ମହୋତ୍ସବ ଡିସେମ୍ବର ୨୦ରେ ଅନୁଷ୍ଠିତ ହେଉଛି । ଅନ୍ୟପକ୍ଷେ ଏପ୍ରିଲ ୧ ଓଡ଼ିଶା ଦିବସ ରୂପେ ରାଜ୍ୟର ସବୁ ଜିଲାରେ ପାଳନ ହେଉଛି ।

**ଓଡ଼ିଶା ଦିବସ,ନୟାଗଡ଼ ପ୍ରତିଷ୍ଠା ଦିବସ ପ୍ରସ୍ତୁତି**
- ସରକାରୀ ନିର୍ଦ୍ଦେଶକୁ ଅଣଦେଖା କଲେ କାର୍ଯ୍ୟାନୁଷ୍ଠାନ
- ଟ୍ୟାସ୍କଫୋର୍ସ ଅନୁଧାନ କରି ଜିଲାପାଳଙ୍କୁ ଦେବ ରିପୋର୍ଟ
- କେକ୍ କାଟି ଜିଲା ପ୍ରତିଷ୍ଠା ଦିବସକୁ ପାଳନ କରାଯିବ

# ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା

ଖଣ୍ଡପଡ଼ା,୧୮।୩(ସ୍ୱ.ପ୍ର.)


କର୍ମଶାଳାରେ ଯୋଗଦେଇଥିବା ସମବାୟ ବ୍ୟାଙ୍କର କର୍ମକର୍ତ୍ତା ।

ରାଜ୍ୟର ବିକାଶ କ୍ଷେତ୍ରରେ ସମବାୟ ବ୍ୟାଙ୍କଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିଛି । କୃଷକ ଓ ଦୁର୍ବଳ ଶ୍ରେଣୀର ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ ବିକାଶରେ ସ୍ୱାବଲମ୍ବୀ କରିବା ସମ୍ପ୍ରତି ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁର, ବୋଦସା, ସିଧାମୂଳା ଆଦି ସେବା ସମବାୟ ସମିତି ପକ୍ଷରୁ ଆୟୋଜିତ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଶନିବାର ଅପରାହ୍ନରେ କଣ୍ଟିଲୋ ସେବା ସମବାୟ ସମିତି ପକ୍ଷରୁ ସ୍ଥାନୀୟ କଂସା ପିତଳ ବ୍ୟାଖାନ କେନ୍ଦ୍ର ପରିସରରେ ସମିତିର ସଭାପତି ମାଧବ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଚାଷୀମାନଙ୍କୁ ସମବାୟ ବ୍ୟାଙ୍କ ଓ ପ୍ରାଥମିକ କୃଷି ଋଣ ସମବାୟ ସମିତିଗୁଡିକ ଦ୍ୱାରା ମଧ୍ୟମ ଓ ଦୀର୍ଘ ମିଆଦି କୃଷି ଋଣ ଯଥା କ୍ଷୁଦ୍ର ଜଳସେଚନ ,ଉଦ୍ୟାନ କୃଷି, ଗୋପାଳନ,ଫାର୍ମ ମେକାନିଜିମ ଓ ପମ୍ପସେଟ ଆଦି ନିମନ୍ତେ ଋଣ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅପରପକ୍ଷେ ନିୟମିତ ଋଣ ପୈଠକରୁଥିବା ଚାଷୀମାନଙ୍କୁ ସରକାରଙ୍କ ଦ୍ୱାରା ସୁଧ ରିହାତି ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଉପମା ବେହେରା, ସମ୍ମାନୀତ ଅତିଥି ଭାବେ ବ୍ଲକ ଅପାଧ୍ୟକ୍ଷ ଶିଶିର କୁମାର ସାହୁ, ଖଣ୍ଡପଡ଼ା ସମବାୟ ବ୍ୟାଙ୍କର ଶାଖା ପରିଚାଳକା ସୁଶ୍ରୀ ସଙ୍ଗୀତା ବେହେରା, ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସଞ୍ଜୟ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ସରକାର ବିନା ସୁଧରେ ୧ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଋଣ ଦେବା, ଯୁଗ୍ମ ଦେୟ ଗୋଷ୍ଠୀ ଓ ସ୍ୱୟଂ ସହାୟିକ ଗୋଷ୍ଠୀ ଜରିଆରେ ଭୂମିହୀନ ଚାଷୀ ତଥା ଭାଗଚାଷୀମାନଙ୍କୁ ବିନା ସୁଧ ଓ ସହଜ ସୁଧରେ କୃଷି ଋଣ ଯୋଗାଇ ଦେବା ସହ ସହଜରେ ବ୍ୟାଙ୍କ ସେବା ଯୋଗାଇ ଦେବା ସମ୍ପର୍କରେ ଉପସ୍ଥିତ କୃଷକ, ଓ ଉପଭୋକ୍ତାମାନଙ୍କୁ ଅବଗତ କରିଥିଲେ । ଅନ୍ୟତମ ଅତିଥି ଭାବେ କଣ୍ଟିଲୋ ସେବା ସମବାୟ ସମିତି ଉପସଭାପତି ବାସନ୍ତୀ ବେହେରା, ସମିତି ସଭ୍ୟଙ୍କ ପ୍ରତିନିଧି ସରୋଜ କୁମାର ସାହୁ ଯୋଗ ଦେଇଥିଲେ ଏହି ଅବସରରେ ସମବାୟବିତ୍ ଶରତ ଚନ୍ଦ୍ର ମହାରଣା ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଚାଷୀ ପ୍ରମୋଦ କୁମାର ବେହେରା ଋଣ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି କର୍ମଶାଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ୫୦ରୁ ଉର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ବିଭୂ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯନ୍ତ୍ରୀଙ୍କ ବିରୋଧରେ ସଫେଇ କର୍ମୀଙ୍କ ଆନ୍ଦୋଳନ


ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀଙ୍କ ପ୍ରତିବାଦ।

ବେଗୁନିଆପଡ଼ା,୧୮।୩

ଗଞ୍ଜାମ ଜିଲା କୋଦଳା ଏନ୍‌ଏସିରେ ସଫେଇ କର୍ମଚାରୀଙ୍କୁ ବେଆଇନ କାର୍ଯ୍ୟ କରିବାକୁ ବିଭାଗୀୟ ଯନ୍ତ୍ରୀ ବାଧ କରୁଥିବା ଅଭିଯୋଗ ହୋଇଛି। ବିଭାଗୀୟ ଯନ୍ତ୍ରୀ ଚନ୍ଦ୍ର ମାରାଣ୍ଡି ଠିକ୍ ସମୟରେ ଦରମା ଦେଉନଥିବା ଏବଂ କାର୍ଯ୍ୟ ବନ୍ଦ କରିଦିଅ ବୋଲି କହିବା ଅଭିଯୋଗ କରି ଶନିବାର ସଫେଇ କର୍ମଚାରୀମାନେ କୋଦଳା ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ଗୋଟିଏ ପଟେ ସଫେଇ କର୍ମଚାରୀମାନଙ୍କୁ ଇପିଏଫ୍ ଟଙ୍କା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ ନାହିଁ। ବିଭାଗୀୟ ଯନ୍ତ୍ରୀ, ସୁପରଭାଇଜର ବେଆଇନ କାର୍ଯ୍ୟ କରିବାକୁ ବାଧ କରୁଥିବା କହିଛନ୍ତି ସଫେଇ କର୍ମଚାରୀ। ଏ ନେଇ ଏକ ଲିଖିତ ଅଭିଯୋଗ କାର୍ଯ୍ୟନିର୍ବାହୀ ଅଧିକାରିଣୀ ତଥା ତହସିଲଦାର ସସ୍ମିତା ଶତପଥୀଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିବା ବେଳେ ଘଟଣାର ତଦନ୍ତ ପାଇଁ ଦାବି କରିଛନ୍ତି ସଫେଇ କର୍ମଚାରୀ।

# ଖଟୁଆକୁଦା ଆକ୍ରମଣ ଘଟଣା, ୭ ଗିରଫ

ଗଞ୍ଜାମ,୧୮।୩(ଡି.ଏନ୍.ଏ.)

ରମ୍ଭା ଥାନା ହୁମା ଫାଣ୍ଡି ଅନ୍ତର୍ଗତ ଖଟୁଆକୁଦା ଗ୍ରାମର ସୁବ୍ରତ ସାହୁଙ୍କୁ ଗତ ମଙ୍ଗଳବାର ସେହି ଗ୍ରାମର କିଛି ବ୍ୟକ୍ତି ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ରମ୍ଭା ପୋଲିସ ନଂ. ୯୬/୨୩ ଅନୁଯାୟୀ ୭ ଜଣଙ୍କୁ ଗିରଫ କରିଛି।

ହୁମା ଫାଣ୍ଡି ପୋଲିସ ସୂଚନାନୁଯାୟୀ, ଗତ କିଛି ବର୍ଷ ହେବ ଗୁଣି ସନ୍ଦେହରେ ସୁବ୍ରତଙ୍କୁ ଗ୍ରାମବାସୀ ଏକଘରିଆ କରିବା ସହ ଗ୍ରାମରୁ ବାସନ୍ଦ କରିଥିଲେ। ପଞ୍ଚୁଦୋଳ ଯାତ୍ରା ପୂର୍ବରୁ ଗାଁରେ ଥିଲେ ସୁବ୍ରତ। ବାସନ୍ଦ ପରେ ସୁବ୍ରତ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ପ୍ରାୟ ସମୟରେ ଗାଳିଗୁଲଜ କରିବା ଯୋଗୁ ଗ୍ରାମସଭାରେ ତାଙ୍କୁ ଜରିମାନା ଦେବାକୁ ନିଷ୍ପତ୍ତି ହୋଇଥିଲା। ସେ ଜରିମାନା ଦେବେନାହିଁ କହି ସଭାରୁ ଚାଲି ଯାଇଥିଲେ ଏବଂ ପୁଣି ଗାଳିଗୁଲଜ କରିଥିଲେ। ଠାକୁର ଗାଁକୁ ଫେରିବା ପରେ ଗ୍ରାମର ଭଦ୍ରବ୍ୟକ୍ତି ସୁବ୍ରତଙ୍କୁ କାହିଁକି ଗାଳି କରୁଛ ବୋଲି ପଚାରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହେବା ସହ ଗ୍ରାମର କେତେଜଣ ସୁବ୍ରତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆହତଙ୍କ ପକ୍ଷରୁ ୧୨ ଜଣଙ୍କ ନାମରେ ଏତଲା ଦିଆଯାଇଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ମଧ ତିନି ଜଣଙ୍କ ନାମରେ ପାଲଟା ଏତଲା ଦିଆଯାଇଛି। ଗୁରୁତର ଆହତ ସୁବ୍ରତ ଏବେ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି ବୋଲି ହୁମା ଫାଣ୍ଡି ପୋଲିସ ସୂଚନା ଦେଇଛି।

# ଖମ୍ବେଶ୍ୱରୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଆସିକା,୧୮।୩ (ଡି.ଏନ.ଏ)


ଶୁଭଖୁଣ୍ଟି ସ୍ଥାପନ ଅବସରରେ ପୂଜକଙ୍କ ସମେତ ଶ୍ରଦ୍ଧାଳୁ।

ଆସିକାର ଆରାଧ୍ୟ ଦେବୀ ମା ଖମ୍ବେଶ୍ୱରୀଙ୍କ ବାର୍ଷିକ ବୈଶାଖୀ ଯାତ୍ରା ଏପ୍ରିଲ ୩୦ ତାରିଖରେ ଅନୁଷ୍ଠିତ ହେବ। ଏହି ଯାତ୍ରା ଲାଗି ଶନିବାର ମନ୍ଦିର ବେଢା ଭିତରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପାରମ୍ପରିକ ପୂଜାବିଧି ପରେ ମନ୍ଦିର ପରିଚାଳନା ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମିଟି ସଭାପତି ନିମାଇ ଚରଣ ପାଣିଗ୍ରାହୀ, ମୁଖ୍ୟପୂଜକ ମନୋଜ କୁମାର ମୁନିଙ୍କ ସମେତ ପରିଚାଳନା କମିଟିର ସଦସ୍ୟ, ମନ୍ଦିର ପୂଜକ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏପ୍ରିଲ ୬ ତାରିଖ ଚୈତ୍ର ପୂର୍ଣ୍ଣିମାଠାରୁ ପ୍ରତ୍ୟହ ସନ୍ଧ୍ୟାରେ ଦେବୀଙ୍କ ବିଜେ ପ୍ରତିମାକୁ ବାଦ୍ୟବାଜଣା ପଟୁଆର ସହ ନଗର ପରିକ୍ରମା କରାଯିବ। ୩୦ ତାରିଖ ଦିନ ଏନ୍‌ଏସି ଅଫିସ ନିକଟରେ ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ସ୍ଥାପନା କରାଯାଇ ଶ୍ରଦ୍ଧାଳୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷକୁ ଯାତ୍ରାକୁ ଅଧିକ ଆକର୍ଷଣ କରିବା ଲାଗି ୨୬ ତାରିଖରୁ ୫ ଦିନ ଯାଏ ବିଭିନ୍ନ ପ୍ରକାର ନୃତ୍ୟ ସଙ୍ଗୀତ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିବା ପରିଚାଳନା କମିଟିର ସଭାପତି ସ୍ୱାଇଁ ସୂଚନା ଦେଇଛନ୍ତି।

# ଜଙ୍ଗଲ ପୋଡ଼ି ପରେ ଗାଁ ମୁହାଁ ହେଲେ ହାତୀପଲ

ନୂଆଗାଁ,୧୮।୩(ଡି.ଏନ୍.ଏ.)


ହାତୀ ପଲ ନଷ୍ଟ କରିଥିବା କଦଳୀ ବଗିଚା

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲ ପାହାଡ଼ରେ ନିଆଁ ଲାଗି ଛାରଖାର ହୋଇଯାଇଛି । ଖାଦ୍ୟ ଆଶାରେ ୬ଟି ହାତୀ ଗାଁ ମୁହାଁ ହୋଇ ଶୁକ୍ରବାର ଅନେକ ସ୍ଥାନରେ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି ।

ମହିପୁର ବନାଞ୍ଚଳର ଚତୁଃପାର୍ଶ୍ୱରେ ଥିବା ପାଲଭା, ହାତୀମୁଣ୍ଡା ଆସି ଅନେକ ଜଙ୍ଗଲ ପାହଡ଼ରେ ନିଆଁ ଲାଗିବା ଫଳରେ ଜଙ୍ଗଲ ପୋଡ଼ି ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି । ବନ ବିଭାଗ ତରଫରୁ ନିଆଁ ଲିଭାଇବା ପାଇଁ ପ୍ରଚେଷ୍ଟା କରାଯାଉଥିଲେ ମଧ ସେଥିରେ ବିଫଳ ହୋଇଥିବା ଦେଖିବାକୁ ମିଳିଛି । ଫଳରେ ଖାଦ୍ୟ ଆଶାରେ ହାତୀପଲ ଗାଁ ମୁହାଁ ହୋଇଥିବା ଦେଖିବାକୁ ମିଳିଛି। ଗୋଟିଏ ହାତୀପଲ ସାତ ଦିନ ହେଲା ଗାତେରୀ ଆଡ଼ିପଡ଼ା ଅଞ୍ଚଳରେ ରହୁଛି। ରାତି ହେଲେ ହାତୀ ପଲ ଗାଁ ନିକଟକୁ ଆସି ଲୋକମାନଙ୍କ ବାଡ଼ିରେ ପଶି କଦଳୀ ଗଛ ଭାଙ୍ଗିବା ସହ ବହୁ ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଆଡ଼ିପଡ଼ା ଗାଁର ଚୈତନ୍ୟ ନାୟକ ଓ ଅଖିଳ ନାୟକଙ୍କ ବାଡ଼ିରୁ ଅନେକ କଦଳୀ ଗଛ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସେହିପରି ଥୁଆବାରୀ ଗାଁର ହରିହର ସେଠୀଙ୍କ ବାଡ଼ିରେ ପଶି ଅନେକ କଦଳୀ ଗଛ ନଷ୍ଟ କରିଦେଇଥିବା ଦେଖିବାକୁ ମିଳିଛି। ତେବେ ସନ୍ଧ୍ୟା ହେଲେ ହାତୀପଲ ଗାଁ ମୁହାଁ ହେଉଥିବାରୁ ଗୋଟିଏ ପଟେ ଲୋକେ ଭୟରେ ଆତଙ୍କିତ। ଅନ୍ୟପଟେ ହାତୀ ନ ଘଉଡ଼ାଇଲେ ଫସଲ ଉଜୁଡ଼ି ଯିବାର ଭୟ ଲୋକଙ୍କୁ ଘାରିଛି । ହାତୀ ଘଉଡ଼ାଇବାରେ ସହଯୋଗ କରିବା ପାଇଁ ବନ କର୍ମଚାରୀଙ୍କୁ ଫୋନ କଲେ ମଧ ସେମାନେ ଫୋନ ଉଠାଉ ନାହାଁନ୍ତି। ଯାହା ଫଳରେ ନିଜ ଭାଗ୍ୟକୁ ଆଦରି ରହିଛନ୍ତି ଚାଷୀ । ଲୋକଙ୍କ ଜୀବନ ଓ ଫସଲର ସୁରକ୍ଷା ଦୃଷ୍ଟିରୁ ଗାଁ ମୁହଁ ହାତୀପଲକୁ ଘଉଡାଇବା , ବିପଦରେ ଥିବା ଲୋକଙ୍କ ଫୋନ ନ ଉଠାଇବା ବାବଦରେ ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁଙ୍କୁ ପଚାରିବାରେ ନା ନା ଉପାୟରେ ହାତୀ ଘଉଡାଇବାର ନିୟମ ନାହିଁ । ଆମେ କେବଳ ହାତୀଙ୍କ ଗତି ବିଧିକୁ ଲକ୍ଷ୍ୟ କରିବୁ । ହାତୀ ଯଦି ଫସଲ ନଷ୍ଟ କରିଛି ଆମେ କ୍ଷତି ପୂରଣ ଦେବୁ । ଲୋକମାନେ ଫୋନ କରିବା ସମୟରେ କର୍ମଚାରୀମାନେ କାମରେ ବ୍ୟସ୍ତ ଥିବେ ତା'ହେଲେ ଫୋନ ଉଠାଇ ନ ଥିବେ ବୋଲି କହିଛନ୍ତି ରେଞ୍ଜର ସାହୁ ।

**ଫସଲ ନଷ୍ଟ କରୁଛି, ଲୋକେ ଆତଙ୍କିତ**

# ୧୭୬ ଜବ୍‌କାର୍ଡଧାରୀ ଶହେ ଦିନର କାମ ପାଇଛନ୍ତି

ଓଡ଼ଗାଁ,୧୮।୩(ସ୍ୱ.ପ୍ର.)



ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ଯୋଗ ଦେଇଥିବା ଅତିଥି ।

ସ୍ଥାନୀୟ ବ୍ଲକ ସଭାଗୃହରେ ଶନିବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) (୨୦୨୨-୨୩) ଓ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା (୨୦୧୬-୨୧) ପର୍ଯ୍ୟନ୍ତ କାର୍ଯ୍ୟ ଓ ପ୍ରକଳ୍ପଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ତଥା ଏମ୍‌ଜିଏନ୍‌ଆରଇଜିଏସ୍ ପ୍ରୋଗ୍ରାମ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ,ଜିଲା ପରିଷଦ ସଭ୍ୟା ଝିଲି ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷା ମୀରା ନାୟକ, ଲୋକପାଳ ଗିରିଶ ଚନ୍ଦ୍ର ଦାଶ,ଜିଲା ସାମାଜିକ ସମୀକ୍ଷକ ବିଜୟ ବଲିୟାର ସିଂ,ବ୍ଲକ ସାମାଜିକ ସମୀକ୍ଷକ ପ୍ରକାଶ ବଲିୟାର ସିଂ,ଅତିରିକ୍ତ ପ୍ରୋଗ୍ରାମ ଅଧିକାରୀ ବିଭୁ ପ୍ରସାଦ ସାଥୁଆ ସମୀକ୍ଷାରେ ଯୋଗ ଦେଇ ଅଂଶଗ୍ରହଣକାରୀ ଜନପ୍ରତିନିଧି, ଗ୍ରାମରୋଜଗାର ସେବକ,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ,ଭିଲେଜ ରିସୋର୍ସ ପର୍ସନ ସହିତ ଜବ୍‌କାର୍ଡଧାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖିଥିଲେ। ବ୍ଲକର ମୋଟ ଜବ୍‌କାର୍ଡଧାରୀଙ୍କ ସଂଖ୍ୟା ୨୯୪୮୪ ଥିବାବେଳେ ସେଥିମଧ୍ୟରୁ ୧୭୩୭୮ ଜବ୍‌କାର୍ଡ କ୍ରିୟାଶୀଳ ଥିବା ଜଣାଯାଇଛି। ମୋଟ ପ୍ରକଳ୍ପ ସଂଖ୍ୟା ୬୨୭୨ରୁ ୫୩୫ଟିର କାର୍ଯ୍ୟ ସରିଥିବାବେଳେ ୨୦୭୦ର କାର୍ଯ୍ୟଚାଲୁ ରହିଛି ଏବଂ ୩୬୬୭ କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ । ଅର୍ଥ ମଞ୍ଜୁର ହୋଇଥିବା ୧୫ କୋଟିରୁ ୧୧ କୋଟି ୯୦ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ହୋଇଛି। ଚଳିତ ବର୍ଷ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ୭ ଲକ୍ଷ କାର୍ଯ୍ୟ ଦିବସ ମଧ୍ୟରୁ ଶତକଡ଼ା ୬୬ ଭାଗ ଯଥା ୪ ଲକ୍ଷ ୫୯ ହଜାର ୨୨୭ କାର୍ଯ୍ୟଦିବସ ଶେଷ ହୋଇଛି।

ସୂଚନାଯୋଗ୍ୟ, ଅଣକୁଶଳୀ କାରିଗରମାନଙ୍କୁ ନିଶ୍ଚିତ କର୍ମନିଯୁକ୍ତି ଦେବା ଦ୍ୱାରା ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ଏହାର ଉଦ୍ଦେଶ୍ୟ । ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ମାଧ୍ୟମରେ ୨୬୬ ପ୍ରକାରର କାର୍ଯ୍ୟ ସଂଲଗ୍ନ ହୋଇଥିବାବେଳେ ମାତ୍ର ୨୫ରୁ ୩୦ଟି କାର୍ଯ୍ୟ କରାଯାଉଛି। ଏବେ ଜଳ,ଜମି, ଜଙ୍ଗଲ,ମାଟି, ପବନ ନିମନ୍ତେ ଅର୍ଥବ୍ୟୟ ପାଇଁ ଗୁରୁତ୍ୱ ଦିଆଯାଉଛି। ବ୍ଲକ ହେଉ ବା ଅନ୍ୟ ବିଭାଗଗୁଡିକ ନିର୍ଦ୍ଧାରିତ ସମୟରେ ଠିକ ତଥ୍ୟ ନ ଦେଲେ ବିଳମ୍ବ କାରଣରୁ ସମ୍ପୃକ୍ତ ଅଧିକାରୀଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରିବାର ଅଛି। ବିଶେଷ କରି ବନ ବିଭାଗ କୌଣସି ସମୀକ୍ଷା ବୈଠକରେ ଅନୁପସ୍ଥିତ ରହୁଥିବା ନେଇ ପ୍ରଶ୍ନ ଉଠିଥିଲା। ଏନେଇ ଜିଲା ବନଖଣ୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଉନ୍ନୟନ ଅଧିକାରୀ ବିଡ଼ିଓଙ୍କୁ କହିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତରେ ନିର୍ମାଣ ଅଧାରେ ଅଟକି ରହିଥିବା ଘରଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଯଦି କେହି ନିର୍ମାଣ କରିବା ପାଇଁ ରାଜି ନ ହୁଅନ୍ତି ସେ ହିତାଧିକାରୀ ପ୍ରଥମ ହେଉ ବା ଦ୍ୱିତୀୟ, କିସ୍ତି ଅନୁସାରେ ନେଇଥିବା ଅର୍ଥ ଫେରସ୍ତ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିଷ୍ପତ୍ତି ଶୁଣାଇ ଦିଆଯାଇଥିଲା। କାର୍ଯ୍ୟାଦେଶ ନେବାର ୪ ମାସ ମଧ୍ୟରେ ଯେଉଁମାନେ ଗୃହ କାର୍ଯ୍ୟ ସାରିଛନ୍ତି ତାଙ୍କୁ ୨୦ ହଜାର ଓ ଯେଉଁମାନେ ୬ ମାସ ମଧ୍ୟରେ ଶେଷ କରିଛନ୍ତି ସେମାନଙ୍କୁ ୧୦ ହଜାର ଟଙ୍କା ଅତିରିକ୍ତ ପ୍ରୋତ୍ସାହନ ରାଶି ଖୁବ୍‌ଶୀଘ୍ର ଦେବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଉନ୍ନୟନ ଅଧିକାରୀ ତାଗିଦା କରିଥିଲେ।

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

# ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ଭିତ୍ତିପ୍ରସ୍ତର

**ଧର୍ମଶାଳା,୧୮।୩(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ୍ ଜାରକା ଜଳ ସମ୍ପଦ ବିଭାଗ ଅଧୀନ ଉତ୍ତରପ୍ରତାପ ପଞ୍ଚାୟତର କେଲୁଅ ନଦୀବନ୍ଧ ବାମପାର୍ଶ୍ୱରେ ଚାନ୍ଦମୋହିନୀଠାରୁ ନାଳକୂଳ ପର୍ଯ୍ୟନ୍ତ ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜାରକା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସବ୍ୟସାଚୀ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ଶୋଭନିକା ମହାନ୍ତି ଯୋଗଦେଇ କହିଥିଲେ, ଏହି କାମ ପାଇଁ ୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲାବେଳେ ଠିକାଦାରଙ୍କ ସହିତ ୪ କୋଟି ୬୩ ଲକ୍ଷ ଟଙ୍କାରେ ଚୁକ୍ତି କରାଯାଇଛି। ପରେ ମନ୍ତ୍ରୀ ସାହୁଙ୍କୁ ଜାରକାଠାରୁ ଧର୍ମଶାଳା ମହିଳା ବିଜେଡି ଏବଂ ବିଜେଡି ଗାର୍ଲସ ୱିଙ୍ଗ କର୍ମୀମାନେ ଏକ ସ୍କୁଟି ରାଲିରେ ଉତ୍ତରପ୍ରତାପ ପଞ୍ଚାୟତର ନରସିଂହପୁର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ୧୪ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ନରସିଂହପୁରର ଖେଳ ପଡିଆଠାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଯୋଗଦେଇ ସରକାରଙ୍କ ସଫଳତା ବର୍ଣ୍ଣନା କରିବା ସହିତ ଧର୍ମଶାଳାର ବିକାଶ ପ୍ରତି ତାଙ୍କର ଅବଦାନ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଧର୍ମଶାଳା ବିଧାୟକ ଯୋଗଦେଇ ୨୦୨୩-୨୪ ବର୍ଷରେ ଧର୍ମଶାଳାରେ ୨ ସେତୁ ପାଇଁ ସରକାରଙ୍କ ପକ୍ଷରୁ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି ବୋଲି କହିଥିଲେ। ସଭାରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତ ପ୍ରତିନିଧି ଓ ସାଧାରଣ ଜନତା ଯୋଗଦାନ ଦେଇଥିଲେ। ବିଜେଡି ନିର୍ବାଚନମଣ୍ଡଳି ସଭାପତି ଜଳଧର ସାହୁ ଧନ୍ୟବାଦ ଦେଇଥିଲେ।



ମନ୍ତ୍ରୀ ଟୁକୁନୀ ସାହୁଙ୍କ ଦ୍ୱାରା ନଦୀବନ୍ଧ ସୁଦୃଢ଼ୀକରଣର ଶିଳାନ୍ୟାସ କରାଯାଉଛି।

# ବରୀ ବ୍ଲକ୍ ସରପଞ୍ଚ ସଂଘର ସମ୍ବର୍ଦ୍ଧନା ସଭା

**ବରୀ,୧୮।୩(ଡି.ଏନ.ଏ.):**

ବରୀ ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ବରୀ ଡାକବଙ୍ଗଳାଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାସନିକ ଅଧିକାରୀ ଓ ଗଣମାଧମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ରମ୍ଭା ସରପଞ୍ଚ ମାନସ ଜେନା ସଭାପତିତ୍ୱ କରିଥିଲେ। ତହସିଲଦାର ତିଳୋତ୍ତମା ପୃଷ୍ଟି ଯୋଗଦେଇ ଗଣମାଧମ ଯେଉଁ ଖବର ପ୍ରକାଶ କରିବ ତାହାକୁ ପ୍ରଶାସନିକ ଅଧିକାରୀ ସମାଧାନ କରିବା କ୍ଷେତ୍ରରେ ପଦକ୍ଷେପ ନେବେ ବୋଲି ମତ ରଖିଥିଲେ। ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ କହିଥିଲେ, ଆମେ ୨ ମହିଳା ମଣ୍ଡଳ ଉନ୍ନୟନ ଅଧିକାରୀ ଓ ତହସିଲଦାର ଭାବେ ଯୋଗଦେଇ ଥିବାରୁ ଅତ୍ୟନ୍ତ ଗର୍ବିତ। ଏଠାକୁ ସରକାରୀ ନିୟମ ମୁତାବକ ଆସୁଥିବା ଅନୁଦାନର ସଫଳ ରୂପାୟନ କ୍ଷେତ୍ରରେ କୌଣସି ପରିସ୍ଥିତିରେ ଆମ୍ଭେ ବ୍ୟତିକ୍ରମ କରିବୁ ନାହିଁ। ସେହିପରି ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲକ୍ଷ୍ମୀକାନ୍ତ ମହାରଣା ସଭାରେ ମଞ୍ଚାସୀନ ରହି ମତ ରଖିଥିଲେ। ଉଦୟନାଥପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରସନ୍ନ ସାମଲ ସଭାର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲାବେଳେ ବୋଦୁଅ ସରପଞ୍ଚ ଦେବୀ ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ମଧୁସ୍ମିତା ସାମଲ, ରଶ୍ମିତା ପରିଡ଼ା, ସସ୍ମିତା କୁଣ୍ଡୁ, ସବିତା ସାମଲ, ପ୍ରଜ୍ଞାପାରମିତା ପରିଡ଼ା, ଚପଳା ମଲ୍ଲ, ଧୀରେନ୍ଦ୍ର ଜେନା, ଜଗଦୀଶ ଜେନା, ହରପ୍ରିୟା ସାହୁ, କୈଳାସ ମଲିକ, ସୁଶାନ୍ତ ଦାସ, ରେବତୀ ଜେନା, ସୋନାଲି ସିଇ ପ୍ରମୁଖ ଯୋଗଦେଇ ସରକାରୀ ଅନୁଦାନର ସଦୁପଯୋଗ କରିବା କ୍ଷେତ୍ରରେ ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେଲେ ବରୀର ବିକାଶ ସମ୍ଭବ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ, ତହସିଲଦାର, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ଥାନା ଅଧିକାରୀଙ୍କ ସମେତ ୨୪ ଗଣମାଧମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ପ୍ରତାପ ଦାସ, ସଞ୍ଜୟ ବେହେରା ଓ ମହେନ୍ଦ୍ର ସ୍ୱାଇଁ ନିଜ ବକ୍ତବ୍ୟରେ ଗଣମାଧମ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରହିଲେ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରତିବନ୍ଧକ ରହିବ ନାହିଁ ବୋଲି ମତ ରଖିଥିଲେ।




ସଭାରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।



ଧର୍ମଶାଳା ବ୍ଲକର ନୃସିଂହଦେବ ମେଲଣରେ ଠାକୁର ହୋରି ଖେଳି ଚାରାରେ ବସିଛନ୍ତି।

# ନୃସିଂହଦେବ ମେଲଣ ଉଦ୍‌ଯାପିତ

**ଧର୍ମଶାଳା,୧୮।୩(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ ବଡ଼ଚଣାବାରୀସ୍ଥିତ ନାଣ୍ଡି ଗୋସାଇଁ ପଡ଼ିଆରେ ନୃସିଂହଦେବ ମେଲଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭୋରରୁ ବଡ଼ଚଣାବାରୀ ଓ ବଳଭଦ୍ରପ୍ରସାଦପାଟଣାର ଥାନାପତି ଶ୍ରୀରାଧାମୋହନଜୀଉଙ୍କୁ ବନ୍ଦାପନା କରାଯାଇ ବାଜା, ବାଣ ଓ ରୋଶଣିରେ ଅଣାଯାଇ ପାହାଡ଼ ବିଜେ କରାଯାଇଥିଲା। ଏଥିରେ ବଡ଼ଚଣାବାରୀ, ନରସିଂହପୁର, ବାଲିଗରି, ସେବତୀପୁର ସମେତ ଛୋଟ ବଡ଼ ୨୦ ବିମାନ ଯୋଗଦେଇ ଘୋଡ଼ାନାଚ, ବାଡ଼ି ଖେଳ ଓ ସଙ୍କୀର୍ତ୍ତନ ମାଧ୍ୟମରେ ମେଲଣ ପଡ଼ିଆରେ ପ୍ରବେଶ କରିଥିଲେ। ଅଧିକାରୀ ବିଜୟ ଦାସଙ୍କ ନେତୃତ୍ୱରେ ମେଲଣ କମିଟି ସଭାପତି ପ୍ରମୋଦ ଦାସ, ଉପସଭାପତି ଲକ୍ଷ୍ମୀଧର ମଲିକ, ସମ୍ପାଦକ ମନୋଜ ଦାସ, ସହସମ୍ପାଦକ ଆନନ୍ଦ ଦଳାଇ, କୋଷାଧ୍ୟକ୍ଷ ଜିତେନ୍ଦ୍ର ଦାସ, ସଭ୍ୟ ମାନସ ପରିଡ଼ା, ଜୀବନ ଦଳାଇ, ରଞ୍ଜନ ଦାସ, ଅମର ଦାସ, ଠାକୁର ଦାସ, ନବକିଶୋର ଦାସ, ରାଜୁ ପରିଡ଼ା ଓ ଅଶୋକ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିଭାବେ ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ ମହାନ୍ତି ଯୋଗ ଦେଇଥିଲେ।

# ଗଞ୍ଜେଇ ଜବତ, ୨ ଅଟକ

**ଚଣ୍ଡିଖୋଲ,୧୮।୩(ଡି.ଏନ.ଏ.):**

ବଡ଼ଚଣା ଥାନା ଅନ୍ତର୍ଗତ ମେଡ଼ିକାଲ ଛକ ନିକଟରେ ଥିବା ଏକ ଦୋକାନରେ ଚୋରାରେ ଗଞ୍ଜେଇ ବିକ୍ରି ହେଉଥିବାବେଳେ ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ାଉ କରି ୨ ଜଣଙ୍କୁ ଧରିବା ସହ ବିପୁଳ ଗଞ୍ଜେଇ ଜବତ କରିଛି। ଅଧିକ ତଦନ୍ତ ପାଇଁ ସ୍କ୍ୱାଡ୍ ସେମାନଙ୍କୁ ବଡ଼ଚଣା ଥାନାରେ ଅଟକ ରଖି ପଚରାଉଚରା କରୁଛି। ରବିବାର ସବିଶେଷ ସୂଚନା ଦିଆଯିବ ବୋଲି ପୋଲିସ ପ୍ରକାଶ କରିଛି। ସମ୍ପୃକ୍ତ ଦୋକାନୀ ବାହାରୁ ଗଞ୍ଜେଇ ଆଣି ଏଠାରେ ବ୍ୟବସାୟ କରିଥାନ୍ତି। ଏନେଇ କୌଣସି ସୂତ୍ରରୁ ଯାଜପୁର ଏସ୍‌ପି ବିନୀତ ଅଗ୍ରୱାଲ ଖବର ପାଇ ସ୍ପେଶାଲ ସ୍କ୍ୱାଡ୍‌କୁ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ ହୋଇଥିବା ଜଣାପଡ଼ିଛି।

## OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL

No. B-1366 Email: eedklpwd@gmail.com

**INVITATION FOR BIDS THROUGH e-Procurement**

Bid Identification No. DKL-1 Tender Call Notice No. 39 of 2022-23

**Invitation for Bids**

| | | |
|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha, invites percentage rate bids in Single Cover System in ONLINE MODE only, for Construction of Building Work & Electrical Work as detailed below. | |
| 2. | Nature of Work | : Building Work (1 No.) |
| 3. | No. of Work | : 01 No. |
| 4. | Bid Cost | : Rs.6,000/- |
| 5. | Class of Contractor | : 'B' & 'C' Class |
| 6. | Availability of Bid Documents in the website | : From 10.00 A.M. of 22.03.2023 to 5.00 P.M. of 06.04.2023 |
| 7. | Date of Opening of Bid | : Dt.10.04.2023 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

Sd./- Chief Construction Engineer
Dhenkanal (R&B) Division, Dhenkanal
OIPR-34016/11/0023/2223

# ବୃତ୍ତି ପଥପ୍ରଦର୍ଶକ କର୍ମଶାଳା

**ପାଣିକୋଇଲି,୧୮।୩(ଡି.ଏନ.ଏ.):**

ପାଣିକୋଇଲିସ୍ଥିତ ଏସ୍‌ଆଇଆଇଟି କମ୍ପ୍ୟୁଟର କେନ୍ଦ୍ର ପରିସରରେ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ବୃତ୍ତି ପଥ ପ୍ରଦର୍ଶକ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଉମାକାନ୍ତ ଖଣ୍ଡାଇ ଯୋଗଦେଇ ଛାତ୍ରୀଛାତ୍ର ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ କ'ଣ ସବୁ କରିବାକୁ ପଡ଼ିବ ସେ ସମ୍ପର୍କରେ ମାର୍ଗଦର୍ଶନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଏସ୍‌ଆଇଆଇଟିର ମାର୍ଗଦର୍ଶକ ପଦ୍ମଲୋଚନ ମଲ୍ଲିକ ଯୋଗଦେଇ ବୃତ୍ତି ପଥପ୍ରଦର୍ଶକର ଉପଦେୟତା ଉପରେ ପିଲାଙ୍କୁ ବୁଝାଇଥିଲେ। ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯାଜପୁରରୋଡ ୟୁଥ୍ ରୁରାଲ ଡେଭଲପମେଣ୍ଟ ନିର୍ଦ୍ଦେଶକ ପ୍ରଶାନ୍ତ ପାଣି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଏସ୍‌ଆଇଆଇଟିର ନିର୍ଦ୍ଦେଶକ ସନ୍ଦୀପ କୁମାର ନାୟକ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।

## GOVERNMENT OF ODISHA "e" PROCUREMENT NOTICE WORKS DEPARTMENT

E-mail: ceworldbankprojects@gmail.com

**1st Corrigendum to Bid Identification No. CE-W.B.P.(O) - 37/2022-23**

No. B-1365: The bid for the work "Widening & Strengthening of Birmaharajpur to Patharghat Road via Archanda from 0.0 Km. to 4.740 Km & 9.770 Km to 25.000 Km in the District of Subarnapur under State Plan". (Tender ID: 2023_EICCL_86612_1) invited vide Bid Identification No. CE-WBP (O) - 37/2022-23 is hereby cancelled.

Sd./- Chief Engineer
World Bank Project, Odisha
OIPR-34003/11/0084/2223

## TPNODL

**TP NORTHERN ODISHA DISTRIBUTION LIMITED**
(A Tata Power & Odisha Government Joint Venture)
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT)** March 18, 2023

TP Northern Odisha Distribution Limited invites tender from eligible Bidders for the following:

| Sl. No. | Tender Enquiry No. | Work Description | Availability on TPNODL website |
|---|---|---|---|
| 1 | TPNODL/OT/2500000288/22-23 | RC for Supply of various size of LT XLPE Cables at TPNODL | 20-03-2023 |
| 2 | TPNODL/OT/2500000289/22-23 | Rate Contract For Supply Of Aluminium Wire For Transformer Repairing Materials At TPNODL | 20-03-2023 |
| 3 | TPNODL/OT/2500000291/22-23 | RC for Supply of Transformer Oil at TPNODL | 23-03-2023 |
| 4 | TPNODL/OT/2500000292/22-23 | RC for Supply of 1.1KV LT AB Cable 2x50+1x35+1x16mm2 at TPNODL | |
| 5 | TPNODL/OT/2500000293/22-23 | RC for Supply of 1.1KV LT AB Cable 1x35+1x25 mm2 at TPNODL | |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. Future communication / corrigendum, if any, shall be available on website.

Head - Contracts

## GOVERNMENT OF ODISHA "e" - PROCUREMENT NOTICE WORKS DEPARTMENT

No. B-1364

E-mail: ceworldbankprojects@gmail.com

**Bid Identification No. CE-W.B.P.(O) - 44/2022-23**

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Road Work
3. No. of Work : 01 No.
4. Tender Cost : Rs.10,000.00 (Online)
5. Class of Contractor : Special/ Super Class Contractor
6. Available of Bid document in the Website : From 10.00 A.M. of 18.03.2023 to 5.00 P.M. of 27.03.2023
7. Pre-Bid Meeting : Dt.21.03.2023
8. Date of Opening of Bid : Dt.28.03.2023 at 11.30 A.M.
9. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0083/2223

## GOVT. OF ODISHA OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR

No. O-1989

Tel.; 06766-258301 (O), email: se_nerwkjr@rediffmail.com

**e-Procurement Notice for Road Works under DMF & CMRL**

No. 1089 Identification No. - Road Online NCB No. 366 Date: 17.03.2023

1. Name of the Work : Construction of road works under DMF & CMRL in the District of Keonjhar
2. No. of Work : 03 (Three) Nos.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No. 366 | Dt.27.03.2023 at 11.00 A.M. | Dt.11.04.2023 upto 5.00 P.M. | Dt.10.04.2023 upto 5.00 P.M. | Dt.12.04.2023 at 11.00 A.M. | Will be intimated later |

- Further details can be seen from the website: **www.tendersorissa.gov.in**.

OIPR-25177/11/0044/2223 Sd./- Chief Construction Engineer, R.W. Circle, Keonjhar

## कार्यपालक अभियंता का कार्यालय
## पेयजल एवं स्वच्छता प्रमण्डल संख्या-2, दुमका

**शुद्धि पत्र**

PR 290743

इस कार्यालय का निविदा आमंत्रण सूचना संख्या DWSD/DUMKA-2/39/2022-23 दिनांक 20.02.2023 जो PR 290743 Drinking Water and Sanitation (22-23).D में प्रकाशित है, जिसमें निम्नलिखित शुद्धियाँ की जाती है :-

| क्र0 | कार्य की तालिका | पूर्व में निर्धारित तिथि एवं समय | संशोधित तिथि एवं समय |
|---|---|---|---|
| 1 | वेब साइट पर निविदा अपलोड की अंतिम तिथि एवं समय | 28.02.2023 upto 02:00 PM | 20.03.2023 upto 02:00 PM |
| 2 | निविदा प्राप्ति की अंतिम तिथि एवं समय | 13.03.2023 upto 05:00 PM | 28.03.2023 upto 05:00 PM |
| 3 | परिमाण विपत्र का मुल्य एवं अग्रधन की राशि जमा करने के तिथि | 14.03.2023 upto 02:00 PM | 29.03.2023 upto 02:00 PM |
| 4 | निविदा खोलने की तिथि एवं समय | 14.03.2023 upto 05:00 PM | 29.03.2023 upto 05:00 PM |

शेष यथावत् रहेगा।

कार्यपालक अभियंता
पेयजल एवं स्वच्छता
प्रमण्डल संख्या-2, दुमका

PR 292996 Drinking Water and Sanitation (22-23)_D

## OFFICE OF THE EXECUTIVE ENGINEER (AGRIL.), BALASORE DIVISION, BALASORE

Phone No.: 06782-295822
Email Id: eeag-balasore@gov.in, eeag.balasore@gmail.com

**Govt. of Odisha, "e" Procurement Notice**

**Bid Identification No.: E.E. (A), Balasore Division - 01/2022-23**

No. L-170: The Executive Engineer (Agril.), Agriculture Engineering Division, Balasore on behalf of Governor of Odisha, invites percentage rate bids in Single Cover System in ONLINE MODE as detailed below.

Name of the works :
1. Estimated Cost : Ranging from Rs.16,60,461.00 to Rs.17,76,337.00
2. Bid Cost : Rs.6,000/- as mentioned against each in Column - 04
3. Period of Completion : Calendar months mentioned in Column - 07
4. No. of Works (Tender) : 9 Nos.
5. EMD : As mentioned in Column - 05
6. Class of Contractor : As mentioned in Column - 06
7. Date & Time of availability of bid document in the portal : 21.03.2023 at 11.00 A.M. to 03.04.2023 upto 5.00 P.M.
8. Last date/time for receipt of bids in the portal : 03.04.2023 upto 5.00 P.M.
9. Date of submission of documents : 22.03.2023 10.00 A.M. to 04.04.2023 upto 5.00 P.M. (Except Holidays)
10. Date & time of opening of online bids : 05.04.2023 11.00 A.M. & onwards
11. Name and address of the Officer Inviting Bid : Executive Engineer (Agril.), Agriculture Engineering Division, Balasore

Further details can be seen from the e-procurement portal **http://tendersodisha.gov.in**.

A. All the volumes/documents shall be uploaded in the portal by the Procurement Officer, Administrator and published by Procurement Officer Publisher (Officer Inviting Tender)
B. The tender documents published by the tender inviting officer (Procurement Officer Publisher) in the website **"http://tendersodisha.gov.in"** will appear in the latest.
C. The bidders have to participate in ONLINE bidding only. Further details can be seen from the website **"http://tendersodisha.gov.in"**. Any addendum/corrigendum/cancellation of tender can also be seen in the said website.

Sd./- Executive Engineer (Agril.)
Agriculture Engineering Division, Balasore
OIPR-01491/11/0001/2223

## Office of The Executive Engineer Drinking Water & Sanitation Division Latehar

**E-procurement Very Short Tender Notice(SBD)**

Tender Referance No- DWSD/LTR/SVS/CLTR-17/21-22 (12th Call) Dt- 18.03.2023

| Sl No | Particular | Detail of Work | | | | | |
|---|---|---|---|---|---|---|---|
| | Name of Work | Detailed Survey Desigening and Drawing Construction of 1888 nos FHTC in Different Block of Latehar Comprising of Suitable R.C.C Frame, Structure ESR, Distribution Lines, Source (as Required) & 05 Year Oereation & Maintenance all Complete Job "on Turn Key Basis" under D. W & S Division Latehar For The Year 2021-22 under (JJM) | | | | | |
| | Group No | No of village | No Of FHTC | Estimated Cost (In Lakh) | Earnest Money (In Lakh) | Cost Of BOQ (In Rs) | Time of Comletion |
| 1 | MAH/SVS/08(A)(ii) | 8 | 1888 | 696.494 | 6.97 | 10000.00 | 09 month |
| 2 | Date of Tender Uploading in Website | 20.03.2023 at 04.00 P.M | | | | | |
| 3 | Date of Starting Submission of Bid | 20.03.2023 at 04.00 P.M | | | | | |
| 4 | Last Date of Submission of Bid | 27.03.2023 upto 05.00 P.M | | | | | |
| 5 | Last Date Submission Cost of BOQ and EMD (Hard Copy) | 28.03.2023 upto 05.00 P.M 1. Superitending Engineer D W & S Circle Medininagar. 2. Regional Chief Engineer D W & S Dept Jharkhand Ranchi. 3. Executive Engineer D W & S Div Latehar. | | | | | |
| 6 | Date of Opening Tender | 29.03.2023 at 04.00 P.M | | | | | |
| 7 | Name & Address of Tender Opening Officer | Executive Engineer , D . W & S Division Latehar | | | | | |
| 8 | Name & Address of Tender Inviting Authority | Executive Engineer, D . W & S Division Latehar | | | | | |
| 9 | Contact No of Procurment Office | 9430725642, 6201242103 | | | | | |
| 10 | Contact No of Procurement cell | 0651-2480342 | | | | | |

- Estimated Cost & EMD Cost May Be Changed.
- Further Details can be seen on website http://jharkhandtenders.gov.in.

Executive Engineer
D. W & S Division Latehar.

PR 293020Drinking Water and Sanitation(22-23)#D

## ODISHA PUBLIC SERVICE COMMISSION

**ADVERTISEMENT No.20 OF 2022/23**

**Recruitment to the posts of Asst. Executive Engineer (Civil) and Asst. Executive Engineer (Mechanical) in Group- 'A' of Odisha Engineering Service under the Water Resources Department**

WEBSITE - http://opsc.gov.in

**No. D-348:-** Online applications are invited from the prospective candidates through the Proforma application form to be made available on the website of the Commission (**http://opsc.gov.in**) for recruitment to **362 (120-W)** posts of **Assistant Executive Engineer (Civil)** under (1) Water Resources Department (2) Works Department (3) H & UD Department of Government of Odisha and for recruitment to **29 (09-W)** posts of **Assistant Executive Engineer (Mechanical)** under Water Resources Department in Group-A of Odisha Engineering Service carrying the scale of pay in Level-12 of pay matrix under ORSP Rules-2017 with usual dearness allowance and other allowances as may be sanctioned by the Government of Odisha from time to time.

**2. VACANCY POSITION:** As per requisition filed by the Water Resources Department of Government of Odisha the vacancy position are given below:

**A. Assistant Executive Engineer (Civil)**

| Sl. No. | Category | No. of Vacancies | No of Post reserved for PWD | |
|---|---|---|---|---|
| 1 | UR | 192 (64-W) | (i) Blindness/low vision- | 02 (00-W) |
| 2 | SEBC | 39 (13-W) | (ii) Hearing impaired- | 05 (01-W) |
| 3 | SC | 112 (37-W) | (iii) Locomotor disability/ Cerebral Palsy- | 05 (01-W) |
| 4 | ST | 19 (06-W) | (iv) Autism/Intellectual disabilities/ Multiple disabilities- | 04 (01-W) |
| | Total | 362 (120-W) | | |

Out of the vacancies mentioned above 04 (01-W) posts are reserved for Sports persons and they shall be adjusted in the vacancies from the category to which they belong.

**B. Assistant Executive Engineer (Mechanical)**

| Sl. No. | Category | Total Vacancies | No of Post reserved for PWD | |
|---|---|---|---|---|
| a | UR | 15 (05-W) | (i) Blindness/low vision- | 00 (00-W) |
| b | SEBC | 03 (01-W) | (ii) Hearing impaired- | 01 (00-W) |
| c | SC | 03 (01-W) | (iii) Locomotor disability/ Cerebral Palsy- | 00 (00-W) |
| d | ST | 08 (02-W) | (iv) Autism/Intellectual disabilities/ Multiple disabilities- | 00 (00-W) |
| | Total | 29 (09-W) | | |

**3. AGE:** A candidate must have attained the age of 21 (twenty one) years as on 01.01.2023 and must not be above the age of 38 (thirty eight) years as on 01.01.2021 i.e. he or she must be born not earlier than 02.01.1983 and not later than 01.01.2002.

**4. EDUCATIONAL QUALIFICATION:** A candidate must have possessed a **Degree in Engineering in Civil** for the post of **AEE (Civil)** and **Degree in Engineering in Mechanical** for the post of **AEE (Mechanical)** or an equivalent qualification from any university or Institution recognized by the Government or he/she must be an Associated Member of the Institution of Engineers of India in Civil/Mechanical.

**5. METHOD OF SELECTION:**

**a)** The Commission after receipt of the applications shall take steps to select the candidates on the basis of the highest of the valid GATE score of preceding 03 years of the date of advertisement (including the year of advertisement).

**b)** The Commission, after verification of original certificates & documents, valid GATE scores, shall select the name of suitable candidates in order of merit, as per availability of vacancies in different categories and recommend for appointment to the post of AEEs to the Government.

**The link for online application and submission shall be available in the website from 29.03.2023 to 28.04.2023** ***(Note: 28.04.2023 is the last date for submission of Registered Online Application).***

**The candidates are advised to visit the Website of the Commission at http://opsc.gov.in for detailed information for applying to the above post.**

CUTTACK
DATE: 18.03.2023

Sd./- SECRETARY
ODISHA PUBLIC SERVICE COMMISSION
CUTTACK

OIPR-12002/11/0291/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାହୁଲ କ୍ଷମା ମାଗିବେନି: କଂଗ୍ରେସ

ନୂଆଦିଲ୍ଲୀ,୧୮।୩



ଜୟରାମ ରମେଶ

## ‘ଆଦାନୀ ପ୍ରସଙ୍ଗରେ ବିରୋଧୀଙ୍କ ଜେପିସି ଗଠନ ଦାବି ଯଥାର୍ଥ’

ଆଦାନୀ ମାମଲାରେ ଜେପିସି ଗଠନ ସକାଶେ ବିରୋଧୀ ଦଳର ଦାବି ଏବଂ ବ୍ରିଟେନରେ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ପାଇଁ କ୍ଷମା ମାଗିବାକୁ ନେଇ ସଂସଦ ଅଚଳ ହୋଇଯାଇଛି। ଅନ୍ୟପକ୍ଷରେ, ଏହି ପ୍ରସଙ୍ଗରେ ଶନିବାର କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତ, ଆଦାନୀ ମାମଲାରେ ଜେପିସି ଗଠନ ପାଇଁ ବିରୋଧୀଙ୍କ ଦାବି ସମ୍ପୂର୍ଣ୍ଣ ଯଥାର୍ଥ । ସଂସଦରେ ଅଚଳାବସ୍ଥା ଦୂର କରିବାର ଉପାୟ ହେଉଛି ବିରୋଧୀଙ୍କ ଦାବି ମାନିନେବା। ଆଦାନୀ ପ୍ରସଙ୍ଗରେ ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି(ଜେପିସି) ଗଠନ ପାଇଁ ୧୬ ବିରୋଧୀ ଦଳ ଏକାଠି ହେବା ନେଇ ସରକାରଙ୍କ ମୁଣ୍ଡବିନ୍ଧା ଆରମ୍ଭ ହୋଇ ଯାଇଛି। ଏହାକୁ ଏଡାଇବା ପାଇଁ ଶାସକ ଦଳ ବିଭିନ୍ନ କୌଶଳ ଅବଲମ୍ବନ କରୁଛି। ବ୍ରିଟେନରେ ଦେଇଥିବା ମନ୍ତବ୍ୟ ଉପରେ ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତାକୁ ରଦ୍ଦ କରିବାକୁ ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ବିବୃତ୍ତିକୁ ଟାର୍ଗେଟ କରି ସେ କହିଛନ୍ତି, ଏହା ଦ୍ୱାରା ଭାଜପା ଭୟଭୀତ ହୋଇ ପ୍ରକୃତ ପ୍ରସଙ୍ଗରୁ ଅନ୍ୟ ଆଡେ ଧ୍ୟାନ ଆକର୍ଷଣ କରିବାର ପ୍ରୟାସ କରୁଛି। କଂଗ୍ରେସର ମହିଳା ୱିଙ୍ଗ ଶନିବାର ଲୋକ ସଭାରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟକୁ ନେଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ବାସଭବନ ବାହାରେ ଧାରଣାରେ ବସିଥିଲେ। ଏହି ବିକ୍ଷୋଭ ସମୟରେ ୱିଙ୍ଗ ମୁଖ୍ୟ ଅମୃତା ଧାୱନଙ୍କ ସମେତ ଦିଲ୍ଲୀ ପ୍ରଦେଶ ମହିଳା କଂଗ୍ରେସର ଅନେକ ସଦସ୍ୟଙ୍କୁ ଗିରଫ କରାଯାଇଥିଲା। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ମୋତି ଲାଲ ନେହେରୁ ପ୍ଲେସରୁ ପ୍ରାୟ ୧୫ ଜଣ ମହିଳାଙ୍କୁ ଅଟକ ରଖାଯାଇଥିଲା ଏବଂ ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା।

## ନବଦାସ ହତ୍ୟା ପ୍ରସଙ୍ଗ
# ଗୋପାଳଙ୍କୁ ପାଗଳ କରିବାକୁ ଚାହୁଁଛନ୍ତି ସରକାର: ଜୟନାରାୟଣ

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ପୁଣି ନବଦାସ ହତ୍ୟା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଛନ୍ତି । ଶନିବାର ଶୂନ୍ୟ କାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି,ନବଦାସଙ୍କ ହତ୍ୟାକୁ ୫୦ ଦିନ ବିତିଗଲାଣି। ହତ୍ୟାକାଣ୍ଡର ଉଦ୍ଦେଶ୍ୟ କ'ଣ ଓ ଘଟଣା ପଛରେ କିଏ ତାହା ଏ ପର୍ଯ୍ୟନ୍ତ ଜଣା ପଡ଼ିଲା ନାହିଁ । ଏସସିବି ମେଡ଼ିକାଲ ବୋର୍ଡ ଗୋପାଳ ପାଗଳ ନୁହେଁ ବୋଲି କହିବା ପରେ ବି କାହିଁକି ସରକାର ତାଙ୍କୁ ବାହାରକୁ ନେବାକୁ ଚାହୁଁଛନ୍ତି । ଏସ୍‌ସିବି ମେଡ଼ିକାଲକୁ ବିଶ୍ୱ ସ୍ତରୀୟ କହୁଥିବା ବେଳେ ଏହି ରିପୋର୍ଟକୁ କାହିଁକି ବିଶ୍ୱାସ କରୁ ନାହାନ୍ତି । ଏଫବିଆଇର ସାହାଯ୍ୟ ନେବା ପାଇଁ ଓଡ଼ିଶା ସରକାର କେନ୍ଦ୍ର ସରକାରକୁ ଯେଉଁ ଚିଠି ଲେଖିଛନ୍ତି ସେ ଚିଠିକୁ ଗୃହରେ ଉପସ୍ଥାପିତ କରାଯାଉ। ହାଇକୋର୍ଟର ମନିଟରିଂ କରିବା ପାଇଁ ଯେଉଁ ଚିଠି ଲେଖା ଯାଇଛି ତାହା ସରକାର ଉପସ୍ଥାପିତ କରନ୍ତୁ ବୋଲି ଜୟନାରାୟଣ ଦାବି କରିଛନ୍ତି।

ସେହିପରି ମାଟ୍ରିକ ପ୍ରଶ୍ନପତ୍ର ଭାଇରାଲ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ମାଟ୍ରିକ ପରୀକ୍ଷାର ଗୋଟିଏ ପ୍ରଶ୍ନ ୧୦ ଟଙ୍କାରେ ବିକ୍ରି ହେଉଛି । ୪ଟା ପ୍ରଶ୍ନକୁ ୪୦ ହଜାରରେ ବିକ୍ରି ହେଉଛି। ଏହାର ଅଡିଓ ବାହାରେ ବୁଲୁଥିବା ସେ କହିଛନ୍ତି । ବଲାଙ୍ଗୀରରେ ୨ଟି ପ୍ରଶ୍ନପତ୍ର ଲିକ୍ ହୋଇଛି। ଏହା କ'ଣ ୫-ଟି ବୋଲି ଜୟନାରାୟଣ କହିଛନ୍ତି ।

# ଫଟୋକୁ ନେଇ ହଙ୍ଗାମା

ଭୁବନେଶ୍ୱର,୧୮।୩(ବ୍ୟୁରୋ)



ବିଧାନସଭା ପରିସରରେ ଶନିବାର ଭାଜପା ସଦସ୍ୟମାନେ ଫଟୋ ପ୍ରଦର୍ଶନ କରୁଛନ୍ତି ।

ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ଫଟୋକୁ ନେଇ ବିଧାନସଭାରେ ବିରୋଧୀ ହୁଲସ୍ଥୁଲ କରିଛନ୍ତି । ବିରୋଧୀଙ୍କ ହଟ୍ଟଗୋଳରେ ବିଧାନସଭା କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧ ସମ୍ପୂର୍ଣ୍ଣ ବରବାଦ ହୋଇଯାଇଛି। ଏହି ପ୍ରସଙ୍ଗରେ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇଛନ୍ତି । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ଶୁକ୍ରବାର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିବା ପାଇଁ ଏକ ଚେକ୍ ପ୍ରଦାନ କରିଥିଲେ। ଏହି ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାକୁ ନେଇ ବିରୋଧୀ କୋପାନଳ। ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ, ମନ୍ତ୍ରୀମାନେ ସରକାର। ସରକାର ପାଖକୁ କର୍ମଚାରୀ ଯିବେ ନା କର୍ମଚାରୀ ପାଖକୁ ସରକାର ଯିବେ। ରାଜ୍ୟରେ ଅମଲାତନ୍ତ୍ର ଶାସନ ଚାଲିଛି। ଦିନ ଦ୍ୱିପ୍ରହରରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ମୁଖ୍ୟ ଶାସନ ସଚିବଙ୍କୁ ଭେଟିବା ପାଇଁ ମନ୍ତ୍ରୀମାନେ ଯାଉଛନ୍ତି। ଗଣମାଧ୍ୟମରେ ଏଭଳି ଫଟୋ ପ୍ରକାଶ ପାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଆଗକୁ ଏମିତି ଆଉ ହେବ ନାହିଁ ବୋଲି ମନ୍ତ୍ରୀ ଗୃହରେ କୁହନ୍ତୁ। ମୁଖ୍ୟ ଶାସନ ସଚିବ ମଧ୍ୟ ଅନୁତାପ କରନ୍ତୁ ବୋଲି ନରସିଂହ କହିଛନ୍ତି।

ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ଏହି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରୁଥିବା ବେଳେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏହାର ଜବାବ ରଖିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ କହିଥିଲେ। ସେ ନରସିଂହଙ୍କୁ ଇଙ୍ଗିତ କରି କହିଥିଲେ, ଜଣେ ମନ୍ତ୍ରୀଙ୍କୁ କୁହନ୍ତୁ। ମନ୍ତ୍ରୀମାନଙ୍କୁ କୁହନ୍ତୁ ନାହିଁ। ରାଇଡର ଯଦି ଠିକ୍ ଅଛି ଘୋଡ଼ା ଠିକ୍ ଚାଲିବ। ଏଭଳି କହି ମନ୍ତ୍ରୀମାନଙ୍କ କ୍ଷମତାକୁ କ୍ଷୁଣ୍ଣ କରାଯାଉଛି। ଯେତେବେଳେ ଯାହା ପ୍ରଶ୍ନ କରିବେ ମୁଁ ଖୋଲାଖୋଲି ଉତ୍ତର ଦେବି। ମୋତେ ବାଚସ୍ପତି ଡାକିଥିବାରୁ ମୁଁ ଛିଡ଼ା ହୋଇଛି ବୋଲି ନିରଞ୍ଜନ ପୂଜାରୀ କହିଥିଲେ। ନରସିଂହଙ୍କ ବକ୍ତବ୍ୟ ମଝିରୁ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ବାଚସ୍ପତି ଡାକିବାରୁ ସେ ଏହାର କଡ଼ା ବିରୋଧ କରିଥିଲେ। ଏନେଇ କଂଗ୍ରେସ ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। ଏହି ସମୟରେ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ମନ୍ତ୍ରୀ ନିରଞ୍ଜନଙ୍କ ଫଟୋ ଦେଖାଇଥିଲେ। ଫଟୋକୁ ନେଇ ଉଭୟ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଥିଲେ। ଗୃହରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ମଧ୍ୟାହ୍ନ ୧୨ଟା ୧୪ ମିନିଟରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ବିଧାନସଭା ବାହାରେ ଏହା ଉପରେ ପ୍ରତିକ୍ରିୟା ଦେଇ ନିରଞ୍ଜନ କହିଛନ୍ତି, ସିଏମ୍‌ଙ୍କୁ ନମସ୍କାର କରୁଥିବା ବେଳର ଫଟୋ ସେମାନେ ଦେଖାଉଛନ୍ତି। ମୁଁ ମୁଖ୍ୟମନ୍ତ୍ରୀଙ୍କୁ ନମସ୍କାର କରୁଛି। ଆଉ କାହାରିକୁ ନୁହେଁ। ପଛପଟରେ ପିଏସ୍ ଅଛନ୍ତି। ସେ ମୁଖ୍ୟମନ୍ତ୍ରୀ ଓ ମୋ ମଝିରେ ଅଛନ୍ତି। ନମସ୍କାର ମୁଖ୍ୟମନ୍ତ୍ରୀ ପାଇବେ ନା ଆଉ କାହାକୁ ଗଲା। ଫଟୋକୁ ଏଡିଟ କରି ଦେଖାଉଛନ୍ତି। ଅନ୍ୟପକ୍ଷରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ଚାଲିଛି । ସେ ସରକାର ଓ ପ୍ରଶାସନର ସର୍ବୋଚ୍ଚ କର୍ତ୍ତା । ମାତ୍ର ବିଧାନସଭାରେ ବିରୋଧୀ ଦଳ ବାରମ୍ବାର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ସମ୍ମାନ ହାନି କରୁଛନ୍ତି । ଏଡିଟେଡ୍ ଫଟୋ ଦେଖାଇ ସରକାରଙ୍କୁ ବଦ୍‌ନାମ କରିବାକୁ ଉଦ୍ୟମ କରାଯାଉଛି । ମିଥ୍ୟା ଅଭିଯୋଗ ଆଣି ବରିଷ୍ଠ ମନ୍ତ୍ରୀଙ୍କୁ ବଦ୍‌ନାମ କରିବାକୁ ବିରୋଧୀଙ୍କ ପକ୍ଷରୁ ଚେଷ୍ଟା କରାଯାଇଛି। ଗୋବଲ୍ସ ଥିଓରି ଆପଣାଇ ତିନି ତୁଣ୍ଡରେ ଛେଳି କୁକୁର କରିବାକୁ ଅପଚେଷ୍ଟା କରୁଛନ୍ତି। ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ଅଯଥା ରାଜନୀତି କରୁଛନ୍ତି । ଭାଜପାର ଏଭଳି ଚକ୍ରାନ୍ତକୁ ଓଡ଼ିଶାବାସୀ ବୁଝିସାରିଲେଣି। ରାଜ୍ୟରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଯାହା ନିଷ୍ପତ୍ତି ନିଅନ୍ତି ଅଫିସରମାନେ ତାହା କାର୍ଯ୍ୟକାରୀ କରନ୍ତି । ଜନପ୍ରତିନିଧି ଓ ଅଧିକାରୀ ପରସ୍ପରର ପରିପୂରକ ନ ହେଲେ ଦେଶ ବା ରାଜ୍ୟ ପ୍ରଗତି ପଥରେ ଆଗେଇ ପାରିବ ନାହିଁ ବୋଲି ସେ କହିଛନ୍ତି। ବିରୋଧୀ ଦଳ ଲୋକଙ୍କୁ ଭୁଆଁ ନ ବୁଲାଇ ଅନ୍ତତଃପକ୍ଷେ ବିଧାନସଭାରେ ସତ କହିବା ଶିଖନ୍ତୁ ଏବଂ ପବିତ୍ର ଗୃହର ମର୍ଯ୍ୟାଦା ରକ୍ଷା କରନ୍ତୁ ବୋଲି ଅରୁଣ କହିଛନ୍ତି।

### ବିରୋଧୀ-ଶାସକ ମୁହାଁମୁହିଁ

- ବିଧାନସଭା ଓଳିଏ ବେକାର
- ଦିନ ଦ୍ୱିପ୍ରହରରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି: ନରସିଂହ
- ମୁଁ ମୁଖ୍ୟମନ୍ତ୍ରୀଙ୍କୁ ନମସ୍କାର କରୁଛି: ନିରଞ୍ଜନ
- ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ବିରୋଧୀ ଅଯଥା ରାଜନୀତି କରୁଛନ୍ତି: ଅରୁଣ


# Classified Everyday
**0674-2580101, 2549949**



MATRIMONIAL

BRIDE WANTED

Finance Sector Job (Hyderabad), ବାପା ମାଁଙ୍କ ଗୋଟିଏ ସନ୍ତାନ, age-29, unmarried କରଣ ପୁଅଙ୍କୁ anycaste ଝିଅ ଦରକାର। 7381366103. D-3021



AUTOMOBILE

SALE

Ashok Leyland Linx AC Bus 2015 & Ford Figo 2017 for sale. Contact: 8908213777. D-71558



REAL ESTATE

SALE

**Duplex At: Pokhariput near DAV School land area=2400 sqft., const. area= 3700 sqft., contact: 9776996478.** D-3025

Bhubaneswar-Khurda ମଧ୍ୟରେ Pitapali Chhakaରେ stithiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

Genuine residential plots available Uttara, Balianta, OEC, Bhingarpur, Koradakanta, 4BHK Duplex at Hanspal. Godiapokhari. Rera BMC approve. Contact- 8847887273. D-3019

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

**2400 sqft. Gharabari land 50’ wide road facing near Pokhariput DAV School. Contact: 9090030067, 9090030068.** D-3024

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74526

**ଭୁବନେଶ୍ୱର ହଂସପାଳ ଛକରୁ 8K.M. ମଧ୍ୟରେ Sudhananda School front ଭିଙ୍ଗାରପୁରଠାରେ boundary, road, ଇଲେକ୍ଟ୍ରିସିଟି ଥାଇ sqft.-550/-ରେ ତୁରନ୍ତ registration କରନ୍ତୁ। 9114121344.** D-74831

**ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। 9937450545.** D-74830

Residential gharabari plot with boundarywall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-74657

**Immediate ଘରକରି ରହିବା ପାଇଁ ବାଲକାଟୀରେ sqft. 1100/- ରେ ଘରବାରି plot ମିଳୁଛି । 8114929186.** D-74660

NH side plot (Gharabari, boundarywall). Nakhara to Niali road Cuttack. 8249851363. D-74662

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

Buy/ Sale Property- 8984071303. 4BHK Duplex at Jharpada- 1.5crore and Nandankanan- 89Lakh. Residential Land at Brahamanajharilo-700,Chandaka-1100, Trinath Bazar-1150, Aiims-1200, Mancheswar- 1400, Tamando- 2000, Hanspal- 2300. D-3006

Commercial space for sale in Forest Park area, Unit-6, BBSR. 9937928349. D-2986

**2BHK Flat (Semi Furnished) is available for sale at Cube Residency (Raghunathpur) Patia, only Genuine Buyer. Contact- 7328071772, 7609893585.** D-2994

Land approx 20,000sqft. At- Balianta, behind Sudhananda Engineering College, 7 KMS. from Hanspala Chowk, BBSR-CTC NH, Rate 450/per sqft., Contact: 9237432333. D-73753

Mega Duplex at project Retang Medical, Station, near CV Raman Tamando, Bhubaneswar. 7008459987. D-74825



CONSTRUCTION

Construct your Dream Home/Building with compititive rate contact Besco Developers, Satyanagar, Bhubaneswar, 9778855101, 7735330028. D-2999

**Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74826

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856.** D-2931





Open space for tolet at Gangotri Nagar Lane-2, 7000sqft. with two Ajbest room suitable for Godown. Contact: 9348491124. D-74662

Three Storied commercial building 580 sqft. total for rent at Bapuji Nagar Durga Mandir lane, Bhubaneswar. Contact: 9439900099, 9438140610. D-71370





All types of Professional body massage by professional therapy. Contact: 9556924059 / 7077933109. D-2996

Newly open full body massage ladies and gents. 8327740003, 9861883292. D-74659

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74656

“Only Professional body massage, Steam-Bath & Body Scrubbing. 9861550765”. D-2985

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

**Relax, Refresh your Body, Mind at Saikrupa Spa with best therapies. 8984068077.** D-2932

All types body massage with hiprofile smart lady, room services available. 9937833100. D-71366

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

LEGAL NOTICE

ମୁଁ, ଶ୍ରୀ ରାଧାକାନ୍ତ ଦାସ, ପିତା- ମୁରଲୀଧର ଦାସ, ମୌଜା- ଜଗନ୍ନାଥ ପ୍ରସାଦ, ଖାତା ନଂ.-୩୪୩/୯୫, ମୌଜା- ଜଗନ୍ନାଥ ପ୍ରସାଦ, ପ୍ଲଟ୍ ନଂ.-୧୨୮, ରକବା ଏରିଆ ୨ ଏକର ୪୨୦ ଡିସିମିଲ ସ୍ୱଧ ଏ୦.୨୦୦ଡି.ର ମାଲିକ ଦଖଲକାରୀ ଅଟେ। ମୋ ଅଗୋଚରରେ କିଛି ଖଳ ପ୍ରକୃତିର ଲୋକ ଏବଂ ମୋ ଭାଇ (ଲକ୍ଷ୍ମୀକାନ୍ତ ଦାସ) ସହ ମିଶି ବିକ୍ରି କରିବା ପାଇଁ ଯୋଜନା କରୁଛନ୍ତି। ତେଣୁ କେହି ଯଦି ଉକ୍ତ କିଣା ବିକାରେ ସାମିଲ ହୁଅନ୍ତି କିମ୍ବା ଟଙ୍କା ଦେଣନେଣ କରନ୍ତି ମୁଁ ରାଧାକାନ୍ତ ଦାସ ଦାୟୀ ରହିବି ନାହିଁ। ଧ-୭୪୬୬୧


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ
୧୯।୦୩।୨୦୨୩ (ରବିବାର)



**୰ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରଥ**
ବାନାବଗିଚା, ଶେଖବଜାର, କଟକ
ଆବିର୍ଭାବ: ୨୧।୦୩।୧୯୪୯
ତିରୋଧାନ: ୦୧।୦୪।୨୦୧୯
ଆପଣଙ୍କ ସରଳ ହୃଦୟର ତ୍ୟାଗ, ନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ ପାଇଁ ଦିଗ୍‌ଦର୍ଶନ ହୋଇ ଚିରଦିନ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପୁତ୍ର: ଶିଳାଦିତ୍ୟ, ଝିଅ: ଅନୁରୂପା, ଅନୁରାଧା, ନାତି: ଅୟସ୍କାନ୍ତ, ବିଶ୍ୱାସରଞ୍ଜନ, ରୂପେଶ, ନିଖିଲେଶ ଓ ପରିବାରବର୍ଗ ।
ଧ-୩୦୧୩

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ସୁରେଶ ଚନ୍ଦ୍ର ମିଶ୍ର**
ଆବିର୍ଭାବ : ୧୦।୬।୧୯୪୮
ତିରୋଧାନ : ୧୦।୩।୨୦୨୩
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ନିବେଦନ ।
ପତ୍ନୀ : ଜୟନ୍ତୀ ମିଶ୍ର
ଝିଅ : ରାଗିଣୀ ମିଶ୍ର, ଈଶାନୀ ମିଶ୍ର,
ନାତି : ଅର୍ନ୍ନବ, ଅଥର୍ବ ଓ ପରିବାର ବର୍ଗ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଧ-୩୦୨୦

# ଆଜି ଜୀ ସାର୍ଥକରେ 'ବାହାଘର ଡଟ୍ କମ୍'



'ବାହାଘର ଡଟ୍ କମ୍'ର ଅଡିଓ ଲୋକାର୍ପଣ ଉତ୍ସବରେ କଳାକାର, ନିମନ୍ତ୍ରିତ ଅତିଥି ଏବଂ ପ୍ରଯୋଜନା ସଂସ୍ଥା ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୮ା୩

ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଘରୋଇ ଚ୍ୟାନେଲ ଜୀ ସାର୍ଥକର ସହଯୋଗୀ ସଂସ୍ଥା ଜୀ ସାର୍ଥକ ଫିଲ୍ମସ୍‌ର ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ବାହାଘର ଡଟ୍ କମ୍' ରବିବାର ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ହେବାକୁ ଯାଉଛି। ବିଶେଷକରି ଓମ୍ ସାଇ ପ୍ରଯୋଜନା ସଂସ୍ଥା ଦ୍ୱାରା ଉକ୍ତ ଚଳଚ୍ଚିତ୍ରଟି ନିର୍ମାଣ ହୋଇଛି। ଏପରିକି ଏକ ଫୁଲ୍ ଏଣ୍ଟରଟେନମେଣ୍ଟ, ଡ୍ରାମା ଏବଂ ପାରିବାରିକ କାହାଣୀକୁ ନେଇ ଏହି ଫିଲ୍ମ ଗତିଶୀଳ ହେଉଛି। ଉକ୍ତ ଫିଲ୍ମରେ ଅଭିନେତା ଋଷି, ଅଭିନେତ୍ରୀ ସାୟଲ ମୁଖାର୍ଜୀ, ପୁଷ୍ପା ପଣ୍ଡା ଏବଂ ବରିଷ୍ଠ କଳାକାର ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ ନିଖୁଣ ଅଭିନୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଅନିଚ୍ଛା ସତ୍ତ୍ୱେ ମାଆଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ବିବାହ କରିବାକୁ ପଡ଼ିବ। ହେଲେ ବାହାଘରରେ ଜମା ମନ ନାହିଁ। କିନ୍ତୁ ବାହାହେବାକୁ ତ ପଡ଼ିବ, ତେଣୁ ଭିନ୍ନ ଏକ ଉପାୟରେ ବାହାଘର ହେଉଛି। ପରବର୍ତ୍ତୀ ସମୟରେ ନୂଆ ମୋଡ଼ କାହାଣୀରେ ଆସୁଛି। ଆଉ ତା'ପରେ ଯାହା ଘଟୁଛି, ତାହା ଉକ୍ତ କାହାଣୀର ଅବର୍ଣ୍ଣନୀୟ ଅଂଶ ତେବେ ଏମିତି ମନୋରଞ୍ଜନ ଭିତ୍ତିକ କାହାଣୀ ଆପଣଙ୍କୁ ନିଶ୍ଚିତ ଏକ ନୂଆ ଅନୁଭୂତି ଦେବ ବୋଲି ଉଭୟ ସଂସ୍ଥା ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ସୁଧାଂଶୁ ମୋହନ ସାହୁ ଉକ୍ତ ସିନେମାରେ ନିର୍ଦ୍ଦେଶନା ଦେଇଥିବା ବେଳେ ବରିଷ୍ଠ ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା ପ୍ରଯୋଜନା ଭାର ତୁଲାଇଛନ୍ତି। ସେହିପରି ଚଳଚ୍ଚିତ୍ରର ସଙ୍ଗୀତ ଭାର ସଙ୍ଗୀତକାର ଗୁଡ୍‌ଲୀ ରଥ ନେଇଛନ୍ତି। ଏ ସମ୍ପର୍କରେ ପ୍ରଯୋଜନା ସଂସ୍ଥା ଜୀ ସାର୍ଥକ ଚ୍ୟାନେଲର ବିଜ୍‌ନେସ୍ ହେଡ୍ ପ୍ରତୀକ ସିଲ୍ କହିଛନ୍ତି, ଏଭଳି ଏକ ଚମତ୍କାର କାହାଣୀ ଦର୍ଶକଙ୍କର ବେଶ୍ ମନୋରଞ୍ଜନ କରିବ ବୋଲି ଆମେ ଆଶାବାଦୀ ଅଛୁ। ଏପରିକି ଏହି ଚଳଚ୍ଚିତ୍ର ମାର୍ଚ୍ଚ ୧୯ ତାରିଖ ସନ୍ଧ୍ୟା ୬ ଟା ୩୦ମିନିଟ୍‌ରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଜୀ-ସାର୍ଥକର ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବାହାଘର ଡଟ୍ କମ୍'ର ଅଡିଓ ଲୋକାର୍ପଣ ଉତ୍ସବ ନିକଟରେ ଏକ ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି।

## ସିବିଓଆଇ ପକ୍ଷରୁ ବହୁମୁଖୀ ଶିବିର

ଭୁବନେଶ୍ୱର,୧୮ା୩

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ(ସିବିଓଆଇ)ର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବହୁମୁଖୀ ଶିବିରର ଆୟୋଜନ କରାଯାଇଥିଲା। ବିଶେଷକରି ସମ୍ବଲପୁର କ୍ଷେତ୍ରର ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ସହ ଏକ ବ୍ୟବସାୟ ବିକାଶ ବୈଠକ ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସିବିଓଆଇ କୋଲକାତା ଅଞ୍ଚଳ ମୁଖ୍ୟ ଅଜୟ କୁମାର ସିଂ ଏବଂ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ସୁକେଶ କୁମାର ଝା ସମ୍ମାନିତ ଅତିଥି ଭାବେ ଉପସ୍ଥିତି ଥିଲେ। ଏ ସମ୍ପର୍କରେ ଅଜୟ କୁମାର ସିଂ କହିଛନ୍ତି, ସିବିଓଆଇ ଦ୍ୱାରା ବ୍ୟାଙ୍କ ଉତ୍ପାଦ, ସେବା ଓ ପ୍ରଯୁକ୍ତି ଉପରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ବ୍ୟାଙ୍କ ଦ୍ୱାରା ବିକଶିତ ନୂତନ ଯୁଗର ଟେକ୍ନୋଲୋଜି ଗ୍ରାହକମାନଙ୍କୁ ନିଶ୍ଚିତ ରୂପେ ଖୁସି କରିପାରିବ ବୋଲି ସିଂ ମତପ୍ରକାଶ କରିଥିଲେ। ବିଶେଷକରି ସମ୍ବଲପୁର କ୍ଷେତ୍ର ଦ୍ୱାରା ନିଆଯାଇଥିବା ଏଭଳି ପଦକ୍ଷେପକୁ ଗ୍ରାହକ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ବେଶ୍ ପ୍ରଶଂସା କରିଥିଲେ। ସେହିଭଳି ସିବିଓଆଇର ଋଣ ସଂଯୋଗୀକରଣ ପଦକ୍ଷେପ ଲୋକମାନଙ୍କ ଜୀବିକା ବୃଦ୍ଧି କରିବା ସହ ରିଟେଲ, ଏମ୍‌ଏସ୍‌ଏମ୍‌ଇ ଓ କୃଷି କ୍ଷେତ୍ରରେ ଆର୍ଥିକ ସହାୟତାପ୍ରାପ୍ତ କରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଲୋକମାନଙ୍କର ସାମାଜିକ ତଥା ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରବନ୍ଧକ ବି.କେ. ସ୍ୱାଇଁ ଓ ମୁଖ୍ୟ ପ୍ରବନ୍ଧକ ଏ. କେ.ଝା ଉପସ୍ଥିତ ଥିଲେ। ଅପରପକ୍ଷରେ ରାଜ୍ୟର ୧୯ଟି ଜିଲାରେ ୪୧୮ ଗ୍ରାହକ ୬୪.୧୭ କୋଟି ଟଙ୍କାର ଲାଭ ପାଇପାରିଥିଲେ।

# OFFICE OF THE BASUDEVPUR MUNICIPALITY, BHADRAK

No.-1421 Date:- 17.03.23

**E-Procurement Notice**

**BID Identification No. BM_TCN_ 07_2022-23**

No. C-2674:- Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

| | | |
|---|---|---|
| 1. | Name of the Work | Civil Const works as mentioned in DTCN |
| 2. | No. of works | 05 nos. |
| 3. | Estimated Cost | As per Work List |
| 4. | Period of Completion | As per DTCN |
| 5. | Date and Time of Bidding | 20.03.2023(10am) to 26.03.2023 |
| 6. | Last date and time for receipt | 26.03.2023 up to 5.00 pm |
| 7. | Bids received online shall be opened on | 27.03.2023 from 11 am onwards |
| 8. | Name and address of the Officer Inviting Bid | Executive Officer, Basudevpur Municipality |

OIPR-13135/11/0022/2223 **Sd./- Executive Officer, Basudevpur Municipality**

# ODISHA HYDRO POWER CORPORATION LTD.

(A Government of Odisha Undertaking)

OFFICE OF THE SENIOR GENERAL MANAGER (ELECTRICAL)

UPPER KOLAB HYDRO ELECTRIC PROJECT

At: P.O.: BARINIPUT: DIST. KORAPUT - 764006

PHONE: (06854) 242001, FAX: - (06854) 242038

e-mail: sgmel.ukhep@gmail.com

CIN: U40101OR1995SGC003963

**TENDER CALL NOTICE No. OHPC: SGM (EL): UKHEP: 62 / 2022-23 Dated.16.03.2023**

**No.CAD-5174:**Sealed Tenders are invited in sealed envelopes from Authorized dealer/ reputed suppliers/ service providers for "Hiring of 01 No Commercial Registered Light Vehicle (Maruti Suzuki Ertiga/Sumo Gold/Bolero/Tuv 300) Vehicle for official use of Technical Wing Head, UKHEP, Bariniput".

| Sl. No. | Description/Type of Vehicle | Cost of Tender Paper (in Rs.) | EMD (in Rs.) |
|---|---|---|---|
| 1 | Hiring of 01 no Commercial Registered light Vehicle ( Maruti Suzuki Ertiga/Sumo Gold/ Bolero/TUV 300) for Official use of Technical Wing Head, UKHEP, Bariniput. | Rs.7080/- | 01% of Quoted Value |

The sale of Tender Paper will be from :- 28.03.2023 to 12:00 Hrs. of Date 11.04.2023

The last date & time of receipt of tender :- Up to 12:00 Hrs. of 11.04.2023

The date and time of opening of tender :-12:30 Hrs. of. 11.04.2023

For details of tender documents and Terms & Conditions downloading please visit our website www.ohpcltd.com

Sd./- C & P Head

OIPR-04002/11/0098/2223 Upper Kolab HEP, OHPC Limited, Bariniput

# ODISHA STATE SEEDS CORPORATION LIMITED

(A GOVERNMENT UNDERTAKING)

SANTARAPUR,BHUBANESWAR - 751002

Tel - MD 0674-2340573, Tel Fax - 2340096

E-mail-mdossclt456@gmail.com

**NIT No.OSSC/Mktg(Hort)-05 /2023**

**Short e-Tender Call Notice for Procurement of Certified seed material of Ginger & Turmeric for 2022-23**

**No.CAD-5172:**OSSC Ltd. invites e-Tender only from Producers (and in case of GOI PSUs, their authorized Agencies) on item wise rate contract basis in double cover system through online mode only for the works below.

| | |
|---|---|
| Name of the Work | Purchase of Certified seed material of Ginger & Turmeric for 2022-23 |
| Nos. of Work | One |
| Availability of bid documents in portal | 15 hours on 18.03.2023 to 17 hours of 27.03.2023 |
| Last date of receipt of tender in portal | 17 hours of 27.03.2023 |
| Date and Time of Opening of Bid | 11 hours of 28.03.2023 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.

**Sd./- Managing Director, OSSC Ltd.,**

OIPR-01106/11/0027/2223

# OFFICE OF THE NOTIFIED AREA COUNCIL BALUGOAN, KHORDHA

**E-PROCUREMENT NOTICE**

**BID IDENTIFICATION NO-EO-N.A.C.-BLG-01/2022-23**

**No: 504 /Date:14.03.2023**

**No.C-2672:**The Executive Officer on behalf of NAC Balugaon invites percentage Bid through e-procurement in double cover system according to norm of e-procurement.

| | | |
|---|---|---|
| 1. | Type of Works | Civil construction works as in the DTCN |
| 2. | Total No. of works | 20 Nos. |
| 3. | Tender Amount Cost | Rs.9,99,000.00 to Rs.19,96,000.00 |
| 4. | Period of Completion | 60 Days |
| 5. | Date and time of availability of Bid Documents in the Portal | From 10.00 A.M of Dt.17.03.2023 upto 5.00 P.M. of Dt.28.03.2023 |
| 6. | Original Bid documents submission in Tender Box | Dt.29.03.2023 up to 2.00 P.M. |
| 7. | Date & Time of Opening of Tender | Dt.29.03.2023 at 3.00 P.M. Onwards |

Further, the details of e-tender documents can be had from the E-Procurement portal www.tendersodisha.gov.in. Corrigendum if any shall only be published in above website.

**Sd./- Executive Officer, N.A.C., Balugaon**

OIPR-13173/11/0009/2223

# OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, SUBARNAPUR

**No. 201/EM-NVBDCP/Sonepur Dated the 16.03.2023**

**CANCELLATION NOTICE**

No. E-986: Recruitment for the Post of MPW (Male) NVBDCP conducted vide Advertisement No. 190 (2) in dated 25.06.2013 which was kept in abeyance vide Letter No. 1042/EM-NVBDCP/ Date: 13.12.2013 of CDM & PHO, Subarnapur is now hereby cancelled in view of Letter No. 31695/MF-II-NVBDCP-4/13 Date: 05.12.2013 of Joint Director, Health Services (NVBDCP), O/o. Director, Health Services, Odisha, Bhubaneswar.

**Sd./- Chief District Medical & Public Health Officer, Subarnapur**

OIPR-10118/11/0025/2223

# SUNDARGARH MUNICIPALITY
# OFFICE OF THE MUNICIPAL COUNCIL, SUNDARGARH

**No.1082, Date: 17.03.2023**

**EXPRESSION OF INTEREST**

**No.C-2676:** Executive Officer, Sundargarh Municipality.Sundargarh on behalf of Municipal Council, Sundargarh Municipality,Sundargarh invites Expression of Interest for Empanelment for Preparation of Plan, Detailed Estimate, Design, Structural Design, Drawing, Rate Analysis, Working drawings, Construction drawings with Detailed Project Report for "Different Projects of Sundargarh Municipality" from Registered/Experience/Reputed Consultants/Architects.

The Detail EOI documents will be available in the District website of Sundargarh www.sundargarh.nic.in from dt-20.03.2023 to dt-28.03.2023.

Last date of receipt of EOI: 28.03.2023 up to 04.00 P.M. Date of opening of EOI: 29.03.2023 at 11.00A.M.

The authority reserves the right to accept or reject any proposals without assigning any reason thereof.

**Sd./-Executive Officer Sundargarh Municipality**

OIPR-13130/11/0048/2223

# OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR

**(District Programe Management Unit, NHM, Jajpur)**

**No. 1272 Dtd.: 16.03.2023**

**CORRIGENDUM**

No. E-985: Corrigendum Advertisement for engagement of MBBS & Ayush Doctors at kaliapani PHC under DMF vide this office Advertisement No. 1179 dated 14.03.2023. The details of Posts, Mode of Recruitment, Remuneration, Qualification etc. is available in the district website **http://jajpur.nic.in**. The undersigned reserves all right to accept or reject the candidature of the candidates without assigning any reason thereof. Any typographical error (if any) may be exempted.

**Sd./- Chief District Medical and Public Health Officer, Jajpur**

OIPR-10042/11/0014/2223

# GOVERNMENT OF ODISHA
# ZILLA PARISHAD, KALAHANDI

E-mail. drdakalahandi@gmail.com

**E-Procurement Notice**

**Bid Identification No. ZP-KLD-T-4/ 2022-23**

No.CAD-5166 **No.1553 Dated 16.03.23**

| | | | |
|---|---|---|---|
| 1 | No. of the work | : | Building works 7 (Seven) Nos. |
| 2 | Estimated cost | : | Rs.30.00 Lakhs to Rs.40.00 lakhs |
| 3 | Class of contractor | : | 'B' & 'C' |
| 4 | Period of completion | : | 6 calendar months |
| 5 | Date and time of availability of bid document in the portal | : | 11.00 hrs. of 18.03.2023 to 17.00 hrs. of 26.03.2023 |
| 6 | Last date / time for receipt of bid in the portal | : | 17.00 hour of 26.03.2023 |
| 7 | Name and address of the officer inviting bid | : | Zilla Parishad, Kalahandi |
| 8 | Date & Venue of opening of the single cover bid and technical bid (Cover 1) of double cover bid | : | On 27.03.2023 at 11.00 A.M. in the Office of the Zilla Parishad, Kalahandi |

Further details can be seen from the e-procurement portal https://tendersodisha.gov.in

**Sd./- CDO-cum-EO, Zilla Parishad, Kalahandi**

OIPR-19287/11/0010/2223

# OFFICE OF THE CHIEF CONSTRUCTION ENGINEER WESTERN N.H.CIRCLE, SAMBALPUR

E-mail:senhsambalpur@gmail.com,Ph-0663-2412461

**Bid Identification**

**Quotation Call Notice No. 01 of 2022-23**

**No.911, Dtd.15.03.2023**

**No.b-54:**Sealed Quotations are invited having valid GST Registration certificate are invited in the prescribed format given in Annexure -III from interested reputed Travel Agencies / Tour Operator or Private individuals owning vehicle for providing 1 (one) no. of hired vehicle i.e. One Vehicle TUV300/ Bolero/ Sumo gold / Ertiga or equivalent for official use in the office of the Chief Construction Engineer , Western N.H.Circle, Sambalpur on monthly rent basis.

The application forms of quotation containing general information vide detailed Quotation Call Notice and terms and conditions of hiring of vehicles (Annexure-I,II,III) can be obtained from office of the Chief Construction Engineer, Western N.H.Circle, Sambalpur on payment of Rs 100/- from 20.03.2023 at 10.00 AM to dt 27.03.2023 up to 2.00 PM on working days and application forms should reach the undersigned on or before 28.03.2023 up to 2.00 PM & shall be opened on the same days at 4.00 PM in presence of the Quotationer or their authorized representative.

**Sd./-Chief Construction Engineer**

OIPR-34021/11/0010/2223 **Western N.H.Circle, Sambalpur**

# ODISHA PUBLIC SERVICE COMMISSION, CUTTACK

**NOTICE**

**No. 2880/PSC Dt.17.03.2023**

**(DR - IV) (2PF-02-2022-23)**

No. D-347: It is for information of all provisionally qualified candidates relating to recruitment for the post of **Veterinary Assistant Surgeon/Additional VAS** pursuant to Advertisement No. 13 of 2022-23 that the Document Verification will commence from **27.03.2023 to 28.03.2023** as per the following programme.

The candidates are required to reach the office of OPSC at 19, Dr. P.K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS**

| Date of Verification | Time of Verification | Roll Nos. of Candidates to be verified | Team to Verify |
|---|---|---|---|
| 27.03.2023 | 10.00 A.M. To 12.00 P.M. | 100001, 100002, 100003, 100004, 100005, 100006, 100007, 100008, 100009, 100010, 100011, 100012, 100013, 100014, 100015 = 15 Candidates | Team - I |
| | | 100016, 100017, 100018, 100019, 100020, 100021, 100022, 100023, 100024, 100025, 100027, 100028, 100029, 100030, 100031 = 15 Candidates | Team - II |
| | 12.00 P.M. To 01.30 P.M. | 100032, 100033, 100034, 100035, 100036, 100037, 100038, 100039, 100040, 100041, 100042, 100043, 100044, 100045, 100047 = 15 Candidates | Team - I |
| | | 100048, 100049, 100050, 100051, 100052, 100053, 100054, 100055, 100056, 100057, 100058, 100059, 100060, 100061, 100062 = 15 Candidates | Team - II |
| | 02.30 P.M. To 04.00 P.M. | 100063, 100064, 100065, 100066, 100067, 100068, 100069, 100070, 100071, 100072, 100073, 100074, 100075, 100076, 100077 = 15 Candidates | Team - I |
| | | 100078, 100079, 100080, 100081, 100082, 100083, 100084, 100085, 100086, 100087, 100088, 100089, 100090, 100092, 100093 = 15 Candidates | Team - II |
| | 04.00 P.M. To 05.30 P.M. | 100094, 100095, 100096, 100097, 100098, 100099, 100100, 100101, 100102, 100103 = 10 Candidates | Team - I |
| | | 100104, 100105, 100106, 100107, 100108, 100109, 100110, 100111, 100112, 100113 = 10 Candidates | Team - II |
| 28.03.2023 | 10.00 A.M. To 12.00 P.M. | 100114, 100115, 100116, 100117, 100118, 100119, 100120, 100121, 100123, 100124, 100125, 100126, 100127, 100128, 100129 = 15 Candidates | Team - I |
| | | 100130, 100131, 100132, 100133, 100134, 100135, 100136, 100137, 100138, 100139, 100140, 100141, 100143, 100144, 100145 = 15 Candidates | Team - II |
| | 12.00 P.M. To 01.30 P.M. | 100146, 100147, 100148, 100149, 100150, 100151, 100152, 100153, 100154, 100155, 100156, 100157, 100158, 100159, 100160 = 15 Candidates | Team - I |
| | | 100161, 100162, 100163, 100164, 100165, 100166, 100167, 100169, 100170, 100171, 100173, 100174, 100175, 100176, 100177 = 15 Candidates | Team - II |
| | 02.30 P.M. To 04.00 P.M. | 100178, 100179, 100180, 100181, 100182, 100183, 100184, 100185, 100187, 100188, 100190, 100191, 100192, 100193, 100194 = 15 Candidates | Team - I |
| | | 100195, 100196, 100197, 100198, 100199, 100200, 100201, 100202, 100203, 100204, 100205, 100206, 100207, 100208, 100209 = 15 Candidates | Team - II |
| | 04.00 P.M. To 05.30 P.M. | 100210, 100211, 100212, 100213, 100214, 100215, 100216, 100217, 100218, 100219 = 10 Candidates | Team - I |
| | | 100220, 100221, 100222, 100223, 100224, 100225, 100226, 100227, 100228 = 9 Candidates | Team - II |

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment to terms & conditions laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION:**

1. Hard copy of online application form Mentioning Roll No. at the Top Right-Hand Corner. Application forms are available in the website of the Commission. The candidates are requied to download the same using their respective Username and Password/OTP etc. through Online Recruitment Management System via **www.opscrecruitment.in**.
2. Three (03) Passport Size Photographs tagged with the Application Form.
3. H.S.C. or Equivalent Certificate in support of declaration of age.
4. B.V.Sc. or its equivalent Degree Certificate issued by the recognized university. Registration Certificate under the Odisha Veterinary Practitioner Act, 1970. (Issued within last date of submission of online application form i.e. 30.01.2023).
5. Permanent Registration Certificate under the State of Odisha Veterinary Practitioner Act, 1970 (Issued within last date of submission of online application form i.e. 30.01.2023).
6. Caste Certificate by Birth (SC/ST) issued within the last date i.e. 30.01.2023.
7. SEBC Certificate issued from 31.01.2020 to 30.01.2023 wherever applicable.
8. Required Odia Test Pass Certificate issued within the last date i.e. 30.01.2023.
9. Permanent Disability Certificate (indicating percentage of disability i.e. 40% and more) issued by the concerned Medical Board wherever applicable issued within the last date i.e. 30.01.2023.
10. No Objection Certificate (NOC) issued by the Competent Authority in case of in service candidates whereever applicable.
11. Attestation form duly filled-in signed and attested by a Gazetted Officer (to be downloaded from the website of the Commission).
12. Any proof of Identity.

**OIPR-12002/11/0290/2223 Sd./- Secretary**

# GOVERNMENT OF ODISHA
# OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

**No. 1471 /Date.16.03.2023**

No.O-1982

**"e" Procurement Notice for Road Work**

| | | | |
|---|---|---|---|
| 1 | Name of the work | : | Road work |
| 2 | Total No. of work | : | 01 No. of Road Work under Transferred Road Improvement Programme (TRIP) for the year 2022-23 |
| 3 | Estimated cost of the work | : | Rs.255.50 lakhs |
| 4 | Class of contractor | : | |
| | a) Estimated cost more than Rs.20.00 lakhs upto Rs.3.00 crores | | B class (of Odisha PWD) or relevant class of other licencing authorities |
| | b) Estimated cost more then Rs.1.00 crores upto Rs.20.00 crores | | A Class (of Odisha PWD) or relevant class of other licencing authorities |
| 5 | Period of completion | : | As mentioned in Column-7 of Annexure |
| 6 | Offered rates by bidder | : | The offered rate by the contractor shall be excluding GST |
| 7 | Other details | : | |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | |
|---|---|---|---|---|---|
| | | From | To | Technical bid | Financial bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online - C.C. 12 of 2023 | 21.03.2023 at 11.00 A.M. | 04.04.2023 utp 5.00 P.M. | 05.04.2023 at 11.00 A.M. | To be intimated lateron |

Further details can be seen from the website: www.tendersodisha.gov.in.

OIPR-25082/11/0048/2223 **Sd./- Chief Construction Engineer, Central Rural Works Circle, Bhubaneswar**

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ,ବ୍ରହ୍ମପୁର

# OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

At:Ambapua, Po:Engineering School,Near Income Tax Office,Berhampur-760011

(E-mail: serwbpr2004@yahoo.com, Tel/Fax:-0680-2404287)

**No.O-1984:** No.e-tender//1356//RWC//BAM//Dated 16.3.2023

**1st Corrigendum to Bid Identification No.Online Tender/80-2022-23/BPR**

1) The partial modification of Bridge works under BSY vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 21.03.2023 to 04.04.2023 upto 3.00 PM instead of 10.03.2023 to 27.03.2023 |
| 2 | Last date & time of seeking tender clarification | :: | 03.04.2023 at 2.00 PM instead of 24.03.2023 at 2.00 PM |
| 3 | Date of Opening of Technical Bid | :: | 05.04.2023 at 11.00 AM instead of 28.03.2023 at 11.00 AM |
| 4 | Date of Opening of Financial Bid | :: | Will be intimated later on. |

2.

| Sl. No. | Name of the Work | Approx. Estimated Cost (Exclusive of GST) (in Rs.) (As per Earlier) | EMD required (in Rs.) to be submitted online (As per Earlier) | Approx. Estimated cost (Exclusive of GST) (in Rs.) (Now Replaced) | EMD Required (in Rs.) to be submitted online (Now Replaced) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of H.L. Bridge over Bahuda at Ch-0.10 km on Tentiapada to Dabarasingi road in the District of Ganjam under BSY. (Span 5x30.64 m) | Rs.7,91,47,000/- | Rs.7,91,500/- | Rs.8,32,00,000/- | Rs.8,32,000/- |

All other contents will remain unchanged.

OIPR-25071/11/0128/2223 **Sd./- Chief Construction Engineer, R.W.Circle,Berhampur**

No.i-510

# GOVERNMENT OF ODISHA
# DEPARTMENT OF P.R & D.W
## INVITATION FOR BIDS (IFB)
## IDENTIFICATION No: - AGLB- 04 / 2022-23

**E-mail address:** - ori-bangul@nic.in

1. **The Block Development Officer, Angul** on behalf of the Governor of Orissa invites **Percentage rate civil bid** in single cover system for the works as detailed in the table, from the class of eligible contractors as mentioned in Col.4 (four), registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of **Building (Civil Work)**. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No | Name of works | Approx. Value of work. (Rs. In lakhs) | Class of contractor | Bid Security (Rs.) | Cost of documents (Non-refundable) | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | **Const. of Day Care Sub- Center at Chheliapada** | 31.72 | 'B' or 'C' | 31720.00 | Rs.10,000/- (Only be downloaded from www.angul.nic.in) | Six Calendar months |
| 2 | **Const. of PHC (N) Building at Banamira** | 19.82 | 'C' or 'D' | 19820.00 | | Six Calendar months |
| 3 | **Const. of Day Care Sub- Center at Tikarapada** | 32.31 | 'B' or 'C' | 32310.00 | | Six Calendar months |
| 4 | **Const. of Sub- Center at Bentapur** | 32.50 | 'B' or 'C' | 32500.00 | | Six Calendar months |
| 5 | **Const. of Day Care Sub- Center at Bantala** | 31.92 | 'B' or 'C' | 31920.00 | | Six Calendar months |
| 6 | **Const. of Day Care Sub- Center at Talagarh** | 31.72 | 'B' or 'C' | 31720.00 | | Six Calendar months |
| 7 | **Const. of Day Care Sub- Center at Saradhapur- A** | 32.50 | 'B' or 'C' | 32500.00 | | Six Calendar months |
| 8 | **Const. of Day Care Sub- Center at Inkarabandha** | 31.72 | 'B' or 'C' | 31720.00 | | Six Calendar months |

For more details log on to **www.angul.nic.in** regarding detailed advertisement.

OIPR-19073/11/0001/2223 **Sd./- Block Development Officer, Angul**

## ଏ ସପ୍ତାହର ପ୍ରଶ୍ନ

୧- ସ୍ୱଦେଶ ଦର୍ଶନ ୨.୦ ପ୍ରୋଗ୍ରାମ.........ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି ?
୨- ୨୫ ବର୍ଷ ପରେ ପ୍ରଥମ ଥର ପାଇଁ ........ ଦେଶ ମହିଳାଙ୍କ ପାଇଁ ମିଲିଟାରୀ ସେବା ଆରମ୍ଭ କରିଛି ?
୩- ଟେଗୁସିଗାଲ୍ପା............ ଦେଶର ରାଜଧାନୀ ?
୪- ପପୁଆ ନ୍ୟୁ ଗିନିର ମାଉଣ୍ଟ ଜିଲୁଓ୍ୱେ ଆରୋହଣ କରିଥିବା ପ୍ରଥମ ଭାରତୀୟ ........ ?
୫- ମିଲ୍କମ୍ୟାନ୍ ଉପନ୍ୟାସର ଲେଖକ ......... ?

## ଗତ ଥରର ଉତ୍ତର

୧ ନର୍ମାନ ବୋର୍ଲଗ୍
୨ ଗୋଆ
୩ ସ୍ୱାମୀ ନାରାୟଣ
୪ ରବୀନ୍ଦ୍ର ନାଥ ଠାକୁର
୫ କୁକୁଡ଼ା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା

୧- ଶେଖ୍ ୟାକୁବ୍, ଗୋପ
୨- ସୌଦାମିନୀ ପାତ୍ର, କୋରାପୁଟ
୩- ଜଗନ୍ନାଥ ସାହୁ, ଖୋର୍ଦ୍ଧା
୪- ତ୍ରିଲୋଚନ ସୂତାର, କେନ୍ଦ୍ରାପଡା

## ଟପ୍ ୧୦

### ପୃଥିବୀର ସର୍ବପୁରାତନ ଦେଶ



(୧) ........................ ଫ୍ରାନ୍ସ
(୨) ........................ ସ୍ୟାନ୍ ମ୍ୟାରିନୋ
(୩) ........................ ପର୍ତ୍ତୁଗାଲ
(୪) ........................ ଗ୍ରୀସ୍
(୫) ........................ ଇଥିଓପିଆ
(୬) ........................ ଜାପାନ
(୭) ........................ ଚାଇନା
(୮) ........................ ଆର୍ମେନିଆ
(୯) ........................ ଇରାନ
(୧୦) ........................ ଇଜିପ୍ଟ

## ଜାଣନ୍ତୁ ଦୁନିଆ

# ପଥର ନୁହେଁ, ମାଛ

**ପୃଥିବୀର ସବୁଠୁ ବିଷାକ୍ତ ମାଛ ହେଲେ ଷ୍ଟୋନ୍ ଫିଶ୍। ଏହା ଦେଖିବାକୁ ଖଣ୍ଡେ ଅପରିଷ୍କାର ପଥର ଭଳି। ହେଲେ ଏହି ମାଛ ଏତେ ବିଷାକ୍ତ ଯେ, ଏହାକୁ ଖାଇବା ତ ଦୂରର କଥା, ଏହାର ମାତ୍ର ଗୋଟିଏ ବୁନ୍ଦା ବିଷ ମଣିଷକୁ ମୃତ୍ୟୁମୁଖକୁ ଠେଲି ଦେଇପାରେ। ଜାଣିବା ଏହା ସମ୍ପର୍କରେ କିଛି ତଥ୍ୟ...**

❖୩୦ରୁ ୪୦ ସେଣ୍ଟିମିଟର ଲମ୍ବା ବିଶିଷ୍ଟ ଏହି ମାଛ ଭାରତ ଏବଂ ପ୍ରଶାନ୍ତ ମହାସାଗରର କେତେକ ଭାଗରେ ଦେଖାଯାଇଥାଏ। ଏହି ମାଛଖୁବ୍ ବିଷାକ୍ତ। ଏହାର ପିଠି ଡେଣାରେ ଥିବା ୧୩ଟି କଣ୍ଟାରେ ରହିଛି ଏହି ବିଷ ବାହାରୁ ଥିବା ଥଳି।

❖ଏହାର ରଙ୍ଗ ସାଧାରଣତଃ ପଥର ସହିତ ମିଶି ଯାଉଥିବାରୁ ସହଜରେ ଜଣାପଡ଼ି ନ ଥାଏ। ଏହି ମାଛ ପାଣି ବାହାରେ ମଧ୍ୟ ୨୪ ଘଣ୍ଟା ପର୍ଯ୍ୟନ୍ତ ଜୀବିତ ରହିପାରେ। ଲାଗିଲେ ମଣିଷର ଗୋଡ଼ କାଟିବାକୁ ପଡ଼ିଥାଏ କିମ୍ବା ବେଳେବେଳେ ମୃତ୍ୟୁର କାରଣ ସାଜିଥାଏ। ଆଉ ଯଦି ଏହା କୌଣସି କାରଣରୁ ଶରୀର ଭିତରକୁ ଚାଲିଯାଏ, ତେବେ ମୃତ୍ୟୁ ସୁନିଶ୍ଚିତ।

❖ବିଷାକ୍ତ ହୋଇଥିଲେ ହେଁ ସାର୍କ ଏବଂ ରେ' ଭଳି ବଡ଼ ମାଛ ଏହାକୁ ନିଜର ଖାଦ୍ୟ ଭାବେ ଗ୍ରହଣ କରିଥା'ନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏହି ମାଛକୁ ଚାଇନା ଏବଂ ଜାପାନ ଆଦି ଦେଶରେ ଖାଦ୍ୟ ଭାବେ ଗ୍ରହଣ କରାଯାଇଥାଏ,



ତେଣୁ ସମୁଦ୍ର କୂଳରେ ବୁଲିବା ସମୟରେ ପଥର କିମ୍ବା ଶୈବାଳ ଭାବି ଏହା ଉପରେ ଅନେକେ ପାଦ ରଖିଦିଅନ୍ତି ଏବଂ ଏହାର ଶିକାର ହୋଇଥା'ନ୍ତି। ପାଦ ପଡ଼ିବା ମାତ୍ରେ ଏହି ମାଛ ୦.୫ ସେକେଣ୍ଡ ବେଗରେ ବିଷ ଛାଡ଼ିଥାଏ। ଏହି ବିଷ ପାଦରେ ଯାହାକୁ ଓକୋଜ ସାସିମି ବୋଲି କୁହାଯାଇଥାଏ। ଯଦିଓ ରନ୍ଧା ହେବା ପରେ ଅର୍ଥାତ୍ ଗରମ ହେବା ଦ୍ୱାରା ଏହାର ବିଷ ନଷ୍ଟ ହୋଇଯାଇଥାଏ, ତଥାପି ଫିଲିପାଇନ୍ସରେ କେବଳ ଲାଇସେନ୍ସ ଥିବା ଜାପାନିଜ ସେଫ୍‌କୁ ରାନ୍ଧିବାକୁ ଅନୁମତି ରହିଛି।

**ରାତିରେ ପର୍ଯ୍ୟାପ୍ତ ନିଦ୍ରା ମଣିଷକୁ ସୁସ୍ଥ ରଖେ। ହେଲେ ଏହି ନିଦ ଅସମୟରେ ଆସିଲେ ସାଜେ ଚିନ୍ତାର କାରଣ। ଠିକ୍ ଯେମିତି କେବେ କେବେ ପଢ଼ିବା ଲାଗି ବହି ଖୋଲି ବସିଲେ ଆପେ ଆପେ ବୁଜି ହୋଇ ପଡ଼େ ଆଖି, ଆଉ ଏଥିପାଇଁ ବ୍ୟାହତ ହୁଏ ପାଠ ପଢ଼ା। ଏମିତିରେ କେତେକ ଉପାୟ ନିଦ ଦୂର କରିବାରେ ବେଶ୍ ସାହାଯ୍ୟ କରେ...**









ମୁଣ୍ଡ ଉପରେ ପରୀକ୍ଷା ଚିନ୍ତା। ସବୁବେଳେ ବହି ଉପରେ ଆଖି। ହେଲେ ପଢ଼ିବା ବେଳେ ଆସୁଛି ନିଦ, ଯାହାକି ବଢ଼ାଉଛି ଟେନ୍‌ସନ୍।

# ପଢ଼ାବେଳେ ନିଦ

**ତେବେ ଏପରି ହୁଏ କାହିଁକି, ଜାଣିବା ଏହାର ବିଭିନ୍ନ କାରଣ ଓ ନିରାକରଣ ସମ୍ପର୍କରେ...**

**ଶୋଇବା ସମୟ ସ୍ଥିର କରନ୍ତୁ:** ପଢ଼ିବାବେଳେ ନିଦ ଆସିବା ସମସ୍ୟା ସାଧାରଣତଃ ପିଲାଠୁ ବୃଦ୍ଧ ପ୍ରାୟ ସଭିଙ୍କଠାରେ ଦେଖାଦିଏ। ପଢ଼ାବହି, ଗପବହିଠୁ ଆରମ୍ଭ କରି ଖବରକାଗଜ ଓ ମାଗାଜିନ୍ ଆଦି ପଢ଼ିବାବେଳେ ଶରୀର ଏବଂ ମନ ସ୍ଥିର ରହୁଥିବାରୁ ଅନେକଙ୍କ ଆଖିକୁ ନିଦଆସେ। ନିଦ୍ରାହୀନତା ଭୋଗୁଥିବା ରୋଗୀକୁ ନିଦ ଆସିବା ଲାଗି ରିଡିଂ ଥେରାପି ଦିଆଯାଇଥାଏ। ତେବେ ପରୀକ୍ଷା ବେଳେ ଅଧିକାଂଶ ଛାତ୍ରୀଛାତ୍ର ରାତି ଅନିଦ୍ରା ହେବା କିମ୍ବା ଆବଶ୍ୟକତାଠାରୁ ଖୁବ୍ କମ୍ ଶୋଉଥିବାରୁ ପଢ଼ିବା ଲାଗି ଗୋଟିଏ ସ୍ଥାନରେ ସ୍ଥିର ହୋଇ ବସିବାମାତ୍ରେ ନିଦ ଆସିଥାଏ। ଫଳରେ ପାଠ ଭଲ ଭାବେ ମନେ ରହି ନଥାଏ। ତେଣୁ ଏପରି ନ ହେବା ଲାଗି ପଢ଼ିବା ସହିତ ମସ୍ତିଷ୍କକୁ ଆରାମ ଦେବା ଲାଗି ଶୋଇବା ପାଇଁ ମଧ୍ୟ ସମୟ ବାହାର କରନ୍ତୁ।



**ସ୍ଥାନ ପରିବର୍ତ୍ତନ କରନ୍ତୁ:** ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ପଢ଼ିବା ଦ୍ୱାରା ମସ୍ତିଷ୍କ ଏବଂ ଆଖିର ମାଂସପେଶୀ ଥକିଯାଏ ଓ ନିଦ ଆସେ। ହେଲେ ପଢ଼ିବାବେଳେ ବାରମ୍ବାର ନିଦ ଆସିଲେ ସ୍ମରଣ ଶକ୍ତି ପ୍ରଭାବିତ ହୋଇପାରେ। ତା'ଛଡ଼ା ଆଖିରେ ମଧ୍ୟ ଚାପ ପଡ଼ିଥାଏ। ତେଣୁ ନିଦ ଆସିବାମାତ୍ରେ କିଛି ସମୟ ଉଠିଯାଆନ୍ତୁ ଏବଂ ୫-୧୦ ମିନିଟ୍ ଚାଲନ୍ତୁ। ପାଣି ପିଇଲେ ଏବଂ କିଛି ହାଲୁକା ଖାଦ୍ୟ ଖାଇଲେ ନିଦ ଛାଡ଼ିଯିବ।

**ଲେଖା ଅଭ୍ୟାସ ସବୁଠୁ ଭଲ:** ପଢ଼ିବାବେଳେ ଅଧିକ ସମୟ ବସିବା ଦ୍ୱାରା ଶାରୀରିକ ପରିଶ୍ରମ ଆଦୌ ନ ଥାଏ, ତେଣୁ ମାଂସପେଶୀ କାର୍ଯ୍ୟ ନ କରୁଥିବାରୁ ନିଦ ଆସିଥାଏ। ଏପରି ନ ହେବା ଲାଗି ଉତ୍ତମ ଉପାୟ ହେଉଛି ଲେଖିବା। କେବଳ ନ ପଢ଼ି ଏକ ରଫ୍ ନୋଟ୍‌ରେ ଲେଖିବା ଦ୍ୱାରା ହାତର ମାଂସପେଶୀ ଚଳପ୍ରଚଳ ହେବା ଦ୍ୱାରା ନିଦ ଆସି ନ ଥାଏ। ତା'ଛଡ଼ା ପଢ଼ିବା ପରେ ଲେଖିବା ଦ୍ୱାରା ପାଠ ଶୀଘ୍ର ମନେରହିଥାଏ।

**ଠିକ୍ ରଖନ୍ତୁ ସିଟିଂ ପୋଜିଶନ:** ଅନେକ ଛାତ୍ରୀଛାତ୍ର ଆରାମ ଲାଗିବା ପାଇଁ ବସିବା ବଦଳରେ ଖଟ, ସୋଫା ଆଦି ସ୍ଥାନରେ ଶୋଇ ରହି ପଢ଼ନ୍ତି। ଏହା ମଧ୍ୟ ନିଦ ଲାଗିବାର ଆଉ ଏକ ବଡ଼ କାରଣ। ତା'ଛଡ଼ା ଅଧିକ ସମୟ ପେଟମାଡ଼ି ଶୋଇ ପଢ଼ିବା ଦ୍ୱାରା ପେଟ, ଅଣ୍ଟା, ବେକ ଆଦିରେ ଚାପ ପଡ଼ି ଯନ୍ତ୍ରଣା ହୋଇପାରେ। ତେଣୁ ଏପରି ନ କରି ଚେୟାର ଟେବୁଲ୍‌ରେ ବସି ପଢ଼ନ୍ତୁ।

**ଲାଇଟ୍ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ:** ନିଜ ପଢ଼ା ସ୍ଥାନ ଏପରି ବାଛନ୍ତୁ, ଯେଉଁଠାରେ ଦିନରେ ସୂର୍ଯ୍ୟାଲୋକ ଆସୁଥିବ କିମ୍ବା ଦିନ ଅବା ରାତିରେ ଭଲ ଲାଇଟ୍ ପଡୁଥିବ। ନଚେତ୍ ପଢ଼ାଘରେ ଲାଇଟ୍ ବ୍ୟବସ୍ଥା ଠିକ୍ ନ ରହିଲେ ବା ଅନ୍ଧାରିଆ ରହିଲେ ପଢ଼ିବା ବେଳେ ମଧ୍ୟ ନିଦ ଆସିଥାଏ। ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ତା'ଛଡ଼ା କମ୍ ଲାଇଟ୍‌ରେ ପଢ଼ିଲେ ଚାପ ପଡ଼ିବା ଯୋଗୁ ଚକ୍ଷୁ ସମସ୍ୟା ଉପୁଜିବାର ଆଶଙ୍କା ରହିଛି।

**ସବୁ ବିଷୟକୁ ଧ୍ୟାନ ଦିଅନ୍ତୁ:** ଅନେକେ ଭାବନ୍ତି କଷ୍ଟ ଲାଗୁଥିବା ବିଷୟଗୁଡ଼ିକୁ ଅଧିକ ସମୟ ପଢ଼ିଲେ ମନେରହିବ। ଆଉ ସେଥିପାଇଁ ସେମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉକ୍ତ ବିଷୟକୁ ପଢ଼ନ୍ତି। ହେଲେ ଏହାଦ୍ୱାରା ନିଦ ଆସିଥାଏ। ତେଣୁ ଯେଉଁ ବିଷୟ ପଢ଼ିଲେ ନିଦ ଆସୁଛି ତା'କୁ ରାତି ବଦଳରେ ଦିନ କିମ୍ବା ସଂଧ୍ୟାରେ ପଢ଼ନ୍ତୁ।

**ଖାଇବା ପରେ ପରେ ପଢ଼ନ୍ତୁ ନାହିଁ:** ଖାଇବା ପରେ ଖାଦ୍ୟ ହଜମ ହେବା ଲାଗି ପାକସ୍ଥଳୀ ଅମ୍ଳଜାନ ଆବଶ୍ୟକ କରେ। ତେଣୁ ଏ ସମୟରେ ପଢ଼ିଲେ ବାରମ୍ବାର ହାଇ ଆସିବା ସହ ନିଦ ଲାଗିଥାଏ। ତେଣୁ ଖାଇବା ପରେ ଶରୀରକୁ କିଛି ସମୟ ବିଶ୍ରାମ ଦିଅନ୍ତୁ, ଯେପରି ଖାଦ୍ୟ ଭଲ ଭାବେ ହଜମ ହୋଇଯିବ। ଏହା ପରେ ପଢ଼ିଲେ ନିଦ ଆସିବ ନାହିଁ ଏବଂ ପାଠ ଭଲ ମନେରହିବ।

## ଏମାନେ କ'ଣ କୁହନ୍ତି



**ଆକାଶ ଜେନା** (ଯୁକ୍ତ ୩ କଳା, ଶେଷ ବର୍ଷ, ଜେକେବିକେ କଲେଜ, ନହରକଣ୍ଟା, ଭୁବନେଶ୍ୱର)- ପଢ଼ା ବେଳେ ନିଦ ଆସିବାର ଅନୁଭୂତି ପ୍ରାୟ ସମସ୍ତଙ୍କର ଥିବ ନିଶ୍ଚୟ। ନିଜ କଥା କହିବି ବର୍ଷର ଅନ୍ୟ ଦିନଗୁଡ଼ିକ ଅପେକ୍ଷା ପରିକ୍ଷା ପ୍ରସ୍ତୁତି ପାଇଁ ପଢ଼ିବା ବେଳେ ପ୍ରାୟ ନିଦ ଆସେ। ଯାହାକୁ ଦୂର କରିବା ଲାଗି ପାଣି ପିଏ, ଅଳ୍ପ ଖାଏ। ଗୋଟିଏ ସ୍ଥାନରେ ଅଧିକ ସମୟ ବସିଲେ ଶରୀର ମାନ୍ଦା ହୋଇ ନିଦ ଆସୁଥିବାରୁ ମଝିରେ ମଝିରେ ଉଠିଯାଇ ଏକ୍ସରସାଇଜ୍ କରେ। ତା'ଛଡ଼ା ପଢ଼ିବା ସହିତ ଲେଖିବା ଦ୍ୱାରା ନିଦ ଆସି ନ ଥାଏ ଏବଂ ପାଠ ସହଜରେ ମନେ ରହିଥାଏ।



**ପ୍ରିୟଙ୍କା ପ୍ରିୟଦର୍ଶିନୀ ପାତ୍ର**(ଛାତ୍ରୀ, ଗୋବିନ୍ଦପୁର ଡିଗ୍ରୀ କଲେଜ, କଟକ)- ପରୀକ୍ଷା ପାଖେଇ ଆସିଲେ ପଢ଼ା ଚିନ୍ତା ବଢ଼ିଯାଏ। ବର୍ଷ ସାରାର ସମସ୍ତ ପାଠକୁ ଅଳ୍ପ ଦିନ ମଧ୍ୟରେ ଭଲ ଭାବେ ରିଭିଜନ୍ କରିବା ଲାଗି ଟାଇମ୍ ଟେବୁଲ୍ ପ୍ରସ୍ତୁତ କରି ପଢ଼ିଥାଏ। ହେଲେ ପଢ଼ିବା ବେଳେ କେବେ କେବେ ନିଦ ଆସେ। ଯାହାକୁ ଦୂର କରିବା ଲାଗି କିଛି ସମୟ ମ୍ୟୁଜିକ୍ ଶୁଣେ ଏବଂ ପଢା ସ୍ଥାନରୁ ଉଠି ଅଳ୍ପ ଚାଲେ। ଅଧିକ ରାତି ପର୍ଯ୍ୟନ୍ତ ଅନିଦ୍ରା ରହି ନ ପଢ଼ି ଠିକ୍ ଭାବେ ଶୁଏ ଏବଂ ପାହାନ୍ତାରୁ ଉଠି ପଢ଼ିଥାଏ।

## ୟୁଥ ଫ୍ୟାଶନ

# ଅଜବ ଜୋତା

**ଆଜିର ଯୁବପିଢ଼ିଙ୍କ ପସନ୍ଦ ସତରେ ଅଜବ। ଆଉ ସେମାନଙ୍କ ରୁଚିକୁ ଆଖି ଆଗରେ ରଖି ନାମୀଦାମୀ କମ୍ପାନିଗୁଡ଼ିକ ମଧ୍ୟ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଜାଣିବା କେତୋଟି ଅଜବ ଜୋତା ସମ୍ପର୍କରେ...**

**ଦି ରାଟ୍ ଶୁ:** ଏହି ଜୋତା ଦେଖିବା ପାଇଁ ଦୁଇଟି ବଡ଼ ମୂଷା ଭଳି। ହଠାତ୍ ଏହାକୁ ଦେଖିଲେ ଯେକେହି ଡରିଯିବ। ଦୁର୍ବଳମନା ଏହାକୁ ନ ପିନ୍ଧିବା ଲାଗି ସେଥିରେ ମଧ୍ୟ ଲେଖା ରହିଛି। ତେବେ ଏହି ଜୋତାକୁ ହାଲୋୱିନ୍ ଥିମ୍ ପାର୍ଟିରେ ପିନ୍ଧିବାକୁ ଯୁବପିଢ଼ି ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**ଏ ୱାର୍କିଂ ପିସ୍ ଅଫ୍ ଆର୍ଟ:** ଲେଦରରେ ପ୍ରସ୍ତୁତ ହୋଇଥିବା ଏହି ଜୋତାଟି ଦେଖିବାକୁ ଖୁବ୍ ଆକର୍ଷଣୀୟ। କାରଣ ଏହା ଉପରେ ରହିଛି ସବୁଜ ଘାସ, ଏକ ଗଛ, ପଥର, କାଠ ଏବଂ ଘୋଡ଼ା ; ଯାହାକୁ ଦେଖିଲେ ଏକ ମନୋରମ ସବୁଜ ପ୍ରାକୃତିକ ପରିବେଶର ଭ୍ରମ ସୃଷ୍ଟି କରିଥାଏ। ପ୍ରକୃତିପ୍ରେମୀ ଯୁବପିଢ଼ିଙ୍କୁ ଏହି ଜୋତା ଅଧିକ ଆକୃଷ୍ଟ କରୁଛି। ତେବେ ଏହାକୁ ପାଦରେ ପିନ୍ଧିବା ଅପେକ୍ଷା ଶୋ' କେସ୍‌ରେ ସଜାଇବା ପାଇଁ ଅନେକେ କିଣୁଥିବା ଦେଖିବାକୁ ମିଳୁଛି।







**ସ୍ୟାଣ୍ଡୱିଚ୍ ଥଙ୍ଗ୍ସ:** ଏହି ଫୁଟ୍‌ୱେର୍‌କୁ ସ୍ୟାଣ୍ଡୱିଚ୍ ଫ୍ଲିପ୍ ଫ୍ଲପ୍ ବି କୁହାଯାଏ। ଏହି ଜୋତାଟି ଦେଖିବାକୁ ମ୍ୟାକ୍‌ଡୋନାଲ୍ଡ ହାମ୍‌ବର୍ଗର ଭଳି। ଏଥିରେ ଦୁଇଟି ବ୍ରେଡ୍ ପିସ୍ ଆକୃତିର ସ୍ପଞ୍ଜ ମଧ୍ୟରେ ମିଟ୍, ସାଲାଡ୍ ଏବଂ ଚିଜ୍ ଆକାରର ନରମ ଫୋମ୍ ଦିଆଯାଇଛି, ଯାହାକି ପାଦ ପାଇଁ ଖୁବ୍ ଆରାମଦାୟକ। ଏହା ଦେଖିବାକୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଆଇକ୍ୟାଚି। ଯୁବପିଢ଼ି ପିକ୍‌ନିକ୍ କିମ୍ବା କୌଣସି ଥିମ୍ ପାର୍ଟିରେ ଏହାକୁ ପିନ୍ଧିବାକୁ ବେଶୀ ପସନ୍ଦ କରୁଛନ୍ତି।

**ମାଟ୍ରିକ୍ ସପ୍ଲିମେଣ୍ଟାରୀ-୨ ପରୀକ୍ଷା ସାମାଜିକ ବିଜ୍ଞାନ ପରୀକ୍ଷାରେ ୧୭,୭୦୫ ଛାତ୍ରୀଛାତ୍ର ଅନୁପସ୍ଥିତ**

କଟକ ଅଫିସ : ଓଡ଼ିଶା ମାଧମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରୀ-୨ ପରୀକ୍ଷାର ଶନିବାର ଛାତ୍ରୀଛାତ୍ର ସାମାଜିକ ବିଜ୍ଞାନ ପରୀକ୍ଷା ଦେଇଥିଲେ। ତେବେ ଏଥିରେ ୧୭,୭୦୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସେଥିମଧ୍ୟରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ୧୬,୪୭୬, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ୭୦୦ ଓ ସଂସ୍କୃତ ମଧ୍ୟମାରେ ୫୨୯ ଜଣ ଅନୁପସ୍ଥିତ ଥିବା ଜଣାପଡିଛି।

# ବିଧାନସଭା କାର୍ଯ୍ୟ ଦେଖିଲେ ଓଡ଼ିଶା ରାଜସ୍ୱ ସେବାର ୫୨ ଶିକ୍ଷାନବିସ

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

ଓଡ଼ିଶା ରାଜସ୍ୱ ସେବାର ୫୨ ଜଣିଆ ଶିକ୍ଷାନବିସ ଓଡ଼ିଶା ବିଧାନସଭା ପରିଦର୍ଶନକରି ଗୃହ ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ସମ୍ବନ୍ଧରେ ଅବଗତ ହୋଇଛନ୍ତି । ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାନବିସମାନେ ବିଧାନସଭାରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏବଂ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ବାଚସ୍ପତି ଶିକ୍ଷାନବିସମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସେମାନେ ସଫଳତାର ସହ ପ୍ରଶିକ୍ଷଣ ଗ୍ରହଣ କରି ରାଜ୍ୟର ବିକାଶ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ଉପବାଚସ୍ପତି ସିଂ ଶିକ୍ଷାନବିସମାନଙ୍କୁ ରାଜ୍ୟର ଉନ୍ନତି ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଶିକ୍ଷାନବିସମାନେ ଶନିବାର ବିଧାନସଭା ଦର୍ଶକ ଗ୍ୟାଲେରିରେ ଉପସ୍ଥିତ ରହି ଗୃହକାର୍ଯ୍ୟ ଦେଖିଛନ୍ତି। ବିଧାନସଭା ସଚିବ ଦାଶରଥୀ ଶତପଥୀ ଶିକ୍ଷାନବିସମାନଙ୍କୁ ବିଧାନସଭାର ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# 'କଳାଧନ ଯେତେ ଠାବ ହେଉଛି, ସେତେ ସୃଷ୍ଟି ହେଉଛି'



ଏସ୍ଆଇଟି ବୈଠକରେ ଅଧିକାରୀମାନେ ଯୋଗଦେଇ ଫେରୁଛନ୍ତି।

**କଟକ ଅଫିସ,୧୮।୩**

ଦେଶ ତଥା ବିଦେଶରେ ଗଚ୍ଛିତ କଳାଧନ ଠାବ ପାଇଁ ଗଠିତ ଏସ୍ଆଇଟିର ନବମ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତଙ୍କ କଟକ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସବୁ ତଥ୍ୟ ହାସଲ କରିଥିବାବେଳେ କଳାଧନର ତାଲିକା ହୋଇଛି। ଏସବୁ କେଉଁଠୁ ଆସିଲା ତାହାକୁ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଜଷ୍ଟିସ ପଶାୟତ କହିଛନ୍ତି। ପାନାମା, ପାଣ୍ଡୋରା ପେପର ଲିକ୍ ମାମଲାର ଅଗ୍ରଗତି ଓ ଅସୁବିଧାଗୁଡ଼ିକ ଉପରେ ଆଲୋଚନା କରାଯାଇଛି। ଜଷ୍ଟିସ୍ ପଶାୟତ କହିଛନ୍ତି, କଳାଧନ ଯେତେ ଠାବ କରାଯାଉଛି, ସେତେ ସୃଷ୍ଟି ହେଉଛି। ଯାହା ତଦନ୍ତକାରୀ ସଂସ୍ଥାଗୁଡ଼ିକ ପାଇଁ ଏକ ଆହ୍ୱାନ ହୋଇଛି। ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ହେଉଥିବା ମାମଲାଗୁଡ଼ିକର ସମସ୍ତ ତଥ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ଆୟକର ବିଭାଗକୁ ଜଣାନ୍ତୁ। ଓଡ଼ିଶାରେ ରିଅଲ୍ ଇଷ୍ଟେଟ୍ କାରବାର ଓ କେତେକ ଶିକ୍ଷାନୁଷ୍ଠାନରେ କଳାଧନ ବିନିଯୋଗ ହୋଇଥିବା ତଦନ୍ତରୁ ଜଣାପଡ଼ିଛି।

## ଏସ୍ଆଇଟିର ନବମ ବୈଠକ

ସେହିପରି ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ନିଶା କାରବାର ବୃଦ୍ଧି ପାଉଛି। ଏହା ଚିନ୍ତାର ବିଷୟ ହୋଇଥିବାରୁ ଏଥିରେ ଲାଗୁଥିବା କଳାଧନର ଉତ୍ସ ଠାବ କରିବାକୁ ଜଷ୍ଟିସ ପଶାୟତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ତଦନ୍ତକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ସେ କହିଛନ୍ତି। ଇତିମଧ୍ୟରେ ଏସ୍ଆଇଟି ୮ଟି ଅନ୍ତରୀଣ ରିପୋର୍ଟ ସୁପ୍ରିମ୍‌କୋର୍ଟରେ ଦାଖଲ କରିସାରିଛି। ଚଳିତବର୍ଷ ଜୁନ୍ ସୁଦ୍ଧା ନବମ ରିପୋର୍ଟ ଦାଖଲ କରାଯିବ ବୋଲି ଜଷ୍ଟିସ୍ ପଶାୟତ ସୂଚନା ଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ସିବିଡିଟିର ଚେୟାରମ୍ୟାନ ନୀତିନ ଗୁପ୍ତା, ଇଡି ନିର୍ଦ୍ଦେଶକ ସଞ୍ଜୟ ମିଶ୍ର, ଜିଏସ୍‌ଟି ବରିଷ୍ଠ ଅଧିକାରୀ ସୁରଜିତ୍ ଭୁଜବଳ, ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋର ବରିଷ୍ଠ ଅଧିକାରୀ ସଞ୍ଜୟ ସିଂ, ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀ ଅମିତେନ୍ଦ୍ର ନାଥ ସିହ୍ନାଙ୍କ ସମେତ କୋଲ୍‌କାତା ଏବଂ ଓଡ଼ିଶାର ବରିଷ୍ଠ ଆୟକର ଅଧିକାରୀ, ଖଣି ବିଭାଗ ଅଧିକାରୀଙ୍କ ସମେତ ୧୫ରୁ ଅଧିକ ଅଧିକାରୀ ବୈଠକରେ ଯୋଗଦେଇଥିଲେ।

# କନ୍‌ଷ୍ଟେବଲଙ୍କ ଉପରେ ମାଡ଼ିଗଲା ଆଳୁ ଟ୍ରକ୍

**ପାଟଣା,୧୮।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଝାରବେଡ଼ା ନିକଟରେ ଜଣେ କନଷ୍ଟେବଲଙ୍କ ଉପରେ ଟ୍ରକ୍ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଦାମୁଡ଼ିଗୋଡ଼ାର ରଘୁନାଥ ମୁର୍ମୁ। ସେ ତୁରୁମୁଙ୍ଗା ଥାନାରେ କାର୍ଯ୍ୟରତ ଥିଲେ।

ସୂଚନା ଅନୁଯାୟୀ, ରଘୁନାଥ ଶନିବାର ପୂର୍ବାହ୍ନରେ ସାଇକେଲ ଯୋଗେ ଝାରବେଡ଼ାଠାରେ ରାସ୍ତା ପାରହୋଇ ଥାନାକୁ ଯାଉଥିଲେ। ଏହି ସମୟରେ କୋଲକାତାରୁ ବଲାଙ୍ଗୀର ଯାଉଥିବା ଆଳୁ ବୋଝେଇ ଟ୍ରକ୍ ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ସହ ଟ୍ରକ୍‌କୁ ପୋଲିସ ଅଟକ ରଖିଛି। ଏନେଇ ତୁରୁମୁଙ୍ଗା ଥାନାରେ (ନଂ.୪୦/୨୩) ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ତୁରୁମୁଙ୍ଗା ଥାନା ଅଧିକାରୀ ମଦନମୋହନ ନାଏକ କହିଛନ୍ତି। ମୃତ କନଷ୍ଟେବଲଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ଚାକିରି ସହ କ୍ଷତିପୂରଣ ଯୋଗାଇଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ପ୍ରକାଶଯୋଗ୍ୟ, ତୁରୁମୁଙ୍ଗା ଦେଇଯାଇଥିବା ୪ ଲେନ୍ ବିଶିଷ୍ଟ ଜାତୀୟ ରାଜପଥରେ ଅଣ୍ଡର ପାସ୍ ନ ଥିବାରୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି।




# ସ୍ୱଧାରଗୃହରୁ ନାବାଳିକା ନିଖୋଜ

**ଆନନ୍ଦପୁର,୧୮।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା ଧକୋଠାଠାରେ ଥିବା ସ୍ୱଧାରଗୃହରୁ ଜଣେ ନାବାଳିକା ନିଖୋଜ ହୋଇଯାଇଛନ୍ତି। ନାବାଳିକାଙ୍କର ଗୁରୁବାର ରାତିରୁ ପତ୍ତା ମିଳୁ ନ ଥିବା ଘସିପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସୁପରିଣ୍ଟେଣ୍ଡେଣ୍ଟ ନମିତା ସାହୁ ଗୁରୁବାର ରାତି ୭.୩୦ରୁ ୮ଟା ମଧ୍ୟରେ ନାବାଳିକାଙ୍କୁ ଖାଇବା ପାଇଁ ଡାକିବାକୁ ଯାଇଥିଲେ। ରୁମ୍‌ରେ ଉପସ୍ଥିତ ନ ଥିବା ଦେଖି ସ୍ୱଧାରଗୃହର କାଉନ୍‌ସିଲର ସୁମତୀ ସାହୁଙ୍କୁ ଜଣାଇଥିଲେ। ବହୁ ଖୋଜାଖୋଜି ପରେ ନ ପାଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସମ୍ପୃକ୍ତ ନାବାଳିକା ପୂର୍ବରୁ ଫେରାର ଥିଲେ। ତାଙ୍କୁ ରାମଚନ୍ଦ୍ରପୁର ପୋଲିସ କୋଏମ୍ବାଟୁରରୁ ଉଦ୍ଧାରକରି ସ୍ୱଧାରଗୃହରେ ଥଇଥାନ କରିଥିଲା। ଘସିପୁରା ଥାନା ଅଧିକାରୀ ବିକ୍ରମ ଭୂୟାଁ କହିଛନ୍ତି, ନାବାଳିକା ପୁନର୍ବାର ଭଲ ପାଉଥିବା ପିଲା ସହିତ ଫେରାର ହୋଇଯାଇଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଉଦ୍ଧାର କରାଯିବ ବୋଲି କହିଥିଲେ।

# ମାଙ୍କଡ଼ ବୁଲାକୁ ନେଇ ପୁଣି ଅଡୁଆରେ ଭଦ୍ର ଦମ୍ପତି

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

ମାଙ୍କଡ଼ଙ୍କୁ ନେଇ ଭିଡିଓ ଶୁଟିଂ କରି ସୋସିଆଲ ମେଡିଆରେ ପୋଷ୍ଟ କରୁଥିବା ଯାଜପୁର ଜିଲାର ମୋନାଲିସା ଓ ତାଙ୍କ ସ୍ୱାମୀ ବଦ୍ରୀ ନାରାୟଣ ଭଦ୍ର ଏବେ ପୁଣି ଅଡୁଆରେ ପଡ଼ିଛନ୍ତି। ଗତ କିଛିଦିନ ତଳେ ୩ଟି ହନୁ ମାଙ୍କଡ଼ଙ୍କୁ ଧରି ମଧ୍ୟପ୍ରଦେଶ ଯାଇ ବାଗେଶର ଧାମରେ ବୁଲା ବୁଲି କରି ଭିଡିଓକୁ ଉଭୟ ଫେସ୍‌ବୁକ ଏବଂ ୟୁଟ୍ୟୁବ୍‌ରେ ପୋଷ୍ଟ କରିଥିଲେ। ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଉକ୍ତ ଭିଡିଓକୁ ନେଇ ଭଦ୍ର ଦମ୍ପତିଙ୍କ ବିରୋଧରେ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଇମେଲ ଜରିଆରେ ଚିଠି ଲେଖିଛନ୍ତି। ଏହି ଚିଠିର ନକଲ ବନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଏବଂ ୱାଇଲ୍ଡଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋର ଅତିରିକ୍ତ ନିର୍ଦ୍ଦେଶକଙ୍କୁ ମଧ୍ୟ ଦେଇଛନ୍ତି।

ଶୁଭେନ୍ଦୁ କହିଛନ୍ତି, ହନୁ ମାଙ୍କଡ଼ ବନ୍ୟପ୍ରାଣୀ ଆଇନରେ ସଂରକ୍ଷିତ ପ୍ରାଣୀ। ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯେ କୌଣସି ବନ୍ୟପ୍ରାଣୀ ନେବାକୁ ହେଲେ ଉଭୟ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଅନୁମତି ଆବଶ୍ୟକ ହୋଇଥାଏ। ବିନା ପରିଶ୍ରମରେ ଡ୍ରାମା କରି ସୋସିଆଲ ମିଡିଆରୁ ଟଙ୍କା ରୋଜଗାର ହେଉଥିବାରୁ ଭଦ୍ର ଦମ୍ପତି ଏଭଳି ପନ୍ଥା ଆପଣେଇଛନ୍ତି। ତେଣୁ ତାଙ୍କର ବେଆଇନ ରୋଜଗାର ଅର୍ଥ ବା ସମ୍ପତ୍ତିକୁ ଜବତ କରିବା ଉଚିତ। ବନ୍ୟପ୍ରାଣୀ ଆଇନ ଯୋଗୁ ମାଙ୍କଡ଼ ନାଚ ବନ୍ଦ ହେଲା। ଫଳରେ ମାଙ୍କଡ଼ିଆ କେଳାମାନେ ଜୀବିକା ହରେଇଲେ। ହେଲେ ଭଦ୍ର ଦମ୍ପତିଙ୍କ ଖୁଲମଖୁଲା ଏପରି ବେଆଇନ କାମ ଯୋଗୁ ଅନ୍ୟମାନେ ମଧ୍ୟ ବନ୍ୟପ୍ରାଣୀଙ୍କ ସହିତ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିବା ପାଇଁ ପ୍ରୋତ୍ସାହନ ପାଉଛନ୍ତି ବୋଲି ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଶୁଭେନ୍ଦୁ ଆହୁରି ମଧ୍ୟ କହିଛନ୍ତି, ଏହି ଦମ୍ପତି ପୂର୍ବରୁ ମଧ୍ୟ ମାଙ୍କଡ଼ ନାଚ, ନାଗ ସାପ ଦାନ୍ତ ଭାଙ୍ଗିବା, ସାପକୁ ବେକରେ ପକାଇ ନାଗିନ ଡ୍ୟାନ୍ସ ଭିଡିଓ ଶୁଟିଂ କରି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ରାଜ୍ୟ ବନବିଭାଗ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସେ ଏଭଳି କାମ କରିବାକୁ ସାହସ ପାଉଛନ୍ତି ବୋଲି ଶୁଭେନ୍ଦୁ କହିଛନ୍ତି। ଏହି ଅଭିଯୋଗ ଆଧାରରେ ବନ ବିଭାଗ ପଦକ୍ଷେପ ନେବାକୁ ଅଣ୍ଟା ଭିଡିଥିବା ସୂଚନା ମିଳିଛି।













# ଜଙ୍ଗଲ କାଟିବା ଅଭିଯୋଗରେ ଯୁବକଙ୍କୁ ଗୁଳିକରି ହତ୍ୟା

**ରାଇଘର, ୧୮।୩(ଡି.ଏନ୍.ଏ.)**

- ରାଇଘରରେ ବଢ଼ୁଛି ମାଓବାଦୀ ହିଂସା
- ୨୩ରେ ଖାଲେପରାର ଚନ୍ଦନ ମଲ୍ଲିକଙ୍କୁ ଘରୁ ଡାକିନେଇ ହତ୍ୟା କରିଥିଲେ

ନବରଙ୍ଗପୁର ଜିଲା ରାଇଘର ଅଞ୍ଚଳରେ ମାଓବାଦୀମାନେ ଗୋଟିଏ ପରେ ଗୋଟିଏ ହିଂସା ଘଟାଇ ଚାଲିଛନ୍ତି। ଗତ ୨୩ ତାରିଖରେ ମାଓବାଦୀ ହାତୀଗାଁ ପଞ୍ଚାୟତର ଖାଲେପରା ଗ୍ରାମର ଚନ୍ଦନ ମଲ୍ଲିକଙ୍କୁ ଘରୁ ଡାକିନେଇ ହତ୍ୟା କରିଥିବାବେଳେ ଶୁକ୍ରବାର ରାତିରେ ନାକଟିସିମୋଡା ପଞ୍ଚାୟତ ଲକ୍ଷ୍ମଣପୁର ଗ୍ରାମର ନାରାୟଣ ନାଗେଶ(୩୮)ଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଜଙ୍ଗଲ କାଟି ଗ୍ରାମ ବସାଇବା ଅଭିଯୋଗରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି ବୋଲି ଘଟଣାସ୍ଥଳରେ ପଡ଼ିଥିବା ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ମୈନପୁର-ନୂଆପଡ଼ା ଡିଭିଜନାଲ ମାଓବାଦୀ କମିଟି ପକ୍ଷରୁ ଏହି ହତ୍ୟା କରାଯାଇଛି ବୋଲି ପୋଷ୍ଟରରେ ଉଲେଖ ରହିଛି।

ନାରାୟଣଙ୍କ ସ୍ତ୍ରୀଙ୍କ କହିବାନୁଯାୟୀ ଶୁକ୍ରବାର ରାତି ୯ଟାରେ ପରିବାରର ସମସ୍ତେ ଖାଇସାରି ଘର ଅଗଣାରେ ବସିଥିଲେ। ସେହି ସମୟରେ ୩ଜଣ ମାଓବାଦୀ ଗ୍ରାମର କେତେଜଣ ଲୋକଙ୍କୁ ଡକାଇ ନାରାୟଣଙ୍କ ପାଖରେ ବସି ପିଇବାକୁ ପାଣି ମାଗିଥିଲେ। ପାଣି ପିଇ ସାରିବା ପରେ ନାରାୟଣଙ୍କୁ ହଠାତ୍ ଗୁଳି କରିଥିଲେ। ଏହାପରେ ପାଖରେ ଥିବା ସମସ୍ତେ ଦୌଡ଼ି ପଳାଇଥିଲେ। ଏହାପରେ ନାରାୟଣଙ୍କୁ ଆଉ ଗୋଟିଏ ଗୁଳି ମାଓବାଦୀମାନେ ମାରିଥିଲେ। ତଳେ ପଡ଼ିଯିବା ପରେ ମୃତଦେହ ଚାରିପଟେ ପୋଷ୍ଟର ଫିଙ୍ଗି ସେମାନେ ପଳାଇଥିଲେ। ନାରାୟଣ ଜଙ୍ଗଲ କାଟି ଗ୍ରାମ ବସାଉଥିବାରୁ ତାଙ୍କୁ ହତ୍ୟା କରାଯାଇଛି। ଜଙ୍ଗଲ ନ କାଟିବାକୁ ଚେତାବନୀ ଦିଆଯାଇଥିବାବେଳେ ନାରାୟଣ ତାହାକୁ ଅବମାନନା କରିଥିବାରୁ ସେହି ଅଭିଯୋଗରେ ହତ୍ୟା କରାଗଲା ବୋଲି ଉକ୍ତ ପୋଷ୍ଟରରେ ଲେଖାଯାଇଛି। ସୀମିଡ଼ାର ନରସିଂହ ନାଗେଶ, ପାଲକୁ ରାମ୍ ନାଗେଶ, ବୁଧୁରାମ୍ ନଗେଶ, ସୁକୁଡୁ ଗୌଡ଼, ଆଶାରାମ ଗୌଡ଼, ରାମ୍ ଗୌଡ଼, କୁସୁମପୁର ଗ୍ରାମର ସନ୍ତୁରାମ୍ ଗୌଡ଼ ଓ ସତ୍ୟ ଗୌଡ଼ ଜଙ୍ଗଲ କାଟୁଛନ୍ତି। ସେମାନଙ୍କୁ ଜଙ୍ଗଲ ଜମି ଏବଂ ଜଙ୍ଗଲ ମଧ୍ୟରେ ବସିଥିବା ନୂଆବସ୍ତିକୁ ଛାଡ଼ିବାକୁ ମାଓବାଦୀ ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ରାଇଘର ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ମୃତକ ନାରାୟଣଙ୍କ ବାପା ଲକ୍ଷ୍ମଣ ନଗେଶଙ୍କୁ ହାତୀଗାଁ ଜଙ୍ଗଲରେ ୨୦୦୯ରେ ମାଓବାଦୀମାନେ ହତ୍ୟା କରିଥିଲେ।




ମୃତଦେହ ନିକଟରେ ମାଓବାଦୀମାନେ ଛାଡ଼ିଯାଇଥିବା ପୋଷ୍ଟର।









# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ବିଶାଖାପାଟଣା, ୧୮।୩(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ରବିବାର ବିଶାଖାପାଟଣାରେ ଖେଳାଯିବ। ୱାଙ୍ଖେଡେରେ ସଂଘର୍ଷପୂର୍ଣ୍ଣ ବିଜୟ ପରେ ଲୋକେଶ ରାହୁଲ ଏବଂ ରବୀନ୍ଦ୍ର ଜାଡେଜାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ପ୍ରଥମ ଦିନିକିଆ ଖେଳି ନ ଥିବା ନିୟମିତ ଅଧିନାୟକ ରୋହିତ ଶର୍ମା ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ୱାଙ୍ଖେଡେର ଲୋ ସ୍କୋରିଂ ମ୍ୟାଚରେ ରାହୁଲଙ୍କ ଧୈର୍ଯ୍ୟପୂର୍ଣ୍ଣ ୭୫ ରନ୍ ବଳରେ ଭାରତ ୫ ଉଇକେଟରେ ମ୍ୟାଚ ଜିତି ନେଇଥିଲା। ଅନ୍ୟପକ୍ଷରେ ଦୀର୍ଘ ୮ ମାସ ବ୍ୟବଧାନ ପରେ ଦିନିକିଆ ମ୍ୟାଚ୍ ଖେଳୁଥିବା ଜାଡେଜା ଉଭୟ ବ୍ୟାଟ୍ ଓ ବଲ୍‌ରେ ସନ୍ତୁଳିତ ପ୍ରଦର୍ଶନ କରିଥିଲେ। ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିବା ଜାଡେଜା ବୋଲିଂରେ ୨ ଉଇକେଟ ନେଇଥିବା ବେଳେ ବ୍ୟାଟିଂରେ ଅପରାଜିତ ୪୫ ରନ୍ କରିଥିଲେ। ଭାରତରେ ହେବାକୁ ଥିବା ଦିନିକିଆ ବିଶ୍ୱକପକୁ ଆଉ ୬ ମାସରୁ କମ୍ ସମୟ ରହିଥିବା ବେଳେ ଏହି ଦୁଇ ଖେଳାଳି ଭାରତର ପ୍ରମୁଖ ଅସ୍ତ୍ର ସାବ୍ୟସ୍ତ ହେବେ। ଏହା ବ୍ୟତୀତ ଅଧିନାୟକ ରୋହିତ ଶର୍ମାଙ୍କ ପ୍ରତ୍ୟାବର୍ତ୍ତନ ଭାରତୀୟ ଟପ୍ ଅର୍ଡର ପାଇଁ ଆଉ ଏକ ଶୁଭ ସଙ୍କେତ। ମିଚେଲ ଷ୍ଟାର୍କଙ୍କ ବୋଲିଂରେ ଅସହଜ ମନେ ହୋଇଥିବା ଭାରତୀୟ ବ୍ୟାଟିଂକୁ ଏହା ଶକ୍ତ କରିବ। ତେବେ ରୋହିତଙ୍କ ପ୍ରତ୍ୟାବର୍ତ୍ତନ କାରଣରୁ ଇଶାନ କିଶନଙ୍କୁ ବାହାରେ ବସିବାକୁ ପଡିବ। ଷ୍ଟାର୍କ ଶୁକ୍ରବାର ଘାତକ ବୋଲିଂ କରିବା ସହିତ ବିରାଟ କୋହଲି(୪), ସୂର୍ଯ୍ୟକୁମାର ଯାଦବ(୦) ଓ ଶୁବମାନ ଗିଲ୍(୨୦)ଙ୍କୁ ଆଉଟ କରିଥିଲେ। ଭାରତୀୟ ବ୍ୟାଟର ବାମହାତୀ ପେସ୍ ବୋଲରଙ୍କ ସାମ୍ନାରେ ନିଷ୍ପ୍ରଭ ମନେହେଉଥିବା ବେଳେ ଆଗାମୀ ଦୁଇ ମ୍ୟାଚରେ ଷ୍ଟାର୍କଙ୍କୁ ଖେଳି ଭାରତୀୟ ଖେଳାଳି ଏହି ଅଭିଜ୍ଞତା ହାସଲ କରିବେ। ଅକ୍ଟୋବର-ନଭେମ୍ବରରେ ହେବାକୁ ଥିବା ଦିନିକିଆ ବିଶ୍ୱକପ୍‌ରେ ଏହା ଭାରତୀୟ ଖେଳାଳିଙ୍କ ପାଇଁ ଲାଭଦାୟକ ହେବ। କୋହଲି ଓ ଗିଲ୍‌ଙ୍କ ଲୋ ସ୍କୋର ଭାରତ ପାଇଁ ଚିନ୍ତାଜନକ ନ ଥିବା ବେଳେ ଦିନିକିଆ କ୍ରିକେଟରେ ସୂର୍ଯ୍ୟକୁମାର ଯାଦବଙ୍କ ନିୟମିତ ବିଫଳତା ଭାରତ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଭାରତୀୟ ବୋଲିଂ ଲାଇନଅପ୍ ବେଶ୍ ଚମତ୍କାର ରହିଥିବା ବେଳେ ଏଥିରେ ପରିବର୍ତ୍ତନର କୌଣସି ଆବଶ୍ୟକତା ନାହିଁ। ୱାଙ୍ଖେଡେରେ ମହମ୍ମଦ ଶାମି ଓ ମହମ୍ମଦ ସିରାଜ ଚମତ୍କାର ବୋଲିଂ କରିଥିବା ବେଳେ ତୃତୀୟ ପେସ୍ ବୋଲର ଭୂମିକାରେ ନଜର ଆସିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଜାଡେଜା ଭଲ ବୋଲିଂ କରିଥିବା ବେଳେ କୁଲଦୀପ ଯାଦବ ଓ ଶାର୍ଦ୍ଦୁଳ ଠାକୁର ଆଭରେଜ ବୋଲିଂ କରିଥିଲେ। ତେବେ ସମାନ ବୋଲିଂ ଲାଇନ୍ ଅପ୍ ସହ ଭାରତ ଓହ୍ଲାଇବାକୁ ଚାହିଁବ। ପ୍ରଥମ ଦିନିକିଆରେ ୪ ଜଣ ଅଲରାଉଣ୍ଡରଙ୍କୁ ଖେଳାଇଥିଲେ ମଧ୍ୟ ଭାରତ ଉପରେ ଚାପ ସୃଷ୍ଟି କରିବାରେ ଅଷ୍ଟ୍ରେଲିଆ ବିଫଳ ହୋଇଥିଲା। ଏହା ଅଧିନାୟକ ଷ୍ଟିଭ୍ ସ୍ମିଥଙ୍କ ପାଇଁ ଚିନ୍ତାର କାରଣ ପାଲଟିବ।

**ଆଜି ଦ୍ୱିତୀୟ ଦିନିକିଆ**

ମ୍ୟାଚ୍ ସ୍ଥାନ-ୱାଇଏସ୍ଆର ରେଡ୍ଡୀ ଷ୍ଟାଡିୟମ, ବିଶାଖାପାଟଣା, ସମୟ: ଅପରାହ୍ଣ ୧.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ସର୍ବଭାରତୀୟ ରେଲୱେ ହକିରେ ନିଶାନ ଅମ୍ପାୟର



**ଭୁବନେଶ୍ୱର, ୧୮।୩ (କ୍ରୀଡ଼ା ପ୍ରତିନିଧି):** ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ୮୦ତମ ସର୍ବଭାରତୀୟ ରେଲୱେ ହକି (ପୁରୁଷ) ଚାମ୍ପିୟନଶିପ୍‌ର ଲିଗ୍ ପର୍ଯ୍ୟାୟ ଚଳିତମାସ ୨୦ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ନକ୍ଆଉଟ ପର୍ଯ୍ୟାୟ ୨୮ରୁ ୩୧ ପର୍ଯ୍ୟନ୍ତ ପଞ୍ଜାବର କପୁରତାଲାରେ ଆୟୋଜନ ହେବ। ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆରଏସ୍‌ପିବି) ଆନୁକୂଲ୍ୟରେ ଆୟୋଜନ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତି ଅମ୍ପାୟର ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ନିଶାନ ଏହି ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବିଭାଗରେ ଏକାଧିକଥର ଅମ୍ପାୟର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦକ କରିଥିବାରୁ ତାଙ୍କ ଉପରେ ପୁଣି ଆସ୍ଥା ସ୍ଥାପନ କରାଯାଇଛି। ଏହା ବ୍ୟତୀତ ସେ ଅନେକଥର ଜାତୀୟ ଓ ଅନ୍ତର୍ଜାତୀୟ ହକି ମ୍ୟାଚରେ ଜଜ୍, ଅମ୍ପାୟର ଓ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ତୁଲାଇବାର ଅଭିଜ୍ଞତା ରଖିଛନ୍ତି।

## ଭୋପାଳର ବର୍କାତୁଲା ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର, ୧୮।୩ (କ୍ରୀଡ଼ା ପ୍ରତିନିଧି):** ପଶ୍ଚିମାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ମହିଳା) ଟୁର୍ନାମେଣ୍ଟ ଉଦ୍‌ଯାପିତ ଶନିବାର କିଟ୍ ପରିସରରେ ଉଦ୍‌ଯାପିତ ହୋଇଛି। ଏଥିରେ ଭୋପାଳର ବର୍କାତୁଲା ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଓ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ରନରଅପ୍ ହୋଇଛି। କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟ ତୃତୀୟ ଓ ଜୟପୁରର ୟୁନିଭର୍ସିଟି ଅଫ୍ ରାଜସ୍ଥାନ ଚତୁର୍ଥସ୍ଥାନ ଅଧିକାର କରିଛି। ରାଷ୍ଟ୍ରୀୟ ଜନତା ଦଳର ମୁଖପାତ୍ର ମୃତ୍ୟୁଞ୍ଜୟ ତିୱାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପଶ୍ଚିମାଞ୍ଚଳର ମୋଟ ୩୪ଟି ବିଶ୍ୱବିଦ୍ୟାଳୟ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟରେ ପ୍ରଥମଥରପାଇଁ ମ୍ୟାଚ ଫ୍ଲଡଲାଇଟ୍‌ରେ ଅନୁଷ୍ଠିତ ହୋଇଥିଲା।



ଇଣ୍ଡିଆନ୍ ସୁପର୍ ଲିଗ୍ ଚାମ୍ପିୟନ ଏଟିକେ ମୋହନ ବାଗାନ ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

# ଏଟିକେ ମୋହନ ବାଗାନକୁ ଟାଇଟଲ୍

**ଇଣ୍ଡିଆନ୍ ସୁପର୍ ଲିଗ୍**

**ପଣଜୀ, ୧୮।୩**

ଇଣ୍ଡିଆନ୍ ସୁପର ଲିଗ୍‌ରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଏଟିକେ ମୋହନ ବାଗାନ୍ (ଏଟିକେଏମ୍‌ବି)। ଗୋଲକିପର ବିଶାଲ କେଥଙ୍କ ଚମତ୍କାର ପ୍ରଦର୍ଶନ ବଳରେ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ବେଳେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଏଟିକେଏମ୍‌ବି। ପୂର୍ବରୁ ଆଟଲେଟିକୋ କୋଲକାତା ୨୦୧୪, ୨୦୧୬ ଓ ୨୦୨୦ରେ ୩ଥର ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା। ଅନ୍ୟ ପକ୍ଷରେ ଦ୍ୱିତୀୟ ଥର ଫାଇନାଲରେ ପ୍ରବେଶ କରିଥିବା ବେଙ୍ଗାଲୁରୁକୁ ନିରାଶ ହେବାକୁ ପଡିଛି। ନିର୍ଦ୍ଧାରିତ ସମୟ ଓ ଅତିରିକ୍ତ ସମୟ ସୁଦ୍ଧା ମ୍ୟାଚ୍ ୨-୨ରେ ରହିବାପରେ ପେନାଲ୍ଟି ଶୁଟ୍ ଆଉଟର ସାହାରା ନିଆଯାଇଥିଲା। ଶୁଟଆଉଟରେ ବେଙ୍ଗାଲୁରୁ ପକ୍ଷରୁ ଆଲାନ୍ କୋଷ୍ଟା,ରୟ କ୍ରିଷ୍ଣା ଓ ସୁନୀଲ ଛେତ୍ରୀ ସ୍କୋର କରିଥିବା ବେଳେ ବି. ରାମିରେଜ ଓ ପେରେଜ ଶଟ୍ ମିସ୍ କରିଥିଲେ। ଅନ୍ୟପକ୍ଷରେ ଲିଷ୍ଟନ କୋଲାକୋ, କିୟାନ୍, ମାନବୀର ସିଂ ଓ ଦିମିତ୍ରି ପେଟ୍ରାଟୋସ୍ ଗୋଲ୍ ଦେଇଥିବା ବେଳେ ପଞ୍ଚମ ଶଟ୍‌ର ଆବଶ୍ୟକତା ପଡିନଥିଲା। ନିର୍ଦ୍ଧାରିତ ସମୟରେ ଏଟିକେ ମୋହନବାଗାନ ପକ୍ଷରୁ ଦିମିତ୍ରି ପେଟ୍ରାଟୋସ୍(୧୪ ଓ ୮୫ ମିନିଟ୍) ଡବଲ୍ ଗୋଲ୍ ସ୍କୋର କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ସୁନୀଲ ଛେତ୍ରୀ(୪୫+୫) ଓ ରୟ କ୍ରିଷ୍ଣା(୭୮) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ରେ ରହିବା ପରେ ୩୦ ମିନିଟର ଅତିରିକ୍ତ ସମୟ ନିଆଯାଇଥିଲା। ଅତିରିକ୍ତ ସମୟରେ ମଧ୍ୟ କୌଣସି ଦଳ ଗୋଲ ସ୍କୋର କରି ପାରିନଥିଲେ।

### ମରିସିଓଙ୍କୁ ଗୋଲ୍ଡେନ୍ ବୁଟ୍

ଇଣ୍ଡିଆନ୍ ସୁପର ଲିଗ୍ ଉଦ୍‌ଯାପିତ ହୋଇଥିବା ବେଳେ ଓଡ଼ିଶା ଏଫ୍‌ସି ଫରୱାର୍ଡ ଖେଳାଳି ଡିଏଗୋ ମରିସିଓଙ୍କୁ ମିଳିଛି ଗୋଲ୍ଡେନ୍ ବୁଟ୍। ଚଳିତ ସିଜନରେ ୨୧ ମ୍ୟାଚ୍ ଖେଳି ମରିସିଓ ୧୨ ଗୋଲ ଦେଇଥିବା ବେଳେ ୪ ଆସିଷ୍ଟ କରିଛନ୍ତି। ଇଷ୍ଟବେଙ୍ଗଲର କ୍ଲେଟନ୍ ସିଲ୍‌ଭା ସମାନ ୧୨ ଗୋଲ୍ ଦେଇଥିଲେ ମଧ୍ୟ ଗୋଟିଏ ଆସିଷ୍ଟରେ ସାମିଲ ଅଛନ୍ତି। ସେହିପରି ଚାମ୍ପିୟନ୍ ଏଟିକେ ମୋହନ ବାଗାନର ଗୋଲକିପର ବିଶାଲ କେଥ୍‌ଙ୍କୁ ଗୋଲ୍ଡେନ୍ ଗ୍ଲୋଭ୍ ପୁରସ୍କାର ପ୍ରଦାନ କରାଯାଇଛି।



ପୁଣେରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

## ପୂର୍ବାଞ୍ଚଳ ଏଜି ହକି ୨୦ରୁ

**ଭୁବନେଶ୍ୱର, ୧୮।୩ (କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ପ୍ରଧାନ ମହାଲେଖାକାର (ଅଡିଟ) ଆନୁକୂଲ୍ୟରେ ପୂର୍ବାଞ୍ଚଳ ଅଡିଟ ଓ ଆକାଉଣ୍ଟସ ହକି ଟର୍ନାମେଣ୍ଟ ଚଳିତମାସ ୨୦ ଓ ୨୧ ତାରିଖ ଦୁଇଦିନ ଧରି କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଆୟୋଜକ ଓଡିଶା ସହ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଦଳ ଭାଗନେବ।

**ଜାତୀୟ ପାରା ଆଥଲେଟିକ୍ସ**

# ଜୟନ୍ତୀ, ପଙ୍କଜଙ୍କୁ ସ୍ୱର୍ଣ୍ଣ

■ ପ୍ରଥମ ଦିବସରେ ଓଡ଼ିଶାକୁ ୪ ପଦକ

**ଭୁବନେଶ୍ୱର, ୧୮।୩ (କ୍ରୀଡ଼ା ପ୍ରତିନିଧି)**

ପୁଣେର ବାଲେୱାଡ଼ିସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆରମ୍ଭ ହୋଇଥିବା ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଓଡ଼ିଶା ପ୍ରତିଯୋଗୀ ୪ଟି ପଦକ ହାସଲ କରିଛନ୍ତି। ମହିଳା ଟି୪୭ ବର୍ଗର ୪୦୦ ମିଟର ରେସ୍‌ରେ ଜୟନ୍ତୀ ବେହେରା ୧:୦୨.୨୧ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ମହାରାଷ୍ଟ୍ରର ରୁତୁଜା କିଶୋର କାୱାଥାଲେ (୧:୧୦.୫୬) ଓ ଝାଡ଼ଖଣ୍ଡର କାଜଲ କୁମାରୀ (୧:୧୩.୧୩) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ପୁରୁଷ ଲଙ୍ଗଜମ୍ପ ଟି-୧୩ ବର୍ଗରେ ପଙ୍କଜ ଭୁଏ ୫.୬୦ ମିଟର କ୍ଲିୟର କରି ସ୍ୱର୍ଣ୍ଣ ଏବଂ ମଙ୍ଗତ ହେମ୍ବ୍ରମ ୫.୩୩ ମିଟର ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆନ୍ଧ୍ର ପ୍ରଦେଶର ବୋଡୁ ଶ୍ରୀହରି ୫.୪୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଛନ୍ତି। ଆଉଜଣେ ଓଡ଼ିଶା ଆଥଲେଟ୍ ଅର୍ଜୁନ ଭଦ୍ରା ଟି୧୨ ବର୍ଗର ୪୦୦ ମିଟର ଇଭେଣ୍ଟରେ ୫୭.୪୧ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଇଭେଣ୍ଟରେ ଦିଲ୍ଲୀର ମହମ୍ମଦ ଅରିଫ ସ୍ୱର୍ଣ୍ଣ ଓ ଭୋଲା ରାମ୍ ରୌପ୍ୟ ପଦକ ହାସଲ କରିଛନ୍ତି।

## ନୀତୁ, ପ୍ରୀତି, ମଞ୍ଜୁ ପ୍ରି-କ୍ୱାର୍ଟରରେ

**ନୂଆଦିଲ୍ଲୀ, ୧୮।୩ (ପି.ଟି.):** ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ବକ୍ସରମାନେ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଶନିବାର ୩ ଜଣ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ନୀତୁ ଗଙ୍ଘାସ (୪୮କେଜି) କୋରିଆର ଡୋୟେନ୍ କାଙ୍ଗ୍‌ଙ୍କ ବିପକ୍ଷରେ ଏକ ଆରଏସ୍‌ସି ବିଜୟ ହାସଲ କରିଥିବା ବେଳେ ପ୍ରୀତି ରୋମାନିଆର ଲାକ୍ରାମିଓରା ପେରିଜୋକ୍‌ଙ୍କୁ ୪-୩ ବିଭାଜିତ ନିଷ୍ପତ୍ତିରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ମଞ୍ଜୁ ବାମ୍ବୋରିୟା (୬୬କେଜି) ସର୍ବସମ୍ମତି ରାୟରେ ନ୍ୟୁଜିଲାଣ୍ଡର କାରା ୱାରେରୁଙ୍କୁ ୫-୦ରେ ହରାଇ ଦେଇଛନ୍ତି।

# ଡି'ଭିଲର୍ସ, ଗେଲ୍‌ଙ୍କ ଜର୍ସି ନମ୍ବରକୁ ଅବ୍ୟାହତି ଦେବ ଆର୍‌ସିବି

**ବେଙ୍ଗାଲୁରୁ, ୧୮।୩ (ପି.ଟି.)**

ଆସନ୍ତା ୨୬ତାରିଖରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ହଲ୍ ଅଫ୍ ଫେମ୍ ତାଲିକାରେ ଏବି ଡି' ଭିଲର୍ସ ଓ କ୍ରିସ୍ ଗେଲ୍‌ଙ୍କ ନାମ ସ୍ଥାନ ପାଇବ। ଏହା ପରେ ଦୁଇ ଖେଳାଳି ବ୍ୟବହାର କରୁଥିବା ଜର୍ସି ନମ୍ବରକୁ ଆର୍‌ସିବି ଅବ୍ୟାହତି ଦେବ। ଆଇପିଏଲ୍‌ରେ ଡି'ଭିଲର୍ସ ଆର୍‌ସିବି ତରଫରୁ ୧୧ସିଜନ (୨୦୧୧-୨୦୨୧) ଖେଳିଥିଲେ। ସେ ଜର୍ସି ନମ୍ବର ୧୭ ବ୍ୟବହାର କରିଆସୁଥିଲେ। ଫ୍ରାଞ୍ଚାଇଜ୍ ପାଇଁ ସେ ୧୫୬ ମ୍ୟାଚ ଖେଳି ୪,୪୯୧ ରନ ସଂଗ୍ରହ କରିଥିଲେ। ଦକ୍ଷିଣ ଆଫ୍ରିକାର ଏହି କ୍ରିକେଟର ଆରସିବି ପାଇଁ ୩୭ ଅର୍ଦ୍ଧଶତକ ୨ ଶତକ ହାସଲ କରିଥିଲେ। ୨୦୧୫ରେ ସେ ତାଙ୍କର ସର୍ବାଧିକ ସ୍କୋର ୧୩୩ ରନ କରିଥିଲେ।

## ଆର୍‌ସିବିର ଦ୍ୱିତୀୟ ବିଜୟ

**ମୁମ୍ବାଇ, ୧୮।୩**

ସୋଫି ଡିଭାଇନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଶନିବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସକୁ ୮ ଉଇକେଟରେ ପରାସ୍ତ କରିଛି। ହାଇସ୍କୋରିଂ ମ୍ୟାଚରେ ୧୮୯ ରନର ବିଜୟ ଲକ୍ଷ୍ୟକୁ ଆରସିବି ୧୫.୩ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ୩୯ ବଲ୍‌ରୁ ୯୯ (୯ ଚୌକା, ୮ ଛକା) ରନରେ ଆଉଟ ହେବାରୁ ଡିଭାଇନ୍ ମାତ୍ର ୧ ରନପାଇଁ ଶତକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ସେ ଓ ଅଧିନାୟିକା ସ୍ମୃତି ମନ୍ଧାନା (୩୭ ରନ) ଓପନିଂ ଯୋଡ଼ିରେ ୧୨୫ ରନ ସଂଗ୍ରହ କରି ବିଜୟ ପଥ ପରିଷ୍କାର କରିଥିଲେ। ଲୌରା ଉଲଭରଡଟ୍‌ଙ୍କ ୬୮ ରନ ସହାୟତାରେ ଗୁଜରାଟ ୪ ଉଇକେଟ ହରାଇ ୧୮୮ ରନ କରିଥିଲା। ଡିଭାଇନ୍ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

## ମୁମ୍ବାଇର ପରାଜୟ

ୟୁପି ୱାରିୟର୍ଜ ୫ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ୬ ମ୍ୟାଚରେ ମୁମ୍ବାଇର ଏହାଥିଲା ପ୍ରଥମ ପରାଜୟ। ମୁମ୍ବାଇ ୨୦ ଓଭରରେ ୧୨୭ ରନରେ ଅଲଆଉଟ ହୋଇଥିବାବେଳେ ୱାରିୟର୍ଜ ୧୯.୩ ଓଭରରେ ୫ ଉଇକେଟ ହରାଇ ୧୨୯ ରନ୍ ସଂଗ୍ରହ କରି ନେଇଥିଲା ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଦୀପ୍ତି ଶର୍ମାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# କିଟ୍, ସମ୍ବଲପୁର, ବଲାଙ୍ଗୀରର ବୃହତ୍ ବିଜୟ

**କଳାହାଣ୍ଡି କପ୍**

■ ଶିବାଂଶ, କ୍ରିଷ୍ଣାଙ୍କୁ ୬ ଉଇକେଟ: ଶୈଳେଶ, ଅଂଶୁମାନଙ୍କ ଶତକ

**ଭୁବନେଶ୍ୱର, ୧୮।୩ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ୬ଟି ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଛି। ଏଥି ମଧ୍ୟରୁ କିଟ୍, ସମ୍ବଲପୁର ଓ ବଲାଙ୍ଗୀର ଦଳ ବୃହତ୍ ବିଜୟ ହାସଲ କରିଛି। କିଟ୍‌ର ଶିବାଂଶ ସାହୁ ଓ ସୋନପୁରର କେ.ଜି. କ୍ରିଷ୍ଣା ୬ ଉଇକେଟ ସଫଳତା ପାଇଥିବାବେଳେ ବଲାଙ୍ଗୀରର ଶୈଳେଶ ପଟ୍ଟନାୟକ ଓ ଅଂଶୁମାନ ମିଶ୍ର ଶତକ ହାସଲ କରିଛନ୍ତି।

ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ୧୫୨ ରନରେ ବରଗଡ଼କୁ ପରାସ୍ତ କରିଛି। ସମ୍ବଲପୁର ୪୪.୪ ଓଭରରେ ୨୪୧ ରନକରି ଅଲ୍‌ଆଉଟ ହୋଇଥିବାବେଳେ ବରଗଡ଼ ୨୮ ଓଭରରେ ମାତ୍ର ୮୯ ରନ ମଧ୍ୟରେ ସମସ୍ତ ଉଇକେଟ ହରାଇଥିଲା। ଅଡ଼ଶପୁର ପଡ଼ିଆରେ କିଟ୍ ଦଳ ବୃହତ୍ ବ୍ୟବଧାନ ୨୧୭ ରନରେ ନବରଙ୍ଗପୁରକୁ ପରାସ୍ତ କରିଛି। କିଟ୍ ୫୦ ଓଭରରେ ୮ ଉଇକେଟ ହରାଇ ୩୦୦ ରନ କରିଥିଲା। ନବରଙ୍ଗପୁର ୨୬ ଓଭରରେ ମାତ୍ର ୮୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଏମ୍‌ଜିଏମ୍ ଏସ୍‌ଓଏସ୍ ଗ୍ରାଉଣ୍ଡରେ ଅନୁଗୋଳ ୭ ଉଇକେଟରେ ବୌଦ୍ଧକୁ ହରାଇ ଦେଇଥିଲା। ତ୍ରିସ୍ମ କ୍ରିକେଟ ଷ୍ଟାଡିୟମରେ କୋରାପୁଟ ୫ ଉଇକେଟରେ ଦେବଗଡ଼କୁ ହରାଇଥିଲା। ଦେବଗଡ଼ ୪୪.୪ ଓଭରରେ ୨୨୨ ରନରେ ସୀମିତ ରହିଥିବାବେଳେ କୋରାପୁଟ ୪୩.୧ ଓଭରରେ ୫ ଉଇକେଟ ହରାଇ ୨୨୮ ରନ ସଂଗ୍ରହ କରିଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ବଲାଙ୍ଗୀର ୧୨୬ ରନରେ କଳାହାଣ୍ଡିକୁ ପରାସ୍ତ କରିଥିଲା। ବଲାଙ୍ଗୀରର ୩୩୦/୫ (୫୦ ଓଭର) ଜବାବରେ କଳାହାଣ୍ଡି ୨୦୪/ଅଲ୍‌ଆଉଟ (୪୬.୧ ଓଭର) ହୋଇଥିଲା। ବିଜୟୀ ଦଳର ଶୈଳେଶ ପଟ୍ଟନାୟକ ୧୪୨ ବଲ୍‌ରୁ ୧୨୫ ଓ ଅଂଶୁମାନ ମିଶ୍ର ୮୫ ବଲ୍‌ରୁ ୧୦୭ ରନ ସ୍କୋର କରିଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ସୋନପୁର ୫୦ ରନରେ ରାୟଗଡ଼ାକୁ ପରାସ୍ତ କରିଥିଲା।


କେ.ଜି. କ୍ରିଷ୍ଣା


ଶିବାଂଶ ସାହୁ


ଶୈଳେଶ ପଟ୍ଟନାୟକ







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ